


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 52 | ଭାଗ ୩୪ | ସଂଖ୍ୟା ୫୨ | Bhubaneswar | Thursday 15 May 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୧୫ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




## ଡ୍ରୋନ୍‌କୁ ଟକ୍କର ଦେବ 'ଭାର୍ଗବାସ୍ତ୍ର'

● ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ
● ମହାଭାରତରୁ ମିଳିଛି ପ୍ରେରଣା

**ନୂଆଦିଲ୍ଲୀ ୧୪।୫:** ଭାରତ ଏବେ ଡ୍ରୋନ ବିପଦକୁ ରୋକିବା ପାଇଁ ଏକ ନୂଆ ତଥା ସ୍ୱଳ୍ପ ବ୍ୟୟର ସମାଧାନ ଖୋଜି ବାହାର କରିଛି। 'ଭାର୍ଗବାସ୍ତ୍ର' ନାମକ ଏହି ହାର୍ଡ କିଲ ମୋଡ କାଉଣ୍ଟର ଡ୍ରୋନ ଡିଫେନ୍ସ ସିଷ୍ଟମକୁ ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡ (ଏସଡିଏଲ) ଡିଜାଇନ ଓ ବିକଶିତ କରିଛନ୍ତି। ଏହି ଭାର୍ଗବାସ୍ତ୍ର ଏକକାଳୀନ ଆସୁଥିବା ପୁଳା ପୁଳା ଡ୍ରୋନକୁ ଆକାଶରେ ନିଶେଷ କରିବାରେ ସକ୍ଷମ ହେବ। ଏହି ଡ୍ରୋନ ଡିଫେନ୍ସ ସିଷ୍ଟମ ଏହାର ପ୍ରଥମ ପରୀକ୍ଷଣରେ ହିଁ ସଫଳ ହୋଇଛି।

ଏହି ସିଷ୍ଟମ ମାଇକ୍ରୋ ରକେଟ୍ସ ମାଧ୍ୟମରେ ଡ୍ରୋନ ଆକ୍ରମଣର ଜବାବ ଦେଇପାରିବ। ଏହାକୁ ବିଶେଷ ଭାବେ ଡ୍ରୋନ ବିପଦର ମୁକାବିଲା କରିବା ସକାଶେ ବିକଶିତ କରାଯାଇଛି। ଏହି ସିଷ୍ଟମର ପରୀକ୍ଷଣ ଓଡିଶା ଉପକୂଳର ଗୋପାଳପୁରସ୍ଥିତ ସିୱାର୍ଡ ଫାୟରିଂ ରେଞ୍ଜରେ ଗତକାଲି ହୋଇଥିଲା। ଏହି ପରୀକ୍ଷଣ କାଳରେ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଏଥିରେ ମୋଟ ୩ଟି ପରୀକ୍ଷଣ ହୋଇଥିବା ବେଳେ ଦୁଇଟି ପରୀକ୍ଷଣରେ ଗୋଟିଏ ଲେଖାଏଁ ରକେଟ୍ ନିକ୍ଷେପ କରାଯାଇଥିଲା। ତେବେ ଗୋଟିଏ ପରୀକ୍ଷଣରେ ୨ଟି ରକେଟକୁ ୨ ସେକେଣ୍ଡ ବ୍ୟବଧାନରେ ସାଲଭୋ ମୋଡ୍‌ରେ ଲଞ୍ଚ କରାଯାଇଥିଲା। ସମସ୍ତ ୪ଟି ରକେଟ୍ ପରୀକ୍ଷଣରୁ ଈପସିତ ଫଳାଫଳ ମିଳିଥିବା ବେଳେ ପରୀକ୍ଷଣର ମାନକ ମଧ ପୂରା ହୋଇଛି। ଏସଡିଏଲ ଅନୁସାରେ ଭାର୍ଗବାସ୍ତ୍ର ବଡ଼ ଧରଣର ଡ୍ରୋନ ଆକ୍ରମଣ ମୁକାବିଲା ନିମନ୍ତେ ବୈଷୟିକ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ। ଏହି ପରୀକ୍ଷଣର ସଫଳତା ସହ ସିଷ୍ଟମ ଭବିଷ୍ୟତରେ ଭାରତର ଡ୍ରୋନ ନିରୋଧ କ୍ଷମତାକୁ ଆହୁରି ମଜଭୁତ କରିବ। ତା'ଛଡ଼ା ସେନାକୁ ଆଧୁନିକ ବିପଦର ମୁକାବିଲା କରିବା ନିମନ୍ତେ ମଧ ଏହା ➫ପୃଷ୍ଠା-୬

ପଛୁଆ ବର୍ଗ ପାଇଁ ମୋହନଙ୍କ ଐତିହାସିକ ନିଷ୍ପତ୍ତି

# ଏସ୍‌ଇବିସିଙ୍କୁ ୧୧.୨୫% ସଂରକ୍ଷଣ

❑ ମମତା ସହ ମିଶିବ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା
❑ ଝିଅ ପାଇଁ ୧୨ ହଜାର, ପୁଅ ପାଇଁ ମିଳିବ ୧୦ ହଜାର
❑ ଆଦିବାସୀ ଜନଜାତିଙ୍କୁ ତୃତୀୟ ସନ୍ତାନ ପାଇଁ ବି ସହାୟତା
❑ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ପ୍ରୋତ୍ସାହନ ରାଶି ବଢ଼ିବ



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ (ଏସ୍‌ଇବିସି)ର ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ନେଇଛନ୍ତି ଐତିହାସିକ ନିଷ୍ପତ୍ତି। ଏହି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବା ସକାଶେ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ସଂରକ୍ଷଣ ନୀତି ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗୁ ହେବ ବୋଲି ସରକାର ଘୋଷଣା କରିଛନ୍ତି।

ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧମିକ, ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡା ଓ ଯୁବସେବା ବିଭାଗର ବିପିଏଡ୍/ଏମପିଏଡ଼ ପାଠ୍ୟକ୍ରମରେ ଲାଗୁ କରାଯିବ।

ଏଥିସହ ଉଚ୍ଚଶିକ୍ଷାରେ ଅନୁସୂଚିତ ଜନଜାତି (ଏସ୍‌ଟି)ବର୍ଗର ଛାତ୍ରଛାତ୍ରୀଙ୍କ ଲାଗି ୨୨.୫ ପ୍ରତିଶତ, ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୬.୨୫ ପ୍ରତିଶତ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଲାଗି ୫ ପ୍ରତିଶତ ଓ ପୂର୍ବତନ ସେନା କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ଲାଗି ୧ ପ୍ରତିଶତ ସଂରକ୍ଷଣ ପୂର୍ବ ପରି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଜାତୀୟ ଶିକ୍ଷା ନୀତି-୨୦୨୦ର ଦୃଷ୍ଟିକୋଣ ସହ ସମନ୍ୱୟ ରଖି। ଏହି ପଦକ୍ଷେପ ଅବହେଳିତ ଓ ପଛୁଆ ବର୍ଗର ପିଲାମାନଙ୍କ ପାଇଁ ଶିକ୍ଷାର ଉପଲବ୍ଧତା ବଢ଼ାଇବା, ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣକୁ ସମନ୍ୱିତ କରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଛି। ଏହା ମାଧମରେ ମୋଟ ନାମଲେଖା ଅନୁପାତ ବୃଦ୍ଧି ପାଇବ ଓ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ଅଂଶଗ୍ରହଣକୁ ଅଧିକ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏଥିସହ ରାଜ୍ୟ କ୍ୟାବିନେଟରେ ଆଜି ମୋଟ ୬ଟି ଯୋଜନାକୁ ମଞ୍ଜୁରୀ ମିଳିଛି। ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ଏକୀକୃତକରଣକୁ କାର୍ଯ୍ୟକାରୀ କରିବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି। ମମତା ଓ ପ୍ରଧାନମନ୍ତ୍ରୀ ➫ପୃଷ୍ଠା-୬

## ସଶକ୍ତ ହେବେ ପଛୁଆବର୍ଗ

### ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ



**ଭୁବନେଶ୍ୱର:** ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ତଥା ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧମିକ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିାତ ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଥିବାରୁ ଏଥିସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ମୋଟ ଜନସଂଖ୍ୟାର ୫୨ ପ୍ରତିଶତରୁ ଅଧିକ ହେଉଛନ୍ତି ଏସଇବିସି ବର୍ଗର। ଆଜିର ଐତିହାସିକ ନିଷ୍ପତ୍ତି ଏସଇବିସି ବର୍ଗକୁ ସଶକ୍ତ କରିବା ସହ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବ। ଜାତୀୟ ଶିକ୍ଷା ନୀତି ଦୃଷ୍ଟିକୋଣରେ ଏହି ପଦକ୍ଷେପ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ବଢ଼ାଇବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସହାୟକ ହେବ। 'ସବ କା ➫ପୃଷ୍ଠା-୬

## ଶପଥ ନେଲେ ପ୍ରଧାନ ବିଚାରପତି

● ଶପଥପାଠ କରାଇଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୧୪।୫:** ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ବି.ଆର ଗବାଇ। ସୁପ୍ରିମକୋର୍ଟର ୫୨ ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଛନ୍ତି । ଜଷ୍ଟିସ ଗବାଇ ପ୍ରଥମ ବୁଦ୍ଧିଷ୍ଟ ଓ ଦ୍ୱିତୀୟ ଦଳିତ ପ୍ରଧାନବିଚାରପତି ଭାବେ ଶପଥ ନେଇଛନ୍ତି। ଏହାପୂର୍ବରୁ କେଜି ବାଲାକ୍ରିଷ୍ଣନ୍ ପ୍ରଥମ ଦଳିତ ପ୍ରଧାନବିଚାରପତି ଥିଲେ। ରାଷ୍ଟ୍ରପତି ଭବନରେ ଶପଥ ପାଠ କରିବା ପରେ ଜଷ୍ଟିସ ଗବାଇ ସୁପ୍ରିମକୋର୍ଟରେ ପହଞ୍ଚି ଜାତିର ପିତା ମହାତ୍ମା ଗାନ୍ଧି ଓ ବି. ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଜଷ୍ଟିସ ବି.ଆର୍. ଗବାଇଙ୍କ ଜନ୍ମ ୧୯୬୦ ନଭେମ୍ବର ୨୪ ତାରିଖରେ ଅମରାବତୀରେ ହୋଇଥିଲା । ସେ ୧୯୮୫ ମାର୍ଚ୍ଚ ୧୬ ତାରିଖରେ ବାରରେ ଯୋଗ ଦେଇଥିଲେ। ୨୦୦୩ ନଭେମ୍ବର ୧୪ ତାରିଖରେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଆରମ୍ଭ କରିଥିଲେ ତାଙ୍କର ନ୍ୟାୟିକ କ୍ୟାରିୟର । ୧୨ ନଭେମ୍ବର ୨୦୦୫ରେ ସ୍ଥାୟୀ ବିଚାରପତି ହୋଇଥିଲେ।

୧୫ ବର୍ଷରୁ ଅଧିକ ସମୟ ପାଇଁ ମୁମ୍ବାଇ, ନାଗପୁର, ଔରଙ୍ଗାବାଦ ଓ ପାଣାଜିରେ ବେଞ୍ଚଗୁଡ଼ିକର ଅଧକ୍ଷତା କରିଥିଲେ। ପରେ ୨୦୧୯ ମେ ୨୪ ତାରିଖରେ ଭାରତର ସୁପ୍ରିମକୋର୍ଟର ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା। ଏହାସହ ବିହାର ଓ କେରଳର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଆରଏସ ଗବାଇଙ୍କ ପୁଅ ହେଉଛନ୍ତି ବି.ଆର. ଗବାଇ। ➫ପୃଷ୍ଠା-୬

## ଜାହାଜରେ ୨୧ ପାକିସ୍ତାନୀ, ବଢ଼ିଲା ସୁରକ୍ଷା



**ଜଗତସିଂହପୁର, ୧୪।୫ (ସଂଚାର ବ୍ୟୁରୋ) :** ପାରାଦ୍ୱୀପ ବନ୍ଦରରେ ପହଞ୍ଚିଥିବା ଦକ୍ଷିଣ କୋରିଆର ଏକ ତୈଳବାହୀ ଜାହାଜରେ ୨୧ଜଣ ପାକିସ୍ତାନୀ ଥିବା ସୂଚନା ମିଳିଛି । ଏହା ଜଣାପଡିବା ପରେ ପାରାଦ୍ୱୀପ ମେରାଇନ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ବଢାଇବା ସହିତ ସମୁଦ୍ର ମଧରେ ପାଟ୍ରୋଲିଂକୁ କଡାକଡି କରିଛି। ପାରାଦ୍ୱୀପ ବନ୍ଦରର ଏକ ତୈଳବାହୀ ଜାହାଜ ରିସେନ -୨ ଆସି ପହଞ୍ଚିଥିଲା । ଏଥିରେ ଏହି ୨୧ ପାକିସ୍ତାନୀ କ୍ର୍ୟୁ ମେମ୍ବର ଭାବେ ରହିଥିଲେ। ଇମିଗ୍ରେସନ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ କୋରିଆର ରିସେନ-୨ ନାମକ ଏକ ଏହି ତୈଳବାହୀ ଜାହାଜ ୧୩୫ ମେଟ୍ରିକ ଟନ ଅଶୋଧିତ ତୈଳ ନେଇ ଆଜି ପାରାଦ୍ୱୀପରେ ପହଞ୍ଚିଥିଲା । ଏହି ଜାହାଜରେ ମୋଟ ୨୫ ଜଣ କ୍ର୍ୟୁ ମେମ୍ବର ଥିବାବେଳେ ସେମାନଙ୍କ ମଧରୁ ୨୧ ଜଣ ପାକିସ୍ତାନର, ➫ପୃଷ୍ଠା-୬

## ମୁକୁଳିଲେ ଭାରତୀୟ ଯବାନ



**ନୂଆଦିଲ୍ଲୀ, ୧୪।୫:** ବର୍ତ୍ତମାନ ସମୟର ବଡ଼ ଖବର । ବିଏସଏଫ ଯବାନଙ୍କୁ ଛାଡ଼ିଲା ପାକିସ୍ତାନ। ବିଏସ୍‌ଏଫ୍ ଯବାନ ପୂର୍ଣ୍ଣମ୍ କୁମାର

### ୨୧ ଦିନ ପରେ ଫେରିଲେ ପୂର୍ଣ୍ଣମ୍ କୁମାର ଶ'

ସ'ଙ୍କୁ ଭାରତକୁ ହସ୍ତାନ୍ତର କଲା ପାକିସ୍ତାନ । ଅଟ୍ଟାରୀ ସୀମା ଦେଇ ଭାରତ ଫେରିଲେ ବିଏସଏଫ ଯବାନ ପୂର୍ଣ୍ଣମ୍ କୁମାର ଶ। ଭାରତୀୟ ଅଫିସରଙ୍କୁ ଯବାନଙ୍କୁ ହସ୍ତାନ୍ତର କଲା ପାକିସ୍ତାନ । ତେବେ ବିଏସଏଫ ଯବାନ ପୂର୍ଣ୍ଣମ୍ କୁମାର ଭାରତ ଫେରି ଆସିବା ଭାରତର କୂଟନୈତିକ ବିଜୟ। ତେବେ ୨୩ ଏପ୍ରିଲରେ ଭୁଲ ବଶତଃ ପାକିସ୍ତାନ ସୀମା ଅତିକ୍ରମ କରିଥିବାରୁ ଯବାନଙ୍କୁ ଅଟକ ରଖିଥିଲା ପାକିସ୍ତାନ। ସେ ପଞ୍ଜାବ ଫିରୋଜପୁର ସେକ୍ଟରରେ ମୁତୟନ ଥିଲେ । ଏପ୍ରିଲ ୨୩ ଅର୍ଥାତ ପହଲଗାମ୍ ହମଲା ପର ଦିନ ତାଙ୍କୁ ପାକିସ୍ତାନ ରେଞ୍ଜର ଅଟକ ରଖିଥିଲେ। ଆଉ ୨୧ଦିନ ପରେ ଶେଷରେ ଯବାନଙ୍କୁ ଛାଡିଛି ପାକିସ୍ତାନ ବୋଲି ଜଣେ ଅଧିକାରୀ କହିଛନ୍ତି।

ସେ ଆହୁରି ମଧ କହିଛନ୍ତି, ପାକିସ୍ତାନର ରେଞ୍ଜର୍ସଙ୍କ ସହିତ ନିୟମିତ ଫ୍ଲାଗ ମିଟିଂ ଏବଂ ଯୋଗାଯୋଗର ଅନ୍ୟାନ୍ୟ ଚ୍ୟାନେଲ ମାଧମରେ ବିଏସଏଫର ନିରନ୍ତର ପ୍ରୟାସ ପୂର୍ଣ୍ଣମ କୁମାରଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇଛି। ପଞ୍ଜାବ ସୀମା ➫ପୃଷ୍ଠା-୬

## ସରିଲା ୨୧ ଦିନର ଲମ୍ବା ଅପରେସନ
# ୩୧ କୁଖ୍ୟାତ ନକ୍ସଲ ନିପାତ



**ମାଲକାନଗିରି,୧୪।୫(ସଂଚାର ବ୍ୟୁରୋ):** ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି । ନକ୍ସଲ ମୁକ୍ତ ଭାରତର ସଂକଳ୍ପରେ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି ସୁରକ୍ଷା ବାହିନୀ । ନକ୍ସଲବାଦ ବିରୋଧରେ ସବୁଠାରୁ ବଡ଼ ଅଭିଯାନରେ ଛତିଶଗଡ଼-ତେଲେଙ୍ଗାନା ସୀମାର କୁରାଗୁଟାଲୁ ହିଲ୍ସରେ ୩୧ ଜଣ କୁଖ୍ୟାତ ନକ୍ସଲଙ୍କୁ ନିପାତ କରିଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିଜେ ଏକ ଟ୍ୱିଟ୍ ମାଧମରେ ଏହି ସୂଚନା ଦେଇଛନ୍ତି। ସୁରକ୍ଷା ବାହିନୀ ନକ୍ସଲମୁକ୍ତ ଭାରତ ଅଧୀନରେ ନକ୍ସଲମାନଙ୍କୁ ନିପାତ କରିବା ପାଇଁ ଅଭିଯାନକୁ ତୀବ୍ର କରିଛି। ଗୃହମନ୍ତ୍ରୀ ଅମିତ ଶାହ ଟ୍ୱିଟରେ କହିଛନ୍ତି, ଯେଉଁ ପର୍ବତରେ ଲାଲ ଆତଙ୍କ ରାଜ କରୁଥିଲା, ଆଜି ସେଠାରେ ତ୍ରିରଙ୍ଗା ଗର୍ବର ସହିତ ଉଡୁଛି। କୁରାଗୁଟାଲୁ ହିଲ୍ସ ପିଏଲଜିଏ ବାଟାଲିୟନ ୧ ଭଳି ପ୍ରମୁଖ ନକ୍ସଲ ସଂଗଠନର ଏକୀକୃତ ମୁଖ୍ୟାଳୟ ଥିଲା, ଯେଉଁଠାରେ ନକ୍ସଲ ତାଲିମ ସହିତ ରଣନୀତି ଏବଂ ଅସ୍ତ୍ରଶସ୍ତ୍ର ବିକଶିତ କରାଯାଉଥିଲା। ଏହି ସର୍ବବୃହତ ନକ୍ସଲ ବିରୋଧୀ ଅଭିଯାନ ଆମର ସୁରକ୍ଷା ବାହିନୀ ଦ୍ୱାରା ମାତ୍ର ୨୧ଦିନ ମଧରେ ସମାପ୍ତ ହୋଇଛି ଏବଂ ➫ପୃଷ୍ଠା-୬

ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ପ୍ରସ୍ତୁତି

## ଭିଜନ ଡକ୍ୟୁମେଣ୍ଟ ନେଇ ମାନସ ମନ୍ଥନ



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତିକୁ ଆଉ ମାସେ ବି ନାହିଁ। କିନ୍ତୁ ତାପୂର୍ବରୁ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ଦଳ ମଧରେ ଚାଲିଛି ମାନସ ମନ୍ଥନ। ଏହି କ୍ରମରେ ଆଜି ବିଳମ୍ବିତ ସନ୍ଧ୍ୟାରେ ଦଳର ମନ୍ତ୍ରୀ ଓ ବରିଷ୍ଠ ନେତାମାନେ ଉତ୍ସବ ପାଳନର ରୂପରେଖ ନେଇ ଡ୍ରାଫ୍ଟ ପ୍ରସ୍ତୁତ କରିଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ କରିବାକୁ ବିଜେପି ସରକାର ଗଠନର ପ୍ରଥମ ଦିନରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ସେଥିରେ କେତେ ସଫଳ ହୋଇଛି ଓ ଭବିଷ୍ୟତ ରୋଡମ୍ୟାପ ନେଇ ପ୍ରସ୍ତୁତ ହୋଇଥିବା ଭିଜନ ଡକ୍ୟୁମେଣ୍ଟ ଉପରେ ଆଲୋଚନା ହୋଇଥିବା ଜଣାପଡିଛି। ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ୨୦୩୬ ସୁଦ୍ଧା ସମାଜର ଶେଷ ସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପ୍ରସ୍ତୁତ ହୋଇଛି ଭିଜନ ଡକ୍ୟୁମେଣ୍ଟ। ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟରେ ୨୦୪୭ ➫ପୃଷ୍ଠା-୬

## ମନରେଗାରେ ଦିବ୍ୟାଙ୍ଗଙ୍କୁ ମିଳିବ କାମ




➘ଗାଁରେ ଗଠନ ହେବ ଦିବ୍ୟାଙ୍ଗ ଶକ୍ତି
➘ଘର ପାଖରେ କାମ ଦେବେ ସରକାର

**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗଙ୍କୁ ଏଣିକି ଆଉ କାହା ପାଖରେ ହାତ ପତେଇବାକୁ ପଡିବନି। ଦିବ୍ୟାଙ୍ଗମାନେ ଯେମିତି କାମ କରି ଦି' ପଇସା ରୋଜଗାର କରିବେ, ସେଥିପାଇଁ ବଡ଼ ଯୋଜନା କରୁଛନ୍ତି ସରକାର। ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା (ମନରେଗା)ରେ ଦିବ୍ୟାଙ୍ଗଙ୍କୁ ମିଳିବ ଜବ କାର୍ଡ। ଘର ପାଖରେ ସରକାର ଦେବେ ୧୦୦ ଦିନର କାମ ଯୋଗାଇଦେବାର ଦାୟିତ୍ୱ ନେବ ଜିଲ୍ଲା ପ୍ରଶାସନ। ମନରେଗାରେ ସମ୍ମାନ ସହ କାମ ଓ ମଜୁରୀ। ଘର ପାଖରେ ଦିବ୍ୟାଙ୍ଗଙ୍କ ସ୍ୱାର୍ଥକୁ ମିଳିବ ଅଗ୍ରାଧିକାର। ମହିଳା ଦିବ୍ୟାଙ୍ଗଙ୍କ ପିଲାମାନଙ୍କ ଦେଖାରଖା ପାଇଁ ରହିବ କ୍ରେଚ୍ ସୁବିଧା। ପ୍ରତି ଗାଁରେ ଜୁନ୍ ସୁଦ୍ଧା ଗଠନ ହେବ ଦିବ୍ୟାଙ୍ଗ ଶକ୍ତି ଗ୍ରୁପ। ଏହି ଗ୍ରୁପ ଜରିଆରେ ଦିବ୍ୟାଙ୍ଗଙ୍କ ଭଲମନ୍ଦ ବୁଝିବେ ପଞ୍ଚାୟତ ଓ ବ୍ଲକ ଅଧିକାରୀ। ସ୍ୱାମୀ-ସ୍ତ୍ରୀ ଉଭୟ ଦିବ୍ୟାଙ୍ଗ ଥିଲେ ସେମାନଙ୍କୁ ଗୋଟିଏ ଜବ କାର୍ଡ ମିଳିବ। କର୍ମସ୍ଥଳରେ ଦିବ୍ୟାଙ୍ଗଙ୍କ ପାଇଁ ରହିବ ସମସ୍ତ ସୁବିଧା। ଏନେଇ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ମଧ ଦିଆଯାଇଛି । ଅନେକ ଦିବ୍ୟାଙ୍ଗ ପର ଦୁଆରେ କାମ କରୁଛନ୍ତି। ପରିବାର ଚଳେଇବା ପାଇଁ ଭିକ୍ଷା ବୃତ୍ତି ମଧ କରୁଛନ୍ତି। ତେଣୁ ଦିବ୍ୟାଙ୍ଗମାନେ କିଭଳି ଶହେ ଦିନର କାମ ➫ପୃଷ୍ଠା-୬

# ସୂଚନା କମିଶନ ନିଯୁକ୍ତିରେ ବାବୁ ପ୍ରୀତି

✪ ୧୭ ଜଣଙ୍କ ତାଲିକାରେ ୧୬ ବାବୁ ✪ବିବାଦୀୟ ସରୋଜ ସାମଲ ବି ତାଲିକାରେ



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ରାଜ୍ୟରେ ମୁଖ୍ୟ ସୂଚନା କମିଶନ ନିଯୁକ୍ତିଠାରୁ ଆରମ୍ଭ କରି ସୂଚନା କମିଶନ ନିଯୁକ୍ତିରେ କିଭଳି ବାବୁ ପ୍ରୀତି ରହିଛି, ତାହା ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ସୂଚନାରୁ ଜଳ ଜଳ ଦିଶୁଛି। ମୁଖ୍ୟ ସୂଚନା କମିଶନର ପାଇଁ ଉଚ୍ଚସ୍ତରୀୟ କମିଟି ୫ ଜଣଙ୍କ ନାମ ତାଲିକାଭୁକ୍ତ କରିଥିବା ବେଳେ ୩ଟି ରାଜ୍ୟ ସୂଚନା କମିଶନର ପଦବୀ ପାଇଁ ୧୨ ଜଣଙ୍କ ନାମ ତାଲିକାଭୁକ୍ତ ହୋଇଥିଲା। ତେବେ ଏହି ୧୭ ଜଣଙ୍କ ମଧରେ ୧୬ ଜଣ ବିଭିନ୍ନ ବର୍ଗର ଅବସରପ୍ରାପ୍ତ ବାବୁ ଥିବା ଜଣାଯାଇଛି।

ତେବେ ଏହି ୧୨ଜଣିଆ ତାଲିକାରେ ଅବସରପ୍ରାପ୍ତ ବାବୁ ସରୋଜ ସାମଲଙ୍କ ନାମ ରହିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ସରୋଜ ଯୁଆଡେ ବିବାଦ ସିଆଡେ ବୋଲି ରାଜ୍ୟସାରା ଆଲୋଚନା ହୋଇଥିଲା। ସରୋଜ ବି ତାଙ୍କ ଅଭିଜ୍ଞତାରେ ଦର୍ଶାଇଛନ୍ତି ଯେ ପୂର୍ବରୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଦାୟିତ୍ୱରେ ଥିବା ବେଳେ ଝାରସୁଗୁଡାର ଜିଲ୍ଲାପାଳ ହୋଇଥିଲେ ଏବଂ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗରୁ ନିର୍ଦ୍ଦେଶକ ଭାବେ ଅବସର ନେଇଛନ୍ତି।

ତେବେ ସରୋଜ ସାମଲ ଝାରସୁଗୁଡାର ଜିଲ୍ଲାପାଳ ଥିବା ସମୟରେ ହିଁ ସେଠାକାର ବିଧାୟକ ତଥା ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିଲେ। ଏହି ମାମଲାର ତଦନ୍ତ ଆଜିଯାଏ ସରିନାହିଁ। ସେତେବେଳେ ନବଙ୍କ ହତ୍ୟା ବ୍ୟବସାୟଜନିତ ଏବଂ ଏଥିରେ ସରୋଜଙ୍କ ସମ୍ପୃକ୍ତି ରହିଥିବା ନେଇ ଆଲୋଚନା ହେଉଥିଲା। ଅନେକ ବି ସେତେବେଳେ ଜିଲ୍ଲାପାଳଙ୍କ ଭୂମିକାକୁ ନେଇ ସନ୍ଦେହ କରିଥିଲେ। କାରଣ ନବଙ୍କ ହତ୍ୟା ପୂର୍ବରୁ ତାଙ୍କ ରୋଷେୟାଙ୍କୁ ହତ୍ୟା କରାଯାଇଥିଲା ଏବଂ ସେହି ଘଟଣାକୁ ଚାପିଦେବାରେ ତତ୍କାଳୀନ ଜିଲ୍ଲାପାଳ ସରୋଜ ସାମଲଙ୍କ ହାତ ଥିବା କୁହାଯାଇଥିଲା। ଏଥିସହ ସରୋଜ ଦୀର୍ଘଦିନ ଧରି ଝାରସୁଗୁଡାରେ ରହିବା ସହିତ ବିଜେଡିର ଏକପ୍ରକାର କର୍ମୀ ପାଲଟିଯାଇଥିଲେ ବୋଲି ବିରୋଧୀ ଦଳ ଆକ୍ଷେପ କରିବାକୁ ପଛାଇନଥିଲେ। ଝାରସୁଗୁଡାରେ ତାଙ୍କ ସମୟରେ ଅନେକ କଳାକାରନାମା ନେଇ ସୂଚନା ଅଧିକାର କର୍ମୀମାନେ ଅଭିଯୋଗ ମଧ ଆଣିଥିଲେ।

ନିର୍ବାଚନର ଅବ୍ୟବହିତ ପୂର୍ବରୁ ସରୋଜଙ୍କୁ ପୁରସ୍କାର ସ୍ୱରୂପ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ବଦଳି କରାଯାଇଥିଲା। ସେଠାରେ ରହି ତତ୍କାଳୀନ ବିଜେଡି ସରକାରକୁ ସମସ୍ତ ପ୍ରକାର ସହାୟତା ➫ପୃଷ୍ଠା-୬

## ବଜ୍ରପାତରେ ବାପା-ଝିଅଙ୍କ ସମେତ ୩ ମୃତ



**କୋରାପୁଟ,୧୪।୫(ସଂଚାର ବ୍ୟୁରୋ):** ପଟ୍ଟାଙ୍ଗି ବ୍ଲକ୍‌ରେ ଆଜି ବଜ୍ରାଘାତରେ ଏକ ପରିବାର ଉଜୁଡ଼ିଯାଇଛି। ବ୍ଲକ୍‌ର ଆମ୍ବାବାଲି ପଞ୍ଚାୟତ ଅନ୍ତର୍ଗତ କନ୍ଧପୁଟାବନ୍ଧ ଗ୍ରାମରେ ବଜ୍ରାଘାତରେ ଗୋଟିଏ ପରିବାରର ୨ ଜଣଙ୍କ ସମେତ ମୋଟ ୩ ଜଣ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧରେ ଜଣେ ଲେଖାଏଁ ମହିଳା, ନାବାଳିକା ଓ ପୁରୁଷ ଅଛନ୍ତି। ସେମାନେ ହେଲେ ୫୮ ବର୍ଷୀୟ ଗେମେଲ ଡୁମ୍ବାଇ, ୧୩ ବର୍ଷୀୟା ଗେମେଲ କମି ଓ ୪୭ ବର୍ଷୀୟା ଗେମେଲ କ୍ରିଷ୍ଟା। ଗେମେଲ କମି ଓ ଗେମେଲ କ୍ରିଷ୍ଟା ସମ୍ପର୍କରେ ବାପ ଝିଅ ହୋଇଥିବା ବେଳେ ଏନେଇ ଖବର ପାଇ ସୁଙ୍କି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନରେ ଉପରୋକ୍ତ ୩ ଜଣ ଚାଷ ଜମିରେ କାମ କରିବା ସକାଶେ ଯାଇଥିଲେ। ତେବେ ସେମାନେ କାମ କରୁଥିବା ସମୟରେ ହଠାତ୍ କାଳବୈଶାଖୀ ପ୍ରଭାବରେ ମେଘ ଘୋଟି ଆସିଥିଲା। ତେଣୁ ସେମାନେ ଚାଷ ଜମିରୁ ଆସି ନିକଟରେ ଥିବା ଗଛ ତଳେ ଆଶ୍ରୟ ନେଇଥିଲେ। ଠିକ୍ ଏତିକିବେଳେ ଭୀଷଣ ଜୋର୍‌ରେ ବଜ୍ରାଘାତ ହୋଇଥିଲା। ଏଥିରେ ତିନିଜଣଯାକ ସେଠାରେ ଟଳିପଡ଼ିଥିଲେ ଓ ➫ପୃଷ୍ଠା-୬

## ଚୋରା ମଦ ଜବତ, ମହିଳାଙ୍କ ସମେତ ୫ କୋର୍ଟ ଚାଲାଣ




**କେନ୍ଦ୍ରାପଡ଼ା,୧୪।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଆଜି, ନିକଟରେ ଓ କେନ୍ଦ୍ରାପଡ଼ା ସଦର ଓ ସଦର ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ତ୍ରିଲୋଚନପୁର ଗ୍ରାମର ଶଶିକାନ୍ତ ରାଉତଙ୍କ ଠାରୁ ୨୦ ଲିଟର ଦେଶୀ ମଦ, ଜମଧର ଗ୍ରାମର ଅନାମ ଚରଣ ବାରିକଙ୍କ ଠାରୁ ୩୦ ଲିଟର ଦେଶୀ ମଦ, ବାଲକଟି ଗ୍ରାମର ସୁଶାନ୍ତ ମଳିକଙ୍କ ଠାରୁ ୪୦ ଲିଟର ଦେଶୀ ମଦ, ପଦ୍ମନିପାଳ ଗ୍ରାମର ପ୍ରଭାକର ମଳିକଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ଓ ଆରତୀ ମଳିକଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଏବଂ ବଡ଼ଙ୍କ ଗ୍ରାମାର ମାନସ ଦାସଙ୍କ ଠାରୁ ୪୫ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୫୫ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୧ ମହିଳା ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ବାରମ୍ବାର ବିଦ୍ୟୁତ୍ କାଟ୍ ପାଇଁ ଲୋକେ ହନ୍ତସନ୍ତ

# ସହର ବାସୀଙ୍କ ଅଭିଯୋଗ ସତ୍ତ୍ୱେ ଶୁଣୁନି ବିଦ୍ୟୁତ୍ ବିଭାଗ




**କେନ୍ଦ୍ରାପଡ଼ା,୧୪।୫(ସଂଚାର ବ୍ୟୁରୋ):** ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳି ପୁରା କେନ୍ଦ୍ରାପଡା ବାସୀଙ୍କୁ ଅସ୍ୱସ୍ତି କରିଦେଇଛି। ପ୍ରବଳ ଗରମ ଯୋଗୁଁ ଲୋକମାନେ ନାହିଁନଥିବା ସମସ୍ୟାରେ ସମ୍ମୁଖୀନ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ସେମାନଙ୍କ ସମସ୍ୟାକୁ ଅଧିକ ବଢ଼ାଇ ଦେଇଛି। ବିଶେଷତଃ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ ଅଧିନ ୨ନମ୍ବର ସେକ୍ସନର ଭରତପୁର, ମେହେନ୍ଦିପୁର, ଖଣ୍ଡିଆବନ୍ଧ, ପାଗାଡକ, ଦିଆନପାଟଣା, ଜଗନ୍ନାଥପୁର, କଣ୍ଟିଆ ପ୍ରଭୃତି ଅଞ୍ଚଳରେ ଦୈନିକ ବିଭିନ୍ନ ସମୟରେ ୧୦ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଘୋଷିତ ବିଦ୍ୟୁତ କାଟ ହେଉଛି। ଦୈନିକ ସକାଳ ୮ଟାରୁ ୧୧ଟା, ଅପରାହ୍ନ ୧ଟାରୁ ସାଢେ ତିନିଟା, ସନ୍ଧ୍ୟା ୭ଟାରୁ ରାତି ୧୦ଟା ଓ ରାତି ୧୨ଟାରୁ ଦୁଇଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେଉଛି। ଏନେଇ ପୂର୍ବରୁ କୌଣସି ସୂଚନା ଦିଆଯାଉନାହିଁ ବୋଲି ବିଭିନ୍ନ ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭରତପୁର ଗ୍ରାମର ସଞ୍ଜୟ କୁମାର ଦାସ କହିଛନ୍ତି ଅଘୋଷିତ ବିଦ୍ୟୁତ କାଟ ଦ୍ୱାରା ଲୋକେ ଛଟପଟ ହେଉଛନ୍ତି। ବିଶେଷକରି ଘରେ ଚିକିତ୍ସାଧିନ ଅବସ୍ଥାରେ ଥିବା ରୋଗୀ ଓ ବରିଷ୍ଠ ନାଗରିକ ବିଦ୍ୟୁତ କାଟ ଦ୍ୱାରା ଛଟପଟ ହେଉଛନ୍ତି। ସେହିପରି ନବଜାତକ ଓ ଶିଶୁମାନଙ୍କ ଅବସ୍ଥା ନକହିଲେ ଭଲ। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ କାଟ ହେବା ଦ୍ୱାରା ସେମାନେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଖଣ୍ଡିଆବନ୍ଧ ଗ୍ରାମର ବୁଦ୍ଧିଜୀବି ଶ୍ରୀଧର ସାମଲ କହିଛନ୍ତି ଯଦି ବିଦ୍ୟୁତ କାଟ ହେବ ସେ ନେଇ ବିଭାଗ ପକ୍ଷରୁ ବିଜ୍ଞାପନ ମାଧ୍ୟମରେ କିମ୍ବା ଡାକକାଜି ଯନ୍ତ୍ର ସାହାଯ୍ୟରେ ପୂର୍ବରୁ ସୂଚନା ଦେବା ଉଚିତ। ଏହାଦ୍ୱାରା ଲୋକମାନେ ପୂର୍ବରୁ ପ୍ରସ୍ତୁତ ହୋଇ ରହିବେ। ଲୋକେ ବିଦ୍ୟୁତ କାଟ ହେବା ଜାଣିଲେ ବିକଳ୍ପ ବ୍ୟବସ୍ଥା କରିପାରିବେ। କିନ୍ତୁ ଅଘୋଷିତ ଭାବେ ବିଦ୍ୟୁତ କାଟ ହେଉଥିବାରୁ ଲୋକେ ପ୍ରାକ୍ ସୂଚନା ପାଉନାହାନ୍ତି କି ସଠିକ ସମୟରେ ଏହାର ବିକଳ୍ପ ବ୍ୟବସ୍ଥା କରିପାରୁନାହାନ୍ତି। ଫଳରେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେବା ଛଡ଼ା ଅନ୍ୟ ପନ୍ଥା ରହୁନାହିଁ ବୋଲି ସେ କହିଛନ୍ତି। ଏହିସବୁ ଅଳର ଲୋକମାନେ ପ୍ରବଳ ଗ୍ରୀଷ୍ମ ପ୍ରବାହ ତାତିରେ ଛଟପଟ ହେଉଛନ୍ତି। ବିଦ୍ୟୁତ ଉପଭୋକ୍ତାମାନେ ବିଭାଗକୁ ବାରମ୍ବାର ଏସମ୍ପର୍କରେ ଅବଗତ କରୁଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଏଭଳି ଘଟଣା ସେହି ଅଞ୍ଚଳରେ ବାରମ୍ବାର ଘଟୁଥିବା ଅଭିଯୋଗ ହୋଇଆସୁଥିଲେ ମଧ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ବିଦ୍ୟୁତ ବିଭାଗ (ଟିପିସିଓଡିଏଲ) ପକ୍ଷରୁ ଗ୍ରାମାଳରେ ବିଦ୍ୟୁତ କାଟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରବଳ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏଭଳି ଅଘୋଷିତ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ବିଦ୍ୟୁତ ବିଭାଗକୁ ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ(ଟିପିସିଓଡିଏଲ)ର ସହକାରୀ ସାଧାରଣ ପରିଚାଳକ ପ୍ରତାପ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି ଯେ ଅଘୋଷିତ ବିଦ୍ୟୁତକାଟ ହେଉନାହିଁ। କେଉଁ କେଉଁ ସ୍ଥାନରେ ଆବଶ୍ୟକ ମରାମତି ପାଇଁ ଏଭଳି ସମସ୍ୟା ହେଉଛି।

## ପୌରସଂସ୍ଥା ଅଳିଆ ଡମ୍ପିଂୟାର୍ଡରେ ଲାଗିଲା ନିଆଁ



**କେନ୍ଦ୍ରାପଡା, ୧୪।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ର ଆଳିଜଙ୍ଗା ଠାରେ ଥିବା ମୁନିସିପାଲିଟି ର ଅଳିଆ ଡମ୍ପିଂ ୟାର୍ଡରେ ଆକସ୍ମିକ ଭାବେ ନିଆଁ ଲାଗି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି କାରଣରୁ ଏହି ଅଳିଆ ଆବର୍ଜନା ଗଦାରେ ନିଆଁ ଲାଗି ପ୍ରବଳ ଧୂଆଁ ସୃଷ୍ଟି ହେବା ସହ ଅଗ୍ନିକଣା ଉଡି ବୁଲିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇ ଯାଇଥିଲେ। ନିଆଁ ଧୂଆଁରେ ଅତିଷ୍ଠ ହୋଇଥିବା ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଦୁଇଟି ଅଗ୍ନିଶମ ନିଆଁ ଲିଭା ଗାଡି ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ଅଳିଆ ପ୍ରୋସେସିଙ୍ଗ ସେଣ୍ଟର ର ବହୁ ଯନ୍ତ୍ରପାତି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

## ସିବିଏସଇ ପରୀକ୍ଷାରେ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ସଫଳତା



**ପଟ୍ଟାମୁଣ୍ଡାଇ,୧୪।୫(ସଂଚାର ବ୍ୟୁରୋ):** ଚଳିତ ସି ବି ଏସ ସି ଦଶମ ଶ୍ରେଣୀ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ଇଂଲିଶ ମିଡିୟମ ସ୍କୁଲ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ଛାତ୍ରଛାତ୍ରୀମାନେ ବିଶେଷ ସଫଳତା ହାସଲ କରିଛନ୍ତି ଓ ଏହି ସ୍କୁଲର ୬ଜଣ ଛାତ୍ରଛାତ୍ରୀ ଅନନ୍ୟ ସଫଳତା ହାସଲ କରି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ମାଟିକୁ ଗୌରବାନ୍ୱିତ କରିଛନ୍ତି ଓ ସେମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ଗ୍ରାମର ଗୋରଖ ପ୍ରସାଦ ଶର୍ମା ୯୩% ମାର୍କ ରଖି ବିଶେଷ ସଫଳତା ସାଉଁଟିଛନ୍ତି ଓ ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମର ଯୁବ ସମାଜସେବୀ ଉତ୍ତମ ଖୁଣ୍ଟିଆ ଓ ଲକ୍ଷ୍ମୀପ୍ରିୟା ଖୁଣ୍ଟିଆଙ୍କ ପୁତ୍ର ଆୟୁଷ ଖୁଣ୍ଟିଆ ୮୪% ତିଥିତନ୍ମୟା ନାୟକ ୮୯%, ଧର୍ମଜିତ ଲେଙ୍କା ୮୮%, ଆୟୁଷ ଧଳ ୮୬%, ରାଜଦୀପ ଗୁପ୍ତା ୮୩% ମାର୍କ ରଖି ବିଶେଷ ସଫଳତା ହାସଲ କରିଛନ୍ତି ଓ ଏଥି ପାଇଁ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଅଧକ୍ଷ ଡ଼ ଅଭୟ କୁମାର ସାହୁ ଓ ଉପାଧକ୍ଷ ମନୋଜିତ ନାୟକ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## କମଳା ମହାରଣା ପଠାଇବେ ତିନି ସେନା ମୁଖ୍ୟଙ୍କ ପାଇଁ ଟୋପି

**କେନ୍ଦ୍ରାପଡା,୧୪।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ର 'ଜରି ମାଉସୀ' କମଳା ମହାରଣା। ଅପରେସନ୍ ସିନ୍ଦୂର ର ସଫଳତା ପରେ କମଳା ଖୁସି ହୋଇ ବ୍ୟବହୃତ ଜରିରେ ଜଳ, ସ୍ଥଳ ଓ ଆକାଶ ବାହିନୀ ମୁଖ୍ୟ ଙ୍କ ପାଇଁ ୩ଟି ଟୋପି ପ୍ରସ୍ତୁତ କରିଛନ୍ତି। ଏହି ଟୋପି କୁ ପ୍ରସ୍ତୁତ କରିବା ପାଇଁ କମଳାଙ୍କୁ ୭ ଦିନ ସମୟ ଲାଗିଛି। ଏହି ଟୋପି ସେନାବାହିନୀର ମନୋବଳ ବୃଦ୍ଧି କରିବ ବୋଲି କମଳା କହିଛନ୍ତି। ଏହା ପୂର୍ବରୁ କମଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ପାଇଁ ପଲିଥିନରେ ରାଖୀ ତିଆରି କରି ପଠାଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ୯୮ ତମ ମନ କୀ ବାତ୍ ରେ କମଳାଙ୍କୁ ପ୍ରସଂଶା କରିଥିଲେ। ଆଜି ଡାକ ଯୋଗେ କମଳା ଏହି ଟୋପି ପଠାଇବେ।



## ନୂତନ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



**କେନ୍ଦ୍ରାପଡା, ୧୪।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମଙ୍ଗଳ ଅଧିକାରୀ ଭାବେ ଅରବିନ୍ଦ ରାୟ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ରାୟ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ରେ ପହଁଚି ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କୁ ଭେଟିବା ସହ କାର୍ଯ୍ୟରେ ଯୋଗଦାନ ରିପୋର୍ଟ ପ୍ରଦାନ କରିଥିଲେ। ଶ୍ରୀ ରାୟ ବିଭିନ୍ନ ଜିଲ୍ଲାରେ ଦକ୍ଷତାର ସହ କାମ କରିଥିବା ଜଣାପଡ଼ିଛି।

## ୧୦ ବର୍ଷ ତଳୁ ନିର୍ମାଣ ସରିଲାଣି ବନ୍ଧପାଟଣା ବିଜୁ ସେତୁ

- ଆପ୍ରୋଚ ରୋଡ ନିର୍ମାଣ ସରିବ କେବେ ?

**ରାଜନଗର,୧୪।୫(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଓସ୍ତିଆ ପଂଚାୟତର ବନ୍ଧପାଟଣା ନିକଟରେ ବ୍ରାହ୍ମଣୀ ନାଳ ଉପରେ ୨୦୧୧ ମସିହାରେ ବିଜୁ ସେତୁ କାମ ଆରମ୍ଭ ହୋଇଥିଲା। ୧୪ ଡିସେମ୍ବର ୨୦୧୧ରେ ୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟରେ ଏହି ବିଜୁ ସେତୁ ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି ଦିଆଯାଇଥିଲା। ୧୩ ମାର୍ଚ୍ଚ ୨୦୧୩ ସୁଦ୍ଧା ସେତୁ ସହିତ ଆପ୍ରୋଚ ରୋଡ କାମ ଶେଷ ହେବ ବୋଲି ଚୁକ୍ତି କରାଯାଇଥିଲା। ୨୦୧୩ ପରିବର୍ତ୍ତେ ୨୦୧୬ରେ ସେତୁ ନିର୍ମାଣ କାମ ଶେଷ ହୋଇଥିଲା। ମାତ୍ର ଠିକାଦାର ଆପ୍ରୋଚ ରୋଡ ନକରି ଅଧାରୁ କାମ ଛାଡି ଦେଇଥିଲା। ଏହାପରେ ପୂନଃ ଟେଣ୍ଡର କରାଯାଇ ୭୮ ଲକ୍ଷ ଟଙ୍କା ବ୍ୟୟରେ ସେତୁର ଦୁଇପଟରେ ଆପ୍ରୋଚ ରୋଡ ନିର୍ମାଣ କରିବାକୁ ୨ ବର୍ଷ ତଳୁ ଠିକାଦାର ନିଯୁକ୍ତି ଦିଆଯାଇଥିଲା। ୩ ବର୍ଷ ତଳେ ସେତୁର ଆପ୍ରୋଚ ରୋଡ କାମ ଆରମ୍ଭ ହୋଇଥିଲା। ତଳେ ରିଟର୍ଣ୍ଣିଙ୍ଗ ୱାଲ କରାଯାଇ ମାଟି ଫିଲିଙ୍ଗ କରାଯାଇଥିଲା। ମାଟି ଉପରେ ଜିଏସବି କାମ ମଧ ଶେଷ ହୋଇଥିଲା। ଆପ୍ରୋଚ ରୋଡର ଦୁଇ ସାଇଡରେ ପଥର ପ୍ୟାକିଂ ପ୍ୟାକିଂ ମଧ କରାଯାଇଥିଲା। ଏହା ଉପରେ କେବଳ ୨ ଲେୟାର ମେଂଟାଲିଂ କରାଯାଇ ପିଚୁ କରାଯାଇଥାନ୍ତା। ମାତ୍ର କାମ ନିମ୍ନ ମାନର ଯୋଗୁଁ ସେତୁର ଆପ୍ରୋଚ ରୋଡ ଭୁଷୁଡି ପଡ଼ିଥିଲା। ପୁର୍ତ୍ତବିଭାଗ ରାସ୍ତାକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ ସେତୁ ନିକଟରୁ ଧସେଇ ପଡ଼ିଛି। ସେତୁର ୱିଂଙ୍ଗ ୱାଲରୁ ୧୦୦ ମିଟର ଧରି ଆପ୍ରୋଚ ରୋଡ ଧସେଇ ପଡ଼ିଛି। ଆପ୍ରୋଚ ରୋଡ ଅତି ନିମ୍ନ ମାନର ଯୋଗୁଁ କାମ ସରିବା ପୂର୍ବରୁ ଭୁଷୁଡି ପଡ଼ିଥିଲା। ସେବେଠୁ କାମ ବନ୍ଦ କରି ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭଗ ନିଜର ଦାୟିତ୍ୱ ଏକ ପ୍ରକାର ସାରି ଦେଇଛି। ଭଙ୍ଗା ଆପ୍ରୋଚ ରୋଡ ଦେଇ ଲୋକମାନେ ବିପଦ ସଂକୁଳ ଭାବେ ଯାଆ ଆସ କରୁଛନ୍ତି। ଏହି ଆପ୍ରୋଚ ରୋଡରେ ଯାଉଥିବା ଅଧିକାଂଶ ଗାଡି ଦୁର୍ଘଟଣାର ଶିକାର ହେଉଛନ୍ତି।ତୁରନ୍ତ ଅଧାପନ୍ତରିଆ ଆପ୍ରୋଚ ରୋଡ କାମ ସାରିବାକୁ ଆଜି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ ଅଭିଯୋଗ କରିଥିଲେ।ଖୁବ ଶୀଘ୍ର କାମ ସରିବ ବୋଲି ପତିଶ୍ରୁତି ଦେଇଛନ୍ତି।

## ବେଆଇନ ଚିଙ୍ଗୁଡି ଘେରିକୁ ଭାଙ୍ଗିବ ପ୍ରଶାସନ

- ୭୦୦ ଏକର ଜମି ଉପରେ ହୋଇଛି ବେଆଇନ୍ ଚିଙ୍ଗୁଡି ଚାଷ



**କେନ୍ଦ୍ରାପଡା,୧୪।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ର ସମୁଦ୍ର କୂଳ ଅଞ୍ଚଳରେ ହୋଇଥିବା ବେଆଇନ ଚୁଙ୍ଗୁଡି ଘେରି ଗୁଡିକ ପରିବେଶକୁ ପ୍ରଦୂଷଣ କରିବା ସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବାରୁ ଭଙ୍ଗାଯିବ ବୋଲି ଜଣାପଡ଼ିଛି। ଆଜି ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ସ୍ଥାୟୀନ ତହସିଲଦାର ଅମୀୟ କେତନ ସ୍ୱାଇଁ ଓ ଅନ୍ୟ କର୍ମକର୍ତାଙ୍କ ସହ ଘଟଣା ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ୭୦୦ ରୁ ଉର୍ଦ୍ଧ୍ୱ ଏକର ଜମି ଉପରେ ଚୁଙ୍ଗୁଡି ମାଫିଆ ମାନେ ବେଆଇନ ଭାବେ ଚୁଙ୍ଗୁଡି ଘେରି କରି କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କିବା ସହ ବେଆଇନ କାର୍ଯ୍ୟରେ ଲିପ୍ତ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତେଜନା ପ୍ରକାଶ ପାଉଛି। ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବାପରେ ଉପ ଜିଲ୍ଲପାଳ ଶ୍ରୀ ନାୟକ ରଙ୍ଗଣୀ, ତାଳଚୁଆ, ଡାଙ୍ଗମାଳ, ଜଗତ ଯୋରୀ ପ୍ରଭୃତି ଅଞ୍ଚଳ ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବହୁ ବର୍ଷ ପୂର୍ବେ ବିଶ୍ୱ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ସହାୟତା ରେ କରା ଯାଇଥିବା ଚୁଙ୍ଗୁଡି ଘେରି ପ୍ରକଳ୍ପ ବନ୍ଦ ହୋଇଯିବା ପରେ ଏହି ଘେରି ଅଞ୍ଚଳକୁ ମାଫିଆ ମାନେ ପୁନର୍ବାର ଖୋଳି ବେଆଇନ ଭାବେ ବିନା ଅନୁମତି ରେ ଘେରି କରି ପ୍ରଚୁର ମୁନାଫା ଅର୍ଜନ କରୁଛନ୍ତି। ଏହି ଘେରି ହେବା ଫଳରେ ପରିବେଶ ପ୍ରଦୂଷଣ ହେବା ସହ ଜଳବାୟୁର ପରିବର୍ତନ ଘଟି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି। ଏହାକୁ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ଉପ ଜିଲ୍ଲପାଳ ଶ୍ରୀ ନାୟକ ଘଟଣା ସ୍ଥଳ ପରିଦର୍ଶନ କରି ଜିଲ୍ଲପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି।

## ନିଖିଳ ଓଡିଶା ଆଶାକର୍ମୀ ସଂଘ ପକ୍ଷରୁ ସିଡିଏମଓଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୧୪।୫(ସଂଚାର ବ୍ୟୁରୋ):** ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ ପକ୍ଷରୁ ମାସିକ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ନେଇ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଜିଲ୍ଲାର ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ସମେତ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀମାନେ ମାସିକ ଯେଉଁ ଜତ୍ କିତ ପ୍ରାପ୍ୟ ପାଇଥାନ୍ତି ତାହା ପ୍ରତିମାସର ପ୍ରଥମ ସପ୍ତାହରେ ଦିଆଯିବା କଥା। ଏନେଇ ସଂଗଠନ ପକ୍ଷରୁ ବାରମ୍ବାର ଦାବି ଓ ଆନ୍ଦୋଳନ କରାଯିବା ପରେ ଏହା ଜିଲ୍ଲା ବ୍ୟାପି କାର୍ଯ୍ୟକାରୀ କରାଯାଇଥିଲା। କିନ୍ତୁ ଦୀର୍ଘ ୭ମାସ ଧରି ସେମାନଙ୍କୁ ମାସିକ ପ୍ରାପ୍ୟ ମାସର ପ୍ରଥମ ସପ୍ତାହରେ ଦିଆଯାଉନାହିଁ। ଯାଦ୍ୱାରାକି ଦରଦାମ ବୃଦ୍ଧି ଦୁନିଆରେ ଆଶାକର୍ମୀମାନେ ସେମାନଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଫଳରେ ସେମାନେ ହତୋତ୍ସାହିତ ହୋଇ ପଡୁଥିବା ଦର୍ଶାଇଛନ୍ତି। ଏସଂପର୍କରେ ସଙ୍ଘ ପକ୍ଷରୁ ଅପ୍ରେଲମାସ ୨୫ତାରିଖରେ ଇନ୍ଦୁପୁର ମେଡିକାଲ ଅଫିସରଙ୍କୁ ଜଣାଇଥିଲେ। ମାତ୍ର ଅଦ୍ୟାବଧି ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀମାନେ ୩ମାସର ପ୍ରାପ୍ୟ ପାଇନଥିବା ଅଭିଯୋଗ କରିଛନ୍ତି। ଆସନ୍ତା ୧୭ତାରିଖ ସୁଦ୍ଧା ସେମାନେ ଏହି ବକେୟା ପ୍ରାପ୍ୟ ନପାଇଲେ ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପିଲାଛୁଆଙ୍କ ସହ ଦାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସଙ୍ଘ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେଉରା, ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, ଇନ୍ଦୁପୁର ସିଏଚସି ସମ୍ପାଦିକା ନନ୍ଦିନୀ ସ୍ୱାଇଁ, ସଂଯୁକ୍ତା ରାଉତ, ଏଆଇଟିୟୁସି ନେତା ରମଣୀରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଲେ ପରିବାର



**ମହାକାଳପଡ଼ା,୧୪।୫(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟା ସମୟରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରଜ ଗ୍ରାମର ବାବୁ ମେର୍ଦ୍ଧାଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ବାବୁ ମେର୍ଦ୍ଧାଙ୍କ ପତ୍ନୀ ଚୁଲିରେ ଭାତ ହାଣ୍ଡି ବସାଇ ପାଣି ଆଣିବାକୁ ଯାଇଥିବା ସମୟରେ ପବନରେ ନିଆଁ ଉଡ଼ି ଚାଳରେ ପଡ଼ିଥିଲା। ଚାହୁଁ ଚାହୁଁ ନିଆଁ ଚାରି ଆଡ଼େ ବ୍ୟାପି ଯାଇଥିଲା। ନିଆଁ ଲାଗିବା ଦେଖି ବାବୁଙ୍କ ପତ୍ନୀ ଚିତ୍କାର କରି ପାଟି କରିଥିଲେ। ଗ୍ରାମବାସୀଙ୍କ ତରଫରୁ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିବା ସହିତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନିଆଁର କରାଳ ତାପରେ ଦରକାରୀ କାଗଜପତ୍ର, ଧାନ, ଚାଉଳ, ଲୁଗାପଟା ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଦି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ପରିବାର ଏବେ ଖୋଲା ଆକାଶ ତଳେ ବେସାହାରା ହୋଇ ପଡ଼ିଛନ୍ତି। ତୁରନ୍ତ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଭିଯୋଗକାରୀଙ୍କୁ ପୋକ ସାଲୁବାଲୁ ପିଇବା ପାଣି, ଅଭିଯୋଗ ପରେ ଢଳାହେଲା




**ରାଜନଗର,୧୪।୫(ସଂଚାର ବ୍ୟୁରୋ):** ପ୍ରବଳ ଖରା ଓ ଗୁଳୁଗୁଳି ପାଇଁ ସକାଳ ୭ଟାରୁ ଦିନ ୧୦ଟା ଯାଏଁ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଜନଶୁଣାଣୀ ଶିବିରକୁ ଆସିଥିବା ଅଭିଯୋଗକାରୀଙ୍କ ପାଇଁ ହାତଧୁଆ ପାଣିଟାଙ୍କିରେ ପୋଖରୀ ପାଣିରେ ଓଆରଏସ ପକାଇ ପିଇବା ପାଇଁ ରଖାଯାଇଥିଲା।ଲୋକେ ଏହି ପାଣି ପିଇବା ପରେ ପୋକ ଓ କାଦୁଅ ବାହାରୁଥିବା ଦେଖି ଅଭିଯୋଗ କରିଥିଲେ।ଆଇନଜୀବୀ ଓ ସାମ୍ବାଦିକମାନେ ଗ୍ଲାସରେ ଏହି ପାଣି ନେଇ ପ୍ରଶାସନିକ ଅଧିକାରୀଙ୍କୁ ଦେଖାଇବା ସହିତ ପିଇବା ପାଇଁ କହିଥିଲେ। ଏହା ପରେ ଉପଜିଲ୍ଲାପାଳ ପାଣି ଟାଙ୍କିକୁ ଦେଖିବାକୁ ଆସିଥିଲେ। ପାଣିରେ ପୋକ ଓ ଟାଙ୍କି ଭିତରେ କାଦୁଅ ଲାଗିଥିବା ଦେଖି ବ୍ଲକ ପ୍ରଶାସନ ଓ ଜଳ ଯୋଗାଣ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ସଙ୍ଗେ ସଙ୍ଗେ ସେହି ପାଣିକୁ ଢାଳି ଦିଆଯାଇଥିଲା ଓ ବୋତଲ ପାଣି ଲୋକଙ୍କ ପାଇଁ ଆସିଥିଲା।

## ମାର୍ଶାଘାଇରେ କୃଷି କ୍ଷେତ୍ର ଦିବସ ପାଳିତ

**ମାର୍ଶାଘାଇ, ୧୪।୫(ସଂଚାର ବ୍ୟୁରୋ):** ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ନିମନ୍ତେ ଅଭିଜ୍ଞତା ଆଦାନ ପ୍ରଦାନ ସମ୍ପର୍କିତ ଶିବିର 'କ୍ଷେତ୍ର ଦିବସ' ମାର୍ଶାଘାଇ ବ୍ଲକ କୃଷି ବିଭାଗ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଜୁଣମାର୍ଶାଘାଇ ଏବଂ କଷୋଟି ଗ୍ରାମ କୃଷକ ମାନଙ୍କ ଉପସ୍ଥିତିରେ ଏହି ଦିବସ ମାର୍ଶାଘାଇ ଯଜ୍ଞ ମଠ ପ୍ରାଙ୍ଗଣରେ ପାଳିତ ହୋଇଥିଲା। ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ, ସ୍ୱେଚ୍ଛାସେବୀ ସଂଗଠନ ଶାନ୍ତିମୈତ୍ରୀ ପ୍ରତିନିଧି ରଞ୍ଜନ କୁମାର ଦାସ, ଗ୍ରାମ୍ୟ କୃଷି କର୍ମୀ ଭରଦ୍ୱାଜ ମାଝୀ ପ୍ରମୁଖ ଯୋଗଦେଇ ଧାନଚାଷ ପରବର୍ତ୍ତୀ ପଡ଼ିଆ ଜମିରେ କରାଯାଇଥିବା ମୁଗ, ବିରି ଚାଷ ସମ୍ପର୍କରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଶାନ୍ତି ମୈତ୍ରୀ ସ୍ୱେଚ୍ଛାସେବୀ ସଂଗଠନର ଅନ୍ୟତମ ପ୍ରତିନିଧି ଅଦ୍ୱୈତ ପ୍ରସାଦ କର, କୃଷକ ସାଥି ବିନୋଦ କୁମାର ଦାସ, ମନୋରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ କ୍ଷଚାଷୀ ରମେଶ ପ୍ରଧାନ, ସୁରେନ୍ଦ୍ର ଦାସ, କିରଣ ବେଉରା, ରାଜେନ୍ଦ୍ର ବାରିକ, ସନ୍ତୋଷ ଦାସ, ବସନ୍ତିଆଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ୨୧ରେ କଳ୍ପନାଙ୍କ ବିରୋଧରେ ପଡ଼ିବ ଅନାସ୍ଥା ଭୋଟ୍

- ଆଗରୁ ଦୁଇଥର ବାତିଲ ହୋଇଛି ତାରିଖ
- ଏଥର ବାଜି ମାରିନେବ ଶାସକ ଦଳ !

**ମହାକାଳପଡ଼ା,୧୪।୫(ସଂଚାର ବ୍ୟୁରୋ):** ଆସନ୍ତା ୨୧ ରେ ମହାକାଳପଡ଼ା ବ୍ଲକ ପରିସରରେ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ପଡ଼ିବ ଅନାସ୍ଥା ଭୋଟ୍। ଏନେଇ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସରପଞ୍ଚ, ସଭ୍ୟ, ସଭ୍ୟା ମାନଙ୍କୁ ବ୍ଲକ୍ ସମ୍ମିଳନୀ କକ୍ଷରେ ୧୧ ଘଟିକା ସମୟରେ ଉପସ୍ଥିତ ରହିବାକୁ ଚିଠି କରାଯାଇଛି। ପୂର୍ବରୁ ଦୁଇଥର ଅନାସ୍ଥା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖ ବାତିଲ ହୋଇଛି। ଥରେ ଏପ୍ରିଲ ୫ ରେ ତାରିଖ ଧାର୍ଯ୍ୟ କରିଥିଲା ପ୍ରଶାସନ। ହେଲେ ଠିକ୍ ଗୋଟିଏ ଦିନ ପୂର୍ବରୁ ୯ ଜଣ ସଦସ୍ୟ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନାସ୍ଥା ବୈଠକରେ ସାମିଲ ହୋଇନପାରିବା ଦର୍ଶାଇବାରୁ ଜିଲ୍ଲା ପ୍ରଶାସନ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନାସ୍ଥା ବୈଠକକୁ ସ୍ଥଗିତ ରଖିଥିଲେ। ଯାହାକୁ କେନ୍ଦ୍ର କରି ଅଦାଲତରେ ମାମଲା କରାଯାଇଥିଲା। ଏମିତି ଭିତରେ ଏପ୍ରିଲ ୨୯ ତାରିଖରେ ଅନାସ୍ଥା ଭୋଟ୍ ପାଇଁ ବୈଠକ ସ୍ଥିର କରିଥିଲା ପ୍ରଶାସନ। ୩୦ ତାରିଖରେ ଅଦାଲତରେ ଅନାସ୍ଥା ସମ୍ପର୍କିତ ଶୁଣାଣୀ ଥିବାବେଳେ ପ୍ରଶାସନ ୨୯ ରେ ଅନାସ୍ଥା ବୈଠକ ପାଇଁ ଚିଠି କରିଥିବାରୁ ଅଦାଲତ ତରଫରୁ ପରବର୍ତ୍ତୀ ନିର୍ଦ୍ଦେଶ ନହେବା ପର୍ଯ୍ୟନ୍ତ ଅନାସ୍ଥା ବୈଠକ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସୋମବାର ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶରେ ସାନି ତାରିଖ କରାଯାଇ ଅନାସ୍ଥା ଭୋଟ୍ ପାଇଁ ବୈଠକ ଆୟୋଜନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ହୋଇଥିବା ଚିଠି ସଂଖ୍ୟା ୫୮୯୫ ରେ ମହାକାଳପଡ଼ା ପଞ୍ଚାୟତ ସମିତିର ସମସ୍ତ ସମିତି ସଭ୍ୟ/ସରପଞ୍ଚ (ସଭ୍ୟ/ସଭ୍ୟା) ମାନଙ୍କୁ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ସ୍ଥଗିତ ଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଓଡିଶା ପଞ୍ଚାୟତ ସମିତି ଆଇନ ୧୯୯୪ ଧାରା ୪୬(୨)(ବି) ଅନୁଯାୟୀ ସ୍ୱତନ୍ତ୍ର ବୈଠକକୁ ଆସନ୍ତା ମେ ୨୧ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହ ରେ ଅନୁଷ୍ଠିତ ହେବାକୁ ସୂଚିତ କରାଯାଇଛି। ମହାକାଳପଡ଼ା ତହସିଲଦାର ଶିବ ମଲ୍ଲୀକଙ୍କୁ ଏହି ବୈଠକକୁ ସଭାପତିତ୍ୱ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଶାସକଦଳ ଅଧ୍ୟକ୍ଷା ପଦ ହାତେଇବାକୁ କଳ ବଳ କୌଶଳ ଲଗାଇ ଦେଇଥିଲା। ଯା ଭିତରେ ବିରୋଧି ଦଳ ସମର୍ଥନରେ ଥିବା ଏକାଧିକ ସରପଞ୍ଚ ଓ ସଭ୍ୟ ମଧ୍ୟ ଶାସକ ଦଳକୁ ସମର୍ଥନ କରିସାରିଛନ୍ତି। ଯେଉଁ କେତେଜଣ ସଦସ୍ୟଙ୍କ ପାଇଁ ଏହି ଅନାସ୍ଥା ଖେଳ ସମୀକରଣ ବିଗୁଡୁଥିଲା ସରପଞ୍ଚ ଓ ସଭ୍ୟଙ୍କ ପଛ ପରିବର୍ତ୍ତନ ପରେ ହେବାକୁ ଥିବା ଅନାସ୍ଥା ଭୋଟ୍ ବୈଠକରେ ଶାସକ ଦଳ ବାଜିମାତ କରିବ ବୋଲି ଆଲୋଚନା ସରଗରମ ହେଉଛି।

## ସିବିଏସ୍ଇ ମାଟ୍ରିକ୍ ଟପ୍ପର ସମୃଦ୍ଧି



**ରାଇଘର,୧୪।୫(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବିଦ୍ୟାଳୟ ସଙ୍ଗଠନ ର ସିବିଏସ୍ଇ ଦଶମ ଶ୍ରେଣୀ ଛାତ୍ରୀ ସମୃଦ୍ଧି ଘରାମୀ ଆଦର୍ଶ ବିଦ୍ୟାଳୟ ସଙ୍ଗଠରେ ସିବିଏସ୍ଇ ମାଟ୍ରିକ୍ ପରୀକ୍ଷାରେ ୯୭.୬ ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେ ଗଣିତ ଓ ସାମାଜିକ ବିଜ୍ଞାନରେ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ରାଇଘର ବ୍ୟବସାୟୀ ନେପାଳ ଘରାମୀ ଓ ଗୃହିଣୀ ଗୀତାଙ୍କ ଝିଅ ସମୃଦ୍ଧି। ରାଇଘର ଭଳି ଉପାନ୍ତ ଅଞ୍ଚଳର ଝିଅ ମାଟ୍ରିକ ପରୀକ୍ଷାରେ ନବରଙ୍ଗପୁର ଜିଲାରେ ଆଗୁଆ ଝିଅ ହୋଇ ରାଇଘର ସମେତ ଜିଲାକୁ ଗୌରବ ଆଣିଦେଇଥିବାରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।ସମୃଦ୍ଧି ପ୍ରତିଦିନ ୧୦ ଘଣ୍ଟା ପରିଶ୍ରମ କରୁଛି ଆଗାମୀ ଦିନରେ ଆଇଇଏସ୍ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖୁଥିବା ସେ କହିଛନ୍ତି। ଏହି ସଫଳତାର ଶ୍ରେୟକୁ ସମୃଦ୍ଧି ତାଙ୍କ ମାଆ ବାପା ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

## ରାଜ୍ୟ ଖାଦ୍ୟ ଯୋଗାଣ ନିଗମରେ ମନ୍ତ୍ରୀ

# ଧାନକିଣା ସଂକ୍ରାନ୍ତ ଅଭିଯୋଗର ତ୍ୱରିତ ସମାଧାନ କର



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ରାଜ୍ୟରେ ଆଜିଠାରୁ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି। ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଚାଲୁ ରହିଛି । ଏହି କେନ୍ଦ୍ରକୁ ଆଜି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଲି ଦେଖିଛନ୍ତି। ଏଥିସହ ମଣ୍ଡିରେ ଧାନ କିଣା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର ଅନୁଧ୍ୟାନ, ମଣ୍ଡିରୁ ମିଲ୍ ଯାଉଥିବା ଗାଡ଼ିର ଟ୍ରାକିଂ ଏବଂ ଏ ସମ୍ପର୍କିତ ଲାଇଭ୍ ଫୁଟେଜ୍‌ର ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ତଦାରଖ କରିଥିଲେ। ଏଥିସହ ଚାଷୀ ଓ ମଣ୍ଡିରେ ନିୟୋଜିତ ନୋଡାଲ ଅଫିସରଙ୍କ ସହ ମନ୍ତ୍ରୀ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ନେଇ ଜାଣିବାକୁ ଚାହିଁଥିଲେ। ଏହି ଅବସରରେ ଧାନକିଣା ସମ୍ପର୍କିତ କୌଣସି ପ୍ରକାର ଅଭିଯୋଗ ଥିଲେ ତୁରନ୍ତ ଟୋଲ୍ ଫ୍ରି ନଂ ୧୯୬୭ ମାଧ୍ୟମରେ ଏହି କେନ୍ଦ୍ର ସହ ଯୋଗାଯୋଗ କରିବା ସକାଶେ ପରାମର୍ଶ ଦେଇଥିଲେ। ଧାନକିଣା ନେଇ କୌଣସି ଚାଷୀଙ୍କଠାରୁ ଅଭିଯୋଗ ଆସିଲେ ସେସବୁର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକାରିତା ଓ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## ବାଇକ୍‌କୁ ଧକ୍କା ଦେଲା 'ଆମ ବସ୍': ଜଣଙ୍କ ମୃତ୍ୟୁ

**ବାଲିପାଟଣା, ୧୪।୫ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ଜିତିକାଲୋସୁଆଁଲୋ ଠାରେ 'ଆମ ବସ୍' ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ଜଗତସିଂହପୁର ଅଞ୍ଚଳର ବୋଲି ଜଣାପଡିଛି। ବୁଧବାର ସନ୍ଧ୍ୟା ସମୟରେ ୨ ଜଣ ବ୍ୟକ୍ତି ଏକ ବାଇକ୍‌ରେ ହଂସପାଳ-ଅଭୟମୁଖି ରାସ୍ତାରେ ଯାଉଥିଲେ। ଏହି ସମୟରେ ଜୟଦେବ ପୀଠରୁ 'ଆମ ବସ୍' ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଜିତିକାଲସୁଆଁଲୋ ଠାରେ ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ହସ୍ତତନ୍ତ ଓ ହସ୍ତଶିଳ୍ପ ଓଡ଼ିଆ ଜାତିର ପରିଚୟ: ମନ୍ତ୍ରୀ




**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀମାନଙ୍କ ଏକ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା ବୈଠକ ଆଜି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି ଯେ ହସ୍ତତନ୍ତ ଓ ହସ୍ତଶିଳ୍ପ ଓଡ଼ିଆ ଜାତିର ଅନ୍ୟତମ ପରିଚୟ। ଏହି ସମୃଦ୍ଧ ପରମ୍ପରାକୁ ଆଗକୁ ନେବାକୁ ହେଲେ ବିପଣନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ। ଅନଲାଇନ ସହ ବିଶ୍ୱ ବଜାରରେ ଆମ ସାମଗ୍ରୀକୁ ଉପଲବ୍ଧ କରାଇବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ବୁଣାକାର, କାରିଗର ଓ ରେଶମ ଚାଷୀଙ୍କ ହିତକୁ ପ୍ରାଥମିକତା ଦେଇ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ତା'ର ସଫଳତା ଓ ଦକ୍ଷତା ବୃଦ୍ଧି ଉପରେ ବିସ୍ତୃତ ସମୀକ୍ଷା କରାଯାଇଛି। ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନର ସମୃଦ୍ଧି ଉପରେ ମଧ୍ୟ ଚର୍ଚ୍ଚା ହୋଇଛି। ସମସ୍ତ ପ୍ରକାର ରେଶମ ଯଥା ମୁଗା, ଟସର, ଏରି, ମଲବେରୀ ଆଦି ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

- **ବୁଣାକାର, କାରିଗର ଓ ରେଶମ ଚାଷୀଙ୍କ ହିତକୁ ପ୍ରାଥମିକତା ଦିଅ**
- **ନିୟମିତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱ**

ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସାମଗ୍ରୀ ଉତ୍ପାଦନରେ ନୂଆ ଡିଜାଇନ୍, ଉନ୍ନତ ପ୍ୟାକେଜିଂ, ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, ବଜାର ସଂଯୋଗ ଓ ନୂଆ କ୍ଲଷ୍ଟର୍ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ବୁଣାକାର ଓ କାରିଗରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ସମ୍ପର୍କରେ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ ଚୌଧୁରୀ ଦିଗଦର୍ଶନ ଦେଇଛନ୍ତି। ହସ୍ତଶିଳ୍ପ ନିର୍ଦ୍ଦେଶିକା ତଥା ବୟନିକା ପରିଚାଳନା ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ତଥା ଯୁଗ୍ମ ସଚିବ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନଶିଳ୍ପ, ରେଶମ ଓ ହସ୍ତଶିଳ୍ପର ଉପ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କ୍ଷେତ୍ର ଅଧିକାରୀମାନେ ଯୋଜନା କାର୍ଯ୍ୟକାରୀ ସମୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ସେମାନଙ୍କ ମତାମତ ମଧ୍ୟ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ୨୩୭୫ ଜଣ ବୁଣାକାରଙ୍କୁ ୱାର୍କ ସେଡ ନିର୍ମାଣ ପାଇଁ ସହାୟତା ପ୍ରଦାନ କରାଯାଇଥିବା ବେଳେ ୭୬୨ ଜଣଙ୍କୁ ତନ୍ତ ଗର୍ତ୍ତ ଡଳେଇକରଣ, ୯୪୨୮ ଜଣଙ୍କୁ ଲାଇଟିଂ ୟୁନିଟ୍, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ୫୬୭ ଜଣଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଓ ୪୮୪୨ ଜଣଙ୍କୁ ହସ୍ତତନ୍ତ ଉପକରଣ ଯୋଗାଇ ଦିଆଯାଇଛି।

### ପଛୁଆ ବର୍ଗଙ୍କ ଅଧିକାର ଓ ଉପଲବ୍ଧିକୁ ନେଇ ବୈଠକ

## ନ୍ୟାଯ୍ୟ ଦାବି ନେଇ ରାଜ୍ୟପାଳଙ୍କୁ କଂଗ୍ରେସର ସ୍ମାରକପତ୍ର



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପଛୁଆ ବର୍ଗ ଜାତିଭିତ୍ତିକ ଜନଗଣନା ଓ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଓବିସି ବର୍ଗର କଂଗ୍ରେସ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଅପରାହ୍ନରେ ରାଜ୍ୟପାଳଙ୍କୁ ପିସିସି ସଭାପତି ଓ କଂଗ୍ରେସର ବରିଷ୍ଠ ନେତୃବର୍ଗ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଓବିସି ଓ ଏସ୍‌ଇବିସି ଏବଂ ଏସ୍‌ସି ଓ ଏସ୍‌ଟି ବର୍ଗର ପ୍ରତି ବ୍ୟବସ୍ଥିତ ସଂରକ୍ଷଣ ଓ ସାମାଜିକ ନ୍ୟାୟ ନୀତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି। ମୁଖ୍ୟତଃ ଓବିସି ଓ ଏସ୍‌ଇବିସି ବର୍ଗକୁ ନ୍ୟାଯ୍ୟ ସୁଯୋଗରୁ ବଞ୍ଚିତ କରାଯାଉଥିବାରୁ ଏ ଦିଗରେ ପଦକ୍ଷେପ ଜରୁରୀ। ସେହିପରି ବୈଷୟିକ ଶିକ୍ଷାରେ ଏସ୍‌ସି ଓ ଏସ୍‌ଟି ବର୍ଗର ପ୍ରାର୍ଥୀମାନଙ୍କୁ ଆଇନ ପ୍ରଦତ୍ତ ସଂରକ୍ଷଣ ପ୍ରଦାନ କ୍ଷେତ୍ରରେ ଅବହେଳା କରାଯାଉଛି। ସେହିପରି ଓବିସି ଓ ଏସ୍‌ଇବିସି ବର୍ଗର ପ୍ରାୟ ୫୦ ହଜାର ନିଯୁକ୍ତି ଅନୁସନ୍ଧାନକାରୀ ନ୍ୟାୟଗତ ଅଧିକାର ପାଇପାରୁନାହାନ୍ତି। ସେହିଭଳି ରାଜ୍ୟ ଜନସଂଖ୍ୟାର ୪୦ ପ୍ରତିଶତ ଏସ୍‌ସି ଓ ଏସ୍‌ଟି ବର୍ଗର ହୋଇଥିବା ବେଳେ ସେମାନେ ବୈଷୟିକ ଶିକ୍ଷା କ୍ଷେତ୍ରରେ କେବଳ ୨୦ ପ୍ରତିଶତ ସଂରକ୍ଷଣ ସୁବିଧା ପାଉଛନ୍ତି। ତା'ଛଡ଼ା ଏସସି ଓ ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁଙ୍କ ପାଇଁ କାର୍ଯ୍ୟ କରୁଥିବା ବିତ୍ତୀୟ ସଂସ୍ଥାନଗୁଡ଼ିକ ମଧ୍ୟ ବର୍ଷ ବର୍ଷ ଧରି ଅକାମି ହୋଇପଡ଼ିଛି। ଫଳରେ ଏହି ବର୍ଗର ପ୍ରାର୍ଥୀମାନେ ଉଦ୍ୟୋଗ କ୍ଷେତ୍ରରେ ପ୍ରଗତି କରିପାରୁନାହାନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗ ଦେଇ କହିଛନ୍ତି ଯେ ପଛୁଆବର୍ଗ, ଆଦିବାସୀ ଓ ଦଳିତଙ୍କ ସ୍ୱାର୍ଥ ପ୍ରତି କଂଗ୍ରେସ ସବୁବେଳେ ସଚେତନ ରହିଆସିଛି। ଦଳର ପ୍ରମୁଖ ନେତା ରାହୁଲ ଗାନ୍ଧି ଏହି ବର୍ଗର ଲୋକଙ୍କ ପାଇଁ ଅବିରତ ଲଢ଼େଇ କରୁଛନ୍ତି। ଆଗାମୀ ଦିନରେ ମଧ ଦଳ ତା'ର ଏହି ନୀତି ଜାରି ରଖିବ। ଏଥିସହ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଓବିସି ଓ ଏସ୍‌ଇବିସି ବର୍ଗ ସକାଶେ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିବା ସହ ଏହି ବର୍ଗର ପ୍ରାର୍ଥୀମାନେ ଯେଉଁସବୁ ସୁଯୋଗ ହରାଇଛନ୍ତି, ତା'ର ଭରଣା ସକାଶେ ଏକ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ପାଇଁ ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଦାବି କରାଯାଇଛି।

# ଏସ୍‌ସିବିରେ କିଡ୍‌ନୀ ରୋଗୀଙ୍କୁ ଅବହେଳା



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ରାଜ୍ୟର ପ୍ରମୁଖ ମେଡିକାଲ କଲେଜ ଓ ହସ୍ପିଟାଲ ମଧ୍ୟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କେଲେଜ ଓ ହସ୍ପିଟାଲ୍ (ଏସ୍‌ସିବି) ଉପରେ ସର୍ବାଧିକ ରୋଗୀ ଭରସା କରିଥାନ୍ତି। ଏଠାରେ କିଡ୍‌ନୀଜନିତ ରୋଗ ଓ କିଡ୍‌ନୀ ପ୍ରତିରୋପଣ, ଅସ୍ତ୍ରୋପଚାର ଆଦି ବିଭାଗ ରହିଥିବା ବେଳେ ଏହା ସମଗ୍ର ରାଜ୍ୟର କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଉଛି। ଗତ ୨୦୧୨ରେ କିଡ୍‌ନୀଜନିତ ରୋଗ ଚିହ୍ନଟ ପାଇଁ ୩୬ ହଜାର ରୋଗୀଙ୍କୁ ନେଇ ଏକ ସର୍ବେକ୍ଷଣ ହୋଇଥିବା ବେଳେ ସେଥିରେ ୧୫୦୦ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସେମାନେ ସମସ୍ତେ ମଧ୍ୟ ଏସ୍‌ସିବିରେ ଚିକିତ୍ସା ସୁବିଧା ପାଇପାରିଥିଲେ। କିନ୍ତୁ ଦିନକୁ ଦିନ ଏହି ବିଭାଗରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା କମୁଥିବାରୁ କିଡ୍‌ନୀ ରୋଗୀମାନଙ୍କୁ ଉପଯୁକ୍ତ ସେବା ମିଳିପାରୁନଥିବା ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଆସୋସିଏଟ ପ୍ରଫେସରଙ୍କ କାର୍ଯ୍ୟକଳାପର ତଦନ୍ତ ପାଇଁ ପୂର୍ବରୁ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ, ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇସାରିଛନ୍ତି। ଉକ୍ତ ଆସୋସିଏଟ ପ୍ରଫେସର ଓ ୟୁରୋଲୋଜି ପ୍ରଫେସରଙ୍କ ଭୁଲ ଚିକିତ୍ସା ଓ ବାଧ୍ୟ କରି ଘରୋଇ ହସ୍ପିଟାଲକୁ ପଠାଇବା ଘଟଣାରେ ଲୋକ ଅଦାଲତ ଦ୍ୱାରା ପୀଡ଼ିତଙ୍କୁ ୭୯ ଲକ୍ଷ ୨୦ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ ସକାଶେ ହୋଇଥିବା ନିର୍ଦ୍ଦେଶ ନେଇ ମଧ୍ୟ ସମସ୍ତେ ଅବଗତ ଅଛନ୍ତି। ସେମାନଙ୍କ ନେତୃତ୍ୱରେ ଏସ୍‌ସିବିରେ କିଡ୍‌ନୀ ରୋଗୀଙ୍କୁ ସୁସ୍ଥ କରିବା ପରିବର୍ତ୍ତେ ନିଷେଧ ଔଷଧ ବ୍ୟବହାର କରାଯାଇ ୧୨୫ରୁ ଅଧିକ କିଡ୍‌ନୀ ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଆଜି ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଜନସ୍ୱାସ୍ଥ୍ୟ ଅଭିଯାନ ଓ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଏସ୍‌ସିବି କିଡ୍‌ନୀ ବିଭାଗ ବିରୋଧରେ ଏପରି ଗୁରୁତର ଅଭିଯୋଗ କରାଯାଇଛି।

**ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ**

ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ ଏଠାରେ କିଡ୍‌ନୀ ରୋଗୀଙ୍କ ଚିକିତ୍ସାରେ ଅବହେଳା କରାଯାଉଥିବାରୁ ଏନେଇ ନ୍ୟାସନାଲ ମେଡିକାଲ କମିଶନ ଏସ୍‌ସିବିରେ ପ୍ରଫେସର ଅଭାବ ଦର୍ଶାଇ ଏହାର ଅନୁମୋଦନ ପ୍ରତ୍ୟାହାର କରିନେବାକୁ ତାଗିଦ କରିଛନ୍ତି। ଅବିଳମ୍ବେ କିଡ୍‌ନୀ ବିଭାଗର ୩ ପ୍ରଫେସର, ଜଣେ ଆସୋସିଏଟ ପ୍ରଫେସର ଓ ୩ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯିବା ସହ ସେମାନେ କିପରି ୨୪ ଘଣ୍ଟିଆ ସେବା ଯୋଗାଇଦେବେ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି। ସେହିପରି ଅତୀତରେ ଯେଉଁମାନେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ମଧ୍ୟ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରା, ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର, କେନ୍ଦ୍ରୀୟ କମିଟି ସଦସ୍ୟ ତଥା ସର୍ବୋଦୟ ନେତା ଡଃ ବିଶ୍ୱଜିତ୍, କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଆସୋସିଏସନ ଅଫ୍ ଓଡ଼ିଶାର ସମ୍ପାଦିକା ଜୟଶ୍ରୀ ବେହେରା, ବରିଷ୍ଠ ସାମ୍ବାଦିକ ସତୀଶ ମିଶ୍ର, ରାଷ୍ଟ୍ରୀୟ ଯୁବ ସଙ୍ଗଠନର ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ

### ● ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ପିଙ୍କି ଓ ଜିତେନ୍ଦ୍ର ଜିତିଲେ ସ୍ୱର୍ଣ୍ଣ



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଥାଇଲାଣ୍ଡର ପଟାୟାଠାରେ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶାର ପ୍ରତିଯୋଗୀଙ୍କ ମଧ୍ୟରୁ ୨ ଜଣ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ସେମାନେ ହେଲେ ପିଙ୍କି ବେହେରା ଓ ଜିତେନ୍ଦ୍ର ବାରିକ। ଏହି ଦୁଇ ପ୍ରତିଯୋଗୀ ବଡିବିଲ୍‌ଡିଂ ଓ ଫିଟ୍‌ନେସ୍‌ରେ ଚାମ୍ପିଅନ୍ ହୋଇ ଏହି ପଦକ ହାସଲ କରିଛନ୍ତି। ଉଭୟଙ୍କୁ ଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ପକ୍ଷରୁ ଉପରୋକ୍ତ ପ୍ରତିଯୋଗିତାରେ ଭାଗ ନେବା ସକାଶେ ମନୋନୀତ କରାଯାଇଥିଲା। ଏହି ସଫଳତା ପାଇବା ପରେ ନିକଟରେ ପିଙ୍କି ଓ ଜିତେନ୍ଦ୍ର ଓଡ଼ିଶା ଫେରିଛନ୍ତି। ସେମାନଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଲ୍ ଓଡ଼ିଶା ବଡିବିଲ୍‌ଡିଂ ଓ ଫିଟ୍‌ନେସ୍ ସଂଘର ସଭାପତି ଦାଶରଥି ଗରାବଡୁ, ଉପସଭାପତି ମାନସ ରଞ୍ଜନ ଦାସ, ନିର୍ଦ୍ଦେଶକ ଡକ୍ଟର ବିପିନ୍ ବିହାରୀ ମିଶ୍ର, ସମ୍ପାଦକ ତଥା ଜାତୀୟ ଓ ଏସିଆ ବିଚାରକ ଗୌରୀଶଙ୍କର ବେହେରା, କୋଷାଧ୍ୟକ୍ଷ ଶଶାଙ୍କ ବେହେରା, ସାମ୍ବାଦିକ ଚିତ୍ତ ମହାପାତ୍ର ଓ ମହିଳା ସଭାପତି ଡ. ବନ୍ଦନା ହରିଚନ୍ଦନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସଫଳତା ନେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ।

### ପାର୍ସଲ ବୋମା ବିସ୍ଫୋରଣ ମାମଲା

## ୨୮ରେ ରାୟ ପ୍ରକାଶ



**ପାଟଣାଗଡ଼, ୧୪।୫ (ସଂଚାର ବ୍ୟୁରୋ) :** ବହୁଚର୍ଚ୍ଚିତ ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବୁଧବାର ଉଭୟ ପକ୍ଷର ଓକିଲଙ୍କ ମଧ୍ୟରେ ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିତର୍କ ପ୍ରକ୍ରିୟା ଶେଷ ହୋଇଯାଇଛି। ଆସନ୍ତା ୨୮ରେ ଏହି ମାମଲାର ରାୟ ପ୍ରକାଶ ପାଇବ। ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ କ'ଣ ଦଣ୍ଡ ମିଳିବ, ଯଦି ମିଳିବ ତା'ହେଲେ କି ପ୍ରକାର ଦଣ୍ଡ ମିଳିବ ଏବେ ତା'ଉପରେ ସମସ୍ତଙ୍କର ନଜର ରହିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗୀର ଜେଲରୁ ଆଜି ମଧ୍ୟ କଡ଼ାସୁରକ୍ଷା ବଳୟ ଭିତରେ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। କୋର୍ଟରେ ଉଭୟ ପକ୍ଷର ଓକିଲ ଶେଷ ପ୍ରକ୍ରିୟାର ବିତର୍କ କରିଥିଲେ। ଏହି ବିତର୍କକୁ ଶୁଣିବା ପାଇଁ ପୁଞ୍ଜିଲାଲ ପରିବାର ବର୍ଗ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ।

ପୀଡ଼ିତା ପରିବାରଙ୍କ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋଙ୍କ କହିବା ଅନୁସାରେ, ଅଭିଯୁକ୍ତଙ୍କ ବିରୋଧରେ ଯାହାସବୁ ତଥ୍ୟ ମିଳିଥିଲା ତାକୁ ଆମେ ସମ୍ପୂର୍ଣ୍ଣ ଭାବରେ ତଥ୍ୟ ଆଧାରରେ କୋର୍ଟରେ ପ୍ରମାଣ କରିଛୁ। ଠିକ୍ ଭାବରେ ତଦନ୍ତ ପ୍ରକ୍ରିୟା ହୋଇଛି। ଏପରିକି ଯାହା ଆମେ ଉପସ୍ଥାପନ କରିଛୁ ନ୍ୟାୟ ପାଇବା ନିଶ୍ଚିତ ବୋଲି କାନୁନ୍‌ଗୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ରଙ୍କ କହିବା ଅନୁସାରେ ବିତର୍କ ପ୍ରକ୍ରିୟା ସରିଯାଇଛି। ଖୁବ୍‌ଶୀଘ୍ର କୋର୍ଟ ନିଜର ଫଇସଲା ଶୁଣିଇବେ। ପୁଞ୍ଜିଲାଲଙ୍କୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଚାପଗ୍ରସ୍ତ ହୋଇ ଫସାଇଦେଇଛି। କ୍ରାଇମବ୍ରାଞ୍ଚ ଅନ୍ୟଦିଗ ଉପରେ ତଦନ୍ତ ନ କରି ଆକ୍ରୋଶମୂଳକ ଭାବରେ ପୁଞ୍ଜିଲାଲଙ୍କୁ କାଠଗଡ଼ାକୁ ଟାଣିବା ସହ ନିଜ କାମ ସାରିଦେଇଛି। ପୁଞ୍ଜିଲାଲଙ୍କ ବିରୋଧରେ ଯେତିକି ଅଭିଯୋଗ ଆସିଥିଲା ତା'ଠାରୁ ଅନ୍ୟମାନଙ୍କ ଉପରେ ଅଧିକ ଅଭିଯୋଗ ଥିଲା। କିନ୍ତୁ ପୋଲିସ ମଧ ଚାପଗ୍ରସ୍ତ ହୋଇ ସେମାନଙ୍କୁ ତଦନ୍ତ ପରିସରକୁ ଆଣି ମଧ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିଲା। ତେଣୁ ତଦନ୍ତ ଠିକ୍ ବାଟରେ ହୋଇ ନ ଥିବା ପୁଞ୍ଜିଲାଲଙ୍କ ଓକିଲ ମିଶ୍ର କହିଥିଲେ। ସେପଟେ ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କ୍ରାଇମ୍‌ବ୍ରାଞ୍ଚ ଠିକ୍ ଭାବରେ ଏହି ମାମଲାର ତଦନ୍ତ କରିଛି। ଆଗକୁ ଆମେ ନ୍ୟାୟ ପାଇବୁ ବୋଲି ଗଣମାଧ୍ୟମ ସମ୍ମୁଖରେ ତାଙ୍କର ପ୍ରତିକ୍ରିୟା ରଖିଥିଲେ।

### ଧରାପଡ଼ିଲା ଆନ୍ତଃଜିଲା ଡକାୟତ ଦଳ

## ବିପୁଳ ସୁନା ଅଳଙ୍କାର ସହ ଦେଶୀ ବନ୍ଧୁକ-ଖଣ୍ଡା ଜବତ



**ସାଲେପୁର, ୧୪।୫ (ସଂଚାର ବ୍ୟୁରୋ) :** କଟକ ଜିଲା ସମେତ ଓଡ଼ିଶାର ଭିଭିନ୍ନ ଜିଲାରେ ଡକାୟତି ମାମଲା ଘଟାଇ ଫେରାର ହୋଇଯାଉଥିବା ଡକାୟତି ଦଳକୁ କଟକ ଜିଲା ଗ୍ରାମାଞ୍ଚଳ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। କଟକ ଜିଲାର ସାଲେପୁର, ମାହାଙ୍ଗା ଓ ନେମାଳ ଅଞ୍ଚଳରେ ହୋଇଥିବା ଡକାୟତି ଘଟଣାର ତଦନ୍ତ ଆରମ୍ଭ କରି ପୋଲିସ ଏହି ଡକାୟତି ଦଳକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୪୦ ଗ୍ରାମ ସୁନା ଓ ୫ କେଜି ୨ ଶହ ଗ୍ରାମ ରୁପା ଅଳଙ୍କାର, ନଗଦ ୩ ଲକ୍ଷ ୩ ହଜାର ଟଙ୍କା ଏକ ଆଇଚର ବସ୍ ଜବତ କରିଥିବା ବେଳେ ସେମାଙ୍କ ନିକଟରୁ ଏକ ବନ୍ଧୁକ ତିନୋଟି ଜୀବନ୍ତ ଗୁଳି, ୪ଟି ଖଣ୍ଡା ଜବତ ହୋଇଛି। ଏହି ସବୁଘଟଣାର ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲାର ସୁଶାନ୍ତ ସାହୁ, ମାହାଙ୍ଗା ଥାନ ଅଞ୍ଚଳର ଦୀପ୍ତିକାନ୍ତ ପୃଷ୍ଟି, ନେମାଳ ଅଞ୍ଚଳର ବସନ୍ତ ବଳ, ମାହାଙ୍ଗା ଅଞ୍ଚଳର କୈଳାସ ସାହୁ, ଜଗତସିଂହପୁର ଜିଲାର ବିରଞ୍ଚି ନାରାୟଣ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଚୋରା ଅଳଙ୍କାର କିଣିଥିବା ସାଲେପୁର ଅଞ୍ଚଳର ଅଜୟ ସାହୁ, ତିଲୋଚନ ସାହୁ ଓ ବାଲେଶ୍ୱର ଜିଲାର ଆଲୋକ ନନ୍ଦିକୁ ପୋଲିସ ଗିରଫ କରିଥିବା ଆଜି ସାଲେପୁର ଥାନା ପରିସରରେ ଥିବା ଏକ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ପ୍ରକାଶ କରିଛନ୍ତି।

### ● ଆଜି ରାଜ୍ୟପାଳଙ୍କ କଟକ ଗସ୍ତ

## ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବେ

**କଟକ,୧୪।୫(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଆସନ୍ତାକାଲି କଟକ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହି ଅବସରରେ ରାଜ୍ୟପାଳ ପୂର୍ବାହ୍ନ ୮ଟା ବେଳେ ନେତାଜୀ ସ୍ମାରକୀ ପ୍ରବେଶ ପଥଠାରେ ପରାକ୍ରମ ଶୋଭାଯାତ୍ରା/ତ୍ରିରଙ୍ଗା ର୍‍ୟାଲିର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସମୀକ୍ଷା ବୈଠକରେ ଜିଲ୍ଲାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗ କଲ୍ୟାଣ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଶକ୍ତି, ଶିଳ୍ପ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପୂର୍ତ୍ତ ଏବଂ କ୍ଷୁଦ୍ର ଜଳସେଚନ ଭଳି ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇବେ। ଏଥିସହ ଆଇନ୍‌ଶୃଙ୍ଖଳା ନିୟନ୍ତ୍ରଣ ସମ୍ପର୍କରେ ଉପଆୟୁକ୍ତ କମିଶନରେଟ ପୁଲିସ୍ ଓ କଟକ ଆରକ୍ଷୀ ଅଧୀକ୍ଷକ ବିବରଣୀ ପ୍ରଦାନ କରିବେ। ଜିଲ୍ଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ, ଏସସିବି ମେଡିକାଲ କଲେଜ ହସ୍ପିଟାଲ, ଚଣ୍ଡୀ ମନ୍ଦିର, ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ତାରକସି ହବ୍, ମହାନଦୀ ୱାଟର ଫ୍ରଣ୍ଟ ବିକାଶ ପ୍ରକଳ୍ପ ଆଦି ସମ୍ପର୍କରେ ମଧ୍ୟ ରାଜ୍ୟପାଳ ସମୀକ୍ଷା କରିବେ।

# ମାଗଣା ତାଲିମ, ଶିକ୍ଷିତଙ୍କୁ ଶୋଷଣ

**ଭୁବନେଶ୍ୱର,୧୪।୫:** ଚାକିରିଟିଏ ପାଇଁ ବିକଳ ହେଉଥିବା ଶିକ୍ଷିତ ଯୁବକଯୁବତୀମାନଙ୍କୁ ତାଲିମ ଓ ନିଯୁକ୍ତି ନାଁରେ ଚାଲିଛି ଶୋଷଣ । ମାଗଣା ତାଲିମ ପରେ ନିଯୁକ୍ତି ଦେଇ ସେମାନଙ୍କ ପାଉଣାରୁ ମୋଟା ଅଙ୍କର ଅର୍ଥ ନେଇଯାଉଛନ୍ତି ତାଲିମଦାତା । ତାଲିମ ପ୍ରଦାନ କରୁଥିବା ସଂସ୍ଥା ଓ ନିଯୁକ୍ତି ଦେଉଥିବା ସଂସ୍ଥା ମଧ୍ୟରେ ସଲାସୁତରାରେ ଚାଲିଥିବା ଏହି ଶୋଷଣ ଉପରେ ସରକାରୀକଳ ନଜର ଦେବାକୁ ମତପ୍ରକାଶ ପାଉଛି ।

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଏବେ ଏବେ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର, ସ୍ପୋକେନ ଇଂରାଜୀ ଆଦିର ମାଗଣା ତାଲିମ ଲୋଭ ଦେଖାଯାଉଛି। ତାଲିମ ପରେ ଶତ ପ୍ରତିଶତ ନିଯୁକ୍ତି ମିଳିବ ବୋଲି କୁହାଯାଉଛି । ଏଥିରେ ଆକର୍ଷିତ ହୋଇ ଛାତ୍ରଛାତ୍ରୀମାନେ ଯୋଗ ଦେଉଛନ୍ତି । ମାସେ କିମ୍ବା ଦୁଇ ମାସର ମାଗଣା ତାଲିମ ପରେ ବିଭିନ୍ନ ସଂସ୍ଥାରେ ତାଲିମର ସୁଯୋଗ ମିଳୁଛି ।

ତେବେ ତାଲିମ ପାଉଥିବା ପିଲାମାନେ ମାସକୁ ୬/୭ ହାଜର ଟଙ୍କାରୁ ଅଧିକ ପାଉଣା ପାଉନାହାନ୍ତି। ଏହି ଚାକିରିରେ ଛୁଟି ବି ନାହିଁ । ଛୁଟିରେ ରହିଲେ ମାସିକ ପାଉଣାରୁ ପଇସା କଟି ଯାଉଛି । ରବିବାର ପାଇଁ ମଧ ପଇସା ମିଳୁନାହିଁ। ମୋଟାମୋଟି ଭାବେ ନିଯୁକ୍ତି ପାଉଥିବା ପିଲାମାନେ ମାସକୁ ୫/୬ ହଜାର ଟଙ୍କାରୁ ଅଧିକ ପାଉନାହାନ୍ତି । କମ୍ପାନୀ ପକ୍ଷରୁ ସେମାନଙ୍କୁ ମିଳୁଥିବା ପାଉଣାରୁ ମୋଟା ଅଙ୍କର ଅର୍ଥ ସମ୍ପୃକ୍ତ ତାଲିମପ୍ରଦାନକାରୀ ସଂସ୍ଥା କମିଶନ ଆକାରରେ ନେଉଥିବା ନେଇ ଅନେକ ଆଶଙ୍କା କରୁଛନ୍ତି ।

ତେବେ ପାଠପଢ଼ା ପରେ ଦୁଇ ପଇସା ରୋଜଗାର ପାଇଁ ବିକଳ ହେଉଥିବା ପିଲାମାନଙ୍କୁ ଏଭଳି ଉପାୟରେ ଶୋଷଣ ଚାଲିଥିବାବେଳେ ଏଥିଯୋଗୁଁ ଅନେକ ପ୍ରତିଭାବାନ ପିଲା ବିଭିନ୍ନ ପ୍ରତିଯୋଗିତା ପାଇଁ ଆଉ ମନ ବଳାଉନାହାନ୍ତି। ମାଗଣା ତାଲିମ ଓ ତାଲିମ ପରେ ପରେ ନିଯୁକ୍ତି ନିଶାରେ ଅନେକ ଯୁବପୀଢ଼ି ଏବେ ଏଥିପ୍ରତି ଢଳୁଥିବାରୁ ସହଜରେ ଶୋଷଣର ଶିକାର ହେଉଛନ୍ତି ।

ସେହିଭଳି ଛାତ୍ରଛାତ୍ରୀଙ୍କୁ ମାଗଣା ତାଲିମ ଦେବାପାଇଁ ସମ୍ପୃକ୍ତ ଅନୁଷ୍ଠାନଗୁଡିକ ବିଭିନ୍ନ ଯୋଜନାରେ ସରକାରୀ ଓ ବେସରାରୀ ସଂସ୍ଥାରୁ ପ୍ରଚୁର ଅର୍ଥ ଆଣୁଥିବାବେଳେ ଏ ସଂକ୍ରାନ୍ତରେ କିନ୍ତୁ ତାଲିମଧାରୀ ଟେର୍ ପାଉନାହାନ୍ତି । ତେଣୁ ମାଗଣା ତାଲିମ ପରେ ଯେଉଁ ସଂସ୍ଥାରେ ଯେତିକି ପଇସାରେ ନିଯୁକ୍ତି ମିଳୁଛି ସେଥିରେ ସହଜରେ ରାଜି ହୋଇଯାଉଛନ୍ତି। ଏହି ଯୋଜନରେ ତାଲିମ ପ୍ରଦାନ କରୁଥିବା ସଂସ୍ଥାର ଦୁଇପଟୁ ଲାଭ ହେଉଥିବାବେଳେ ତାଲିମ ନେଇ ବିଭିନ୍ନ ଘରୋଇ ସଂସ୍ଥାରେ କାମ କରୁଥିବା ପିଲାମାନେ ସହଜରେ ଶୋଷଣର ଶିକାର ହେବାରେ ଲାଗିଛନ୍ତି ।

ରାଜ୍ୟର ସହରାଞ୍ଚଳରେ ବର୍ତ୍ତମାନ ଏଭଳି ମାଳ ମାଳ ତାଲିମକେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଏମାନେ କିଭଳି ମାଗଣାରେ ତାଲିମ ପ୍ରଦାନ କରୁଛନ୍ତି ଓ ଏଥିପାଇଁ କେଉଁ ସୂତ୍ରରୁ ଅର୍ଥ ଆଣୁଛନ୍ତି ସରକାର ତାହା ଉପରେ ନଜର ଦେବାପାଇଁ ମତପ୍ରକାଶ ପାଉଛି । ସେହିଭଳି ଏଠାରୁ ତାଲିମ ପାଇଁ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା ପିଲାମାନଙ୍କ ନିଯୁକ୍ତି ଉପରେ ଶ୍ରମ ବିଭାଗ ଦୃଷ୍ଟି ଦେବାକୁ ମଧ୍ୟ କୁହାଯାଉଛି । (ତଥ୍ୟ)

## ବିଷଖାଇ ଦମ୍ପତି ଗୁରୁତର

**ବୁଗୁଡ଼ା,୧୪।୫ (ସଂଚାର ବ୍ୟୁରୋ):** ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣି ଗ୍ରାମରେ ଜନୈକ ଦମ୍ପତି ବିଷ ଖାଇ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଦମ୍ପତି ନାରାୟଣ ସାହୁ (୩୬) ଓ କାଜଲ ସାହୁ (୩୦) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସୁରଟରେ କାମ କରୁଥିବା ନାରାୟଣ ଗତ ମାସରେ ଘରକୁ ଆସିଥିଲେ। ତେବେ ପରିବାରରେ ଅଶାନ୍ତି ଲାଗିରହିଥିବାରୁ ସ୍ତ୍ରୀ କାଜଲ ଆଜି ସକାଳେ ନାରାୟଣଙ୍କୁ ଖାଦ୍ୟରେ ବିଷ ମିଶାଇ ଖାଇବାକୁ ଦେବା ସହ ନିଜେ ବିଷ ଖାଇଦେଇଥିଲେ। ସ୍ୱାମୀ ଖାଇସାରି ଉଠିବା ବେଳକୁ ସ୍ତ୍ରୀ ବାନ୍ତି କରିଥିଲେ। ପରିବାର ଲୋକେ ଏହା ଦେଖି ଘଟଣା ସମ୍ପର୍କରେ ଜାଣିବା ସହ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଉଭୟଙ୍କ ପ୍ରାଥମିକ ଚିକିତ୍ସା କରାଇ ଡାକ୍ତର ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି।

## ଭାରତକୁ ଚିଠି ଲେଖିଲା ପାକିସ୍ତାନ

# ସିନ୍ଧୁ ଜଳଚୁକ୍ତି ବାତିଲର ବିଚାର କରିବାକୁ ନିବେଦନ



ନୂଆଦିଲ୍ଲୀ, ୧୪।୫: ପହଲଗାମ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ବାତିଲ କରିଛି। ଯାହାର ପରିଣାମ ଏବେ ସାମନାକୁ ଆସିବାରେ ଲାଗିଛି। ଜଳ ସଙ୍କଟ ଘନେଇବା ପରେ ଏବେ ପାକିସ୍ତାନ ଭାରତକୁ ଚିଠି ଲେଖି ନିଜ ନିଷ୍ପତ୍ତି ଉପରେ ପୁନର୍ବିଚାର କରିବା ପାଇଁ ଅନୁରୋଧ କରିଛି । ପାକିସ୍ତାନର ଜଳ ସଂପଦ ମନ୍ତ୍ରଣାଳୟ ଭାରତର ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖିଛି। ଭାରତର ଏହି ପଦକ୍ଷେପ ପାକିସ୍ତାନରେ ଗମ୍ଭୀର ଜଳସଙ୍କଟ ସୃଷ୍ଟି କରିପାରେ ବୋଲି କୁହାଯାଇଛି। ପାକିସ୍ତାନର ଏହି ଅନୁରୋଧକୁ ଭାରତ ମୂଳରୁ ଅସ୍ୱୀକାର କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶକୁ ସମ୍ବୋଧିତ କରି କହିଥିଲେ ଯେ ରକ୍ତ ଓ ପାଣି ଏକା ସଙ୍ଗେ ବୋହି ପାରିବ ନାହିଁ । ଟେରର୍ ଓ ଟକ୍ ଏକାସଙ୍ଗରେ ଚାଲି ପାରିବ ନାହିଁ, ଟେରର୍ ଓ ଟ୍ରେଡ୍ ମଧ୍ୟ ଏକାସଙ୍ଗରେ ଚାଲି ପାରିବ ନାହିଁ । ସିନ୍ଧୁ ଜଳ ଚୁକ୍ତି ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ଓ ପାକିସ୍ତାନୀ ମିଲିଟାରୀ ଜେନେରାଲ ଆୟୁବ ଖାନଙ୍କ ମଧ୍ୟରେ କରାଚୀରେ ୧୯୬୦ ସେପ୍ଟେମ୍ବରରେ ହୋଇଥିଲା । ଏହା ଅନୁସାରେ ଭାରତକୁ ସିନ୍ଧୁ ଓ ଏହାର ସହାୟକ ନଦୀରୁ ୧୯.୫ ପ୍ରତିଶତ ପାଣି ମିଳିଥା। ଅନ୍ୟପଟେ ୮୦ ପ୍ରତିଶତ ପାଣି ପାକିସ୍ତାନକୁ ମିଳୁଥିଲା। ଭାରତ ନିଜ ଭାଗର ବି ପ୍ରାୟ ୯୦ ପ୍ରତିଶତ ବ୍ୟବହାର କରୁଥିଲା । ସିନ୍ଧୁ ଜଳ ଚୁକ୍ତିକୁ ବାତିଲ କରିବା ପରେ ଭାରତ ସିନ୍ଧୁ ଓ ଏହାର ସହାୟତ ନଦୀର ସମସ୍ତ ପାଣି ନିଜ ପାଇଁ ବ୍ୟବହାର କରିପାରିବ । ପାକିସ୍ତାନ ଆତଙ୍କବାଦକୁ ସମର୍ଥନ କରିବା ପରିତ୍ୟାଗ ନ କରିବା ପର୍ଯ୍ୟନ୍ତ ସରକାର ଚୁକ୍ତିନାମାକୁ ବିରତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ସିନ୍ଧୁ ନଦୀର ଜଳକୁ ପାକିସ୍ତାନକୁ ପହଞ୍ଚିବାକୁ ରୋକିବା ପାଇଁ ତିନୋଟି ମୋର୍ଚ୍ଚା କ୍ଷଣିକ, ମଧ୍ୟକାଳୀନ ଏବଂ ଦୀର୍ଘକାଳୀନ ଯୋଜନା ଘୋଷଣା କରିଛନ୍ତି। ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲ କହିଛନ୍ତି ଯେ ଗୋଟିଏ ବି ବୁନ୍ଦା ପାଣି ନଷ୍ଟ ନହେବା ପାଇଁ ବ୍ୟବସ୍ଥା କରାଯିବ।

## ଚୀନ ଗ୍ଲୋବାଲ୍ ଟାଇମ୍ସର ଏକ୍ସ ଆକାଉଣ୍ଟ୍ ଭାରତରେ ବନ୍ଦ

### 'ଅପରେସନ୍ ସିନ୍ଦୂର' ସମ୍ପର୍କରେ ବିଭ୍ରାନ୍ତିକର ସୂଚନା ପ୍ରକାଶ କରିଥିଲା



ନୂଆଦିଲ୍ଲୀ, ୧୪।୫: ସୀମା ପାର୍ ହୋଇ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ସେନା ଦ୍ୱାରା କରାଯାଇଥିବା ଆତଙ୍କବାଦୀ ବିରୋଧୀ ଅଭିଯାନ ସଂପର୍କରେ ଭୁଲ୍ ତଥ୍ୟ ଦେଇଥିଲା ଚୀନର ଏକ ଗଣମାଧ୍ୟମ ସଂସ୍ଥା। ଭାରତୀୟ ସେନା ପକ୍ଷରୁ ହୋଇଥିବା 'ଅପରେସନ୍ ସିନ୍ଦୂର' ସମ୍ପର୍କରେ କେନ୍ଦ୍ର ଦ୍ୱାରା ବର୍ଣ୍ଣନା କରାଯାଇଥିବା ବିଭ୍ରାନ୍ତିକର ସୂଚନା ପ୍ରକାଶନ ପାଇଁ ଭାରତ ଚୀନ୍‌ର ଗଣମାଧ୍ୟମ ସଂସ୍ଥା ଗ୍ଲୋବାଲ୍ ଟାଇମ୍ସର ଏକ୍ସ ଆକାଉଣ୍ଟ୍‌କୁ ଭାରତରେ ବନ୍ଦ୍ କରିଦେଇଛି। ଏହି ସପ୍ତାହର ଆରମ୍ଭରେ ବେଜିଂରେ ଭାରତୀୟ ଦୂତାବାସ ଦ୍ୱାରା ସାର୍ବଜନୀନ ନିନ୍ଦା କରାଯିବା ପରେ ସିଧାସଳଖ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ସାମରିକ ଅଭିଯାନର କଭରେଜ୍ ଉପରେ ଗ୍ଲୋବାଲ୍ ଟାଇମ୍ସକୁ ଚେତାବନୀ ଦିଆଯାଇଥିଲା। ଏକ ଏକ୍ସ ପୋଷ୍ଟ୍ ଜରିଆରେ ଦୂତାବାସ ପକ୍ଷରୁ କୁହାଯାଇଥିଲା କି '@ଗ୍ଲୋବାଲ୍‌ଟାଇମ୍ସ, ଆମେ ଆପଣଙ୍କୁ ଏହି ପ୍ରକାରର ବିଭ୍ରାନ୍ତିକର ସୂଚନା ପ୍ରସାରଣ କରିବା ପୂର୍ବରୁ ଆପଣଙ୍କର ତଥ୍ୟ ଯାଞ୍ଚ କରିବାକୁ ଏବଂ ଆପଣଙ୍କର ଉତ୍ସଗୁଡ଼ିକୁ ଯାଞ୍ଚ କରିବାକୁ ସୁପାରିସ କରୁଛୁ।' ତାହାର ଏକ ଫଲୋ-ଅପ୍ ପୋଷ୍ଟ୍‌ରେ ଲେଖାଯାଇଥିଲା ଯେ 'ଅନେକ ସୋସିଆଲ ମିଡିଆ ଆକାଉଣ୍ଟ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ହୋଇଥିବା ଅଭିଯାନକୁ ଭୁଲ୍ ଭାବେ ଚିତ୍ରିତ କରିବା ସହ ପାକିସ୍ତାନ ପ୍ରତି ସମବେଦନା ଜ୍ଞାପନ କରୁଥିବା ଆମ ନଜରକୁ ଆସୁଛି।'

## ଚୀନ୍ ସୀମାରେ ବସିଲା ଅରୁଣାଚଳ କ୍ୟାବିନେଟ୍ ବୈଠକ

**ଯାହାର ନାମ ରଖାଯାଇଛି 'କ୍ୟାବିନେଟ୍ ଆପକେ ଦ୍ୱାର'**

ଗୌହାଟୀ, ୧୪।୫: ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ମଙ୍ଗଳବାର ଦିନ କିବିଥୁରେ କ୍ୟାବିନେଟ୍ ବୈଠକ ବସାଇ ଇତିହାସ ସୃଷ୍ଟି କରିଛନ୍ତି। ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ ସରକାର 'କ୍ୟାବିନେଟ୍ ଆପକେ ଦ୍ୱାର' ର ଧାରଣାକୁ ଏକ ଦୁର୍ଗମ ଅଞ୍ଚଳକୁ ନେବା ଠାରୁ ଏକ ପାଦ ଆଗକୁ ନେଇଥିଲେ। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

ସି-ୟୋମି ଜିଲ୍ଲାରେ ପାଞ୍ଚଟି ଜଳବିଦ୍ୟୁତ ପ୍ରକଳ୍ପ-ଟାଟୋ-୧, ହିଓ, ଟାଟୋ-୨, ନଇଙ୍ଗ-ଓ୍ୱାଇ ହିରୋଙ୍ଗ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଏବଂ ନିପକୋ ମଧ୍ୟରେ ଏକ ମିଳିତ କମ୍ପାନୀ 'ମେସର୍ସ ନିପକୋ ଅରୁଣାଚଳ ଜଳବିଦ୍ୟୁତ ନିଗମ ଲିମିଟେଡ' ଗଠନକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହା ମିଶି ୨୬୨୬ ମେଗାଓ୍ୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବ। ଟାଟୋ-୧ ଏବଂ ହିଓ ପୂର୍ବରୁ ମନ୍ତ୍ରିମଣ୍ଡଳର ଅର୍ଥନୈତିକ ବ୍ୟାପାର କମିଟିର ଅନୁମୋଦନ ପାଇ ସାରିଛନ୍ତି ଏବଂ ଖୁବ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି। ଯୁଗ୍ମ ଉଦ୍ୟୋଗ କମ୍ପାନୀ ଗଠନ ପାଇଁ ଅନୁମୋଦନ ଜଳବିଦ୍ୟୁତ ଶକ୍ତିର ୧୩ ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକାରିତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରେ, ଯାହାକୁ ରାଜ୍ୟ ସରକାର ୨୦୨୩ ରେ କେନ୍ଦ୍ରୀୟ ପିଏସୟୁ ସହିତ ଏମଓଏ ସ୍ୱାକ୍ଷର କରି ପୁନର୍ଜୀବିତ କରିଥିଲେ।

ରାଜ୍ୟର ଆର୍ଥିକ ବିକାଶରେ ଜଳବିଦ୍ୟୁତ ଶକ୍ତିର ଗୁରୁତ୍ୱକୁ ସ୍ୱୀକାର କରି କ୍ୟାବିନେଟ ୨୦୦୮ର ରାଜ୍ୟ ଜଳବିଦ୍ୟୁତ ଶକ୍ତି ନୀତି ଏବଂ ୨୦୨୨ର ସ୍ଥାନୀୟ ବିକାଶ ପାଣ୍ଠିର ନିର୍ଦ୍ଦେଶାବଳୀରେ ସଂଶୋଧନକୁ ଅନୁମୋଦନ କରିଛନ୍ତି, ଯାହା ଦ୍ୱାରା ରାଜ୍ୟ ସରକାରଙ୍କ ନାମରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମେତ ଶକ୍ତି ଉତ୍ପାଦନକାରୀଙ୍କୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳର କଲ୍ୟାଣ ପାଇଁ ସ୍ଥାପିତ ଅଞ୍ଚଳର ସ୍ଥାନୀୟ ବିକାଶ ପାଣ୍ଠିକୁ ୧% ମାଗଣା ଶକ୍ତି ଯୋଗଦାନ କରିବାକୁ ଅନୁମତି ଦିଆଯିବ। ଏହି ସଂଶୋଧନଗୁଡ଼ିକ ସ୍ଥାନୀୟ ବିକାଶ ପାଣ୍ଠିକୁ ଅଧିକ ଏବଂ ସମୟୋଚିତ ଯୋଗଦାନ ପାଇଁ ଅନୁମତି ଦେବ, ଯାହା ରାଜ୍ୟ ପାଇଁ ଅତିରିକ୍ତ ଖର୍ଚ୍ଚ ବିନା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକର କଲ୍ୟାଣରେ ଉନ୍ନତି ଆଣିବ। ଅରୁଣାଚଳ ପ୍ରଦେଶରେ ସମାପ୍ତ ହୋଇଥିବା ବୃହତ ଜଳବିଦ୍ୟୁତ ପ୍ରକଳ୍ପର ପୁନରୁଦ୍ଧାର ନୀତି ଅଧୀନରେ ୧୪୪ ମେଗାଓ୍ୱାଟ ଗୋଙ୍ଗରୀ ଜଳ ବିଦ୍ୟୁତ ପ୍ରକଳ୍ପରୁ ଏ ମେସର୍ସ ଦିରଙ୍ଗ ଏନର୍ଜି ପ୍ରାଇଭେଟ୍ ଲିମିଟେଡର ଜଳବିଦ୍ୟୁତ ପ୍ରକଳ୍ପର ପୁନରୁଦ୍ଧାରକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ଅନୁମୋଦନ ସହିତ ଗୋଙ୍ଗରୀ ପୁନରୁଦ୍ଧାର ସହିତ ପ୍ରଥମ ପ୍ରକଳ୍ପ ହେବ।

## ଅରୁଣାଚଳପ୍ରଦେଶର ପୁଣି ନାମକରଣ କଲା ଚୀନ

### ଭାରତର ଦୃଢ଼ ବିରୋଧ



ନୂଆଦିଲ୍ଲୀ, ୧୪।୫: ଅରୁଣାଚଳ ପ୍ରଦେଶର କେତେକ ସ୍ଥାନ ଉପରେ ନିଜର ଆଧିପତ୍ୟ ଜାହିର କରିବା ଲାଗି ଚୀନର ଶେଷ ପ୍ରୟାସକୁ ଭାରତ ସରକାର ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଆଞ୍ଚଳିକ ଦାବିକୁ ସ୍ୱୀକାର କରିବା ଲାଗି ଏହାକୁ ଏକ 'ନିରର୍ଥକ ଓ ଅବାସ୍ତବ' ପ୍ରୟାସ ବୋଲି କହିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଏକ ଦୃଢ଼ ବିବୃତ୍ତିରେ ଭାରତର ସ୍ଥିତିକୁ ଦୋହରାଇଥିଲେ ଯେ ଉତ୍ତର-ପୂର୍ବ ରାଜ୍ୟ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ।

ଖାଲି ଆଜି ନୁହେଁ ଦୀର୍ଘ ଦିନ ହେବ ଚୀନ ଅରୁଣାଚଳ ପ୍ରଦେଶର ନାମ ପରିବର୍ତ୍ତନ କରି ନିଜର ବୋଲି ଦାବି କରିଆସୁଛି। ଏହା କେବଳ ନିରର୍ଥକ ଓ ଅବାସ୍ତବ ପ୍ରୟାସ ଛଡା ଆଉ କିଛି ନୁହେଁ। ଅରୁଣାଚଳ ପ୍ରଦେଶରେ ଭାରତର ସ୍ଥିତି କ'' ଣ ତାହା ଚୀନକୁ ଜଣାନାହିଁ। ଆମର ନୀତିଗତ ସ୍ଥିତି ସହିତ ସୁସଂଗତ, ଆମେ ଚୀନର ଏପରି ମନଗଢା କାହାଣୀକୁ ପ୍ରତ୍ୟାଖ୍ୟାନ କରୁଛୁ ବୋଲି ସେ କହିଛନ୍ତି। ଜୟସୱାଲ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଏପରି ନାମକରଣ ଅରୁଣାଚଳ ପ୍ରଦେଶ ଉପରେ ଭାରତର ସାର୍ବଭୌମତ୍ୱକୁ କେବେ ପରିବର୍ତ୍ତନ କରିପାରିବ ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ସର୍ବଦା ରହିବ ବୋଲି ଏହି ସୃଜନଶୀଳ ନାମଗୁଡ଼ିକ ଅସ୍ୱୀକାର୍ଯ୍ୟ ବାସ୍ତବତାକୁ ପରିବର୍ତ୍ତନ କରିବ ନାହିଁ ବୋଲି ସେ କହିଛନ୍ତି। ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନ ପାଇଁ ଚୀନ୍ ନାମ ଘୋଷଣା କରିବାକୁ ବେଜିଂ ଆନ୍ଦୋଳନ ସମାନ ପଦକ୍ଷେପଗୁଡ଼ିକର ଶେଷ ଚିହ୍ନିତ କରେ, ଯେହେତୁ ଚୀନ୍ ଭାରତୀୟ ରାଜ୍ୟକୁ ଦକ୍ଷିଣ ତିବ୍ବତର ଏକ ଅଂଶ ଭାବରେ ଦାବି କରି ଚାଲିଛି। ଭାରତର ପ୍ରତିକ୍ରିୟା ଏପରି ଏକ ପ୍ରତିକୂଳ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ସହିତ ଆଞ୍ଚଳିକ ଗତିବିଧି ଉତ୍ତେଜନାପୂର୍ଣ୍ଣ ରହିଛି ଏବଂ ବେଜିଂର କାର୍ଯ୍ୟକଳାପକୁ ସମ୍ଭବତଃ ଏକ ସଂଯୋଗ ଠାରୁ ଅଧିକ ଭାବରେ ଦେଖାଯିବ। ଜୟସୱାଲଙ୍କ ପ୍ରତ୍ୟାଖ୍ୟାନ ମଧ୍ୟ ଆଞ୍ଚଳିକ ବିବାଦ ପାଇଁ ଦୁଇ ଏସୀୟ ଶକ୍ତି ମଧ୍ୟରେ ନିରନ୍ତର ସଂଘର୍ଷଣର ଏକ ସୂଚକ, ଯେଉଁଥିରେ ଅରୁଣାଚଳ ପ୍ରଦେଶ ଦ୍ୱିପାକ୍ଷିକ ସମ୍ପର୍କରେ ନିରନ୍ତର ସଂଘର୍ଷର ଏକ ବିନ୍ଦୁ ହୋଇ ରହିଛି।

## ରାଷ୍ଟ୍ରପତି ଜାଣିଲେ 'ଅପରେସନ ସିନ୍ଦୂର'



ନୂଆଦିଲ୍ଲୀ, ୧୪।୫: ସଶସ୍ତ୍ର ବାହିନୀର ସର୍ବୋଚ୍ଚ କମାଣ୍ଡର ଭାବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୁଧବାର ଦିନ ପ୍ରତିରକ୍ଷା ବିଭାଗ ମୁଖ୍ୟ ସିଡିଏସ ଏବଂ ତିନି ସେନା ମୁଖ୍ୟମାନେ ଅପରେସନ ସିନ୍ଦୂରର ଯୋଜନା ଏବଂ କାର୍ଯ୍ୟାନ୍ୱୟନ ବିଷୟରେ ସୂଚନା ଦେଇଥିଲେ। ଯାହା ୨୨ ଏପ୍ରିଲରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣର ପ୍ରତି ଭାରତର ସାମରିକ ପ୍ରତିକ୍ରିୟା ଥିଲା। ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ସିଡିଏସ ଜେନେରାଲ ଅନୀଲ ଚୌହାନ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ମାର୍ଶାଲ ଏ ପି ସିଂହ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ ତ୍ରିପାଠୀ ରାଷ୍ଟ୍ରପତିଙ୍କୁ ଭେଟି ଅପରେସନ ସିନ୍ଦୂରର ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।ଅପରେସନ ସିନ୍ଦୂର ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଅବସ୍ଥିତ ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଏକ ସମନ୍ୱିତ ଆକ୍ରମଣ ଭାବରେ ଆରମ୍ଭ କରାଯାଇଥିଲା। ଏହି ଅପରେସନ ପହଲଗାମରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣର ସିଧାସଳଖ ପ୍ରତିଶୋଧ ଥିଲା ଏବଂ ସୀମାପାର ଆତଙ୍କବାଦକୁ ନିପାତ କରିବା ପାଇଁ ବ୍ୟବହୃତ ଭିତ୍ତିଭୂମିକୁ ଭାଙ୍ଗି ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ରାଷ୍ଟ୍ରପତି ଭାରତୀୟ ସଶସ୍ତ୍ର ବାହିନୀର ବୃତ୍ତିଗତତା, ସାହସ ଏବଂ ଦ୍ରୁତ କାର୍ଯ୍ୟାନୁଷ୍ଠାନ ପାଇଁ ଗଭୀର ପ୍ରଶଂସା କରିଥିଲେ। ରାଷ୍ଟ୍ରପତି ସଶସ୍ତ୍ର ବାହିନୀର ସାହସ ଏବଂ ସମର୍ପଣକୁ ପ୍ରଶଂସା କରିଥିଲେ ଯାହା ଆତଙ୍କବାଦ ପ୍ରତି ଭାରତର ପ୍ରତିକ୍ରିୟାକୁ ଏକ ଚମତ୍କାର ସଫଳତା ଦେଇଥିଲା। ରାଷ୍ଟ୍ରପତି ଭବନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରାଯାଇଥିବା ଏକ ବିବୃତ୍ତିରେ ଏହା ଉଲ୍ଲେଖ ରହିଛି।

## ବଢ଼ିଲା ଜୟଶଙ୍କରଙ୍କ ସୁରକ୍ଷା



**ବୁଲେଟ୍ ପ୍ରୁଫ୍ କାର ସହ ବାସଭବନ ଚାରିପଟେ ସୁରକ୍ଷା କଡ଼ାକଡ଼ି**

ନୂଆଦିଲ୍ଲୀ, ୧୪।୫: ଅପରେସନ ସିନ୍ଦୂର ପରେ ବଢ଼ିଲା କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସୁରକ୍ଷା । ବୈଦେଶିକ ମନ୍ତ୍ରୀଙ୍କ ସୁରକ୍ଷା ବଢାଇଲା ଗୃହ ମନ୍ତ୍ରଣାଳୟ। ସୁରକ୍ଷା ବଢାଇବା ନେଇ ଗୃହ ମନ୍ତ୍ରଣାଳୟର ନିଷ୍ପତ୍ତି ଆନୁସାରେ ତାଙ୍କ ଜେଡ୍ ସୁରକ୍ଷା ବିବରଣୀରେ ଏବେ ବୁଲେଟ୍ ପ୍ରୁଫ୍ କାର ସହ ଅଧିକ ଯବାନଙ୍କୁ ସାମିଲ କରାଯାଇଛି। ଏଥିସହ ଦିଲ୍ଲୀ ସ୍ଥିତ ସରକାରୀ ବାସଭବନ ଚାରିପାଖରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ ସିନ୍ଦୂର ଯୋଗୁଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଜେଡ୍ କାଟାଗୋରୀ ସୁରକ୍ଷା ପାଇ ଆସୁଛନ୍ତି ବୈଦେଶିକ ମନ୍ତ୍ରୀ। ଏହି ସୁରକ୍ଷା ବ୍ୟବସ୍ଥାରେ ୩୩ଜଣ କମାଣ୍ଡୋ ନିୟୋଜିତ ରହିଥାନ୍ତି । ଏହି ସୁରକ୍ଷା ପ୍ରକ୍ରିୟାରେ ବୁଲେଟପ୍ରୁଫ୍ କାରକୁ ମଧ୍ୟ ସାମିଲ କରାଯାଇଛି। ଦେଶରେ ଜେଡ୍ ବର୍ଗର ସୁରକ୍ଷା ବିପଦର ସାମ୍ନା କରୁଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ସୁରକ୍ଷା ସ୍ତର ମଧ୍ୟରୁ ଗୋଟିଏ । ଏଥିରେ ଅତି କମରେ ୨୨ଜଣ ସୁରକ୍ଷା କର୍ମୀ ସାମିଲ ଥାନ୍ତି । ଗୁଇନ୍ଦା ସଂସ୍ଥାଗୁଡ଼ିକ ବିପଦର ମୂଲ୍ୟାଙ୍କନ କରିବା ପରେ ଏହି ସୁରକ୍ଷା ପ୍ରଦାନ କରନ୍ତି। ଏହି ବର୍ଗର ସୁରକ୍ଷାରେ ଅତି କମରେ ୪ରୁ ୬ ଜଣ ଏନଏସଜି କମାଣ୍ଡୋ ଏବଂ ପୁଲିସ କର୍ମଚାରୀ ଅନ୍ତର୍ଭୁକ୍ତ। ଜେଡ୍ ବର୍ଗର ସୁରକ୍ଷାରେ ଏସ୍କର୍ଟ ଯାନ ମଧ୍ୟ ଅନ୍ତର୍ଭୁକ୍ତ । ସାଧାରଣତଃ, ଏହି ସୁରକ୍ଷା ସେହି ଭିଭିଆଇପି ମାନଙ୍କୁ ଦିଆଯାଏ ଯେଉଁମାନେ ନିଜ ପଦବୀ ଏବଂ ପରିସ୍ଥିତି ଯୋଗୁଁ ଅଧିକ ବିପଦରେ ଥାଆନ୍ତି। ସେହି ଦୃଷ୍ଟିରୁ ବୈଦେଶିକ ମନ୍ତ୍ରୀଙ୍କ ସୁରକ୍ଷା ବଢାଯାଇଛି । ସିଆରପିଏଫର ଭିଆଇପି ସୁରକ୍ଷା ବଳୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ କଂଗ୍ରେସର ଶୀର୍ଷ ନେତ୍ରୀ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଏବଂ ପ୍ରିୟଙ୍କା ଗାନ୍ଧି ଭାଦ୍ରାଙ୍କ ସମେତ ପ୍ରାୟ ୨୦୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଅଛନ୍ତି। ପୂର୍ବରୁ ୨୦୨୩ ଅକ୍ଟୋବରରେ ଜୟଶଙ୍କରଙ୍କ ସୁରକ୍ଷାକୁ ୱାଇରୁ ଜେଡ ବର୍ଗକୁ ଉନ୍ନୀତ କରାଯାଇଥିଲା। ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଏକ ବିପଦ ମୂଲ୍ୟାଙ୍କନ ଉପରେ ଏହି ଉନ୍ନୀତ କରାଯାଇଥିଲା।

● ପାକିସ୍ତାନ ସହ ବନ୍ଧୁତା ମହଙ୍ଗା ପଡ଼ିଲା

## ତୁର୍କୀ ବିଶ୍ୱବିଦ୍ୟାଳୟ ସହିତ ଚୁକ୍ତି ବାତିଲ କଲା ଜେଏନୟୁ

**ତୁର୍କୀର ଡିଜିଟାଲ ଆକାଉଣ୍ଟବନ୍ଦ**

ନୂଆଦିଲ୍ଲୀ, ୧୪।୫: ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ଜାତୀୟ ସୁରକ୍ଷା ଚିନ୍ତାକୁ ଦର୍ଶାଇ ତୁର୍କୀ ବିଶ୍ୱବିଦ୍ୟାଳୟ ସହିତ ଏହାର ଶିକ୍ଷାଗତ ଚୁକ୍ତିନାମାକୁ ସ୍ଥଗିତ ରଖିଛି। ଦୁଇ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣାପତ୍ରର ପୁନଃପରୀକ୍ଷା ପରେ ଏହି ପଦକ୍ଷେପ ନିଆଯାଇଛି। ଭାରତ-ପାକିସ୍ତାନ ବିବାଦ ସହିତ ତୁର୍କୀକୁ ଯୋଡ଼ିବା ରିପୋର୍ଟ ପ୍ରକାଶ ପାଇବା ପରେ ଏହି ପଦକ୍ଷେପ ନିଆଯାଇଛି, ପ୍ରତିରକ୍ଷା ସୂତ୍ର ଅନୁଯାୟୀ ତୁର୍କୀ ଦ୍ୱାରା ପାକିସ୍ତାନକୁ ଡ୍ରୋନ ଏବଂ ସୁରକ୍ଷା କର୍ମୀ ପଠାଯାଇଥିଲା। ଜେଏନୟୁର ସରକାରୀ ଏକ୍ସ ହ୍ୟାଣ୍ଡେଲରେ ସେୟାର କରାଯାଇଥିବା ଏକ ପୋଷ୍ଟରେ, ବିଶ୍ୱବିଦ୍ୟାଳୟ ଲେଖିଛି: ଜାତୀୟ ସୁରକ୍ଷା ବିଚାରକୁ ନେଇ ଜେଏନୟୁ ଏବଂ ଇନ୍ ବିଶ୍ୱବିଦ୍ୟାଳୟ, ତୁର୍କିୟେ ମଧ୍ୟରେ ବୁଝାମଣାପତ୍ର ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସ୍ଥଗିତ ରହିଛି। ଜେଏନୟୁ ରାଷ୍ଟ୍ର ସହିତ ଛିଡା ହୋଇଛି। ଫେବୃଆରୀ ୩ ତାରିଖରେ ସ୍ୱାକ୍ଷରିତ ବୁଝାମଣାପତ୍ର ତିନି ବର୍ଷ ପାଇଁ କାର୍ଯ୍ୟକାରୀ ହେବାକୁ ସ୍ଥିର କରାଯାଇଥିଲା, ଏହାର ବୈଧତା ୨୦୨୮ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ସ୍ଥଗିତ ଏମଓୟୁ ଦୁଇଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷାଗତ ସହଯୋଗ ଏବଂ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିଥିଲା। କିନ୍ତୁ ସମ୍ପ୍ରତି ଭାରତ ବିଦେଶୀ ସହଯୋଗ ପ୍ରତି ସତର୍କ ହୋଇଆସିଛି, ବିଶେଷକରି ଯେତେବେଳେ ଜାତୀୟ ସ୍ୱାର୍ଥ ଜଡିତ। ଇସଲାମାବାଦ ସହିତ ଆଙ୍କାରାର ବଢୁଥିବା ନିକଟତରତା ଯୋଗୁଁ 'ବୟକଟ ତୁର୍କୀ' ଆନ୍ଦୋଳନ ଗତିଶୀଳ ହୋଇଥିଲା, ଯାହା ଭାରତୀୟ ସ୍ୱାର୍ଥକୁ କ୍ଷତି ପହଞ୍ଚାଇଥିଲା । ଯେପରି ଦକ୍ଷିଣ ଏସୀୟ ପଡ଼ୋଶୀମାନଙ୍କ ମଧ୍ୟରେ ସଦ୍ୟ ସମାପ୍ତ ଦ୍ୱନ୍ଦ୍ୱରେ ଦେଖାଯାଇଛି। ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଛାତ୍ର ଏବଂ କର୍ମଚାରୀମାନଙ୍କୁ ଏହି ବାତିଲ ବିଷୟରେ ସୂଚିତ କରାଯାଇଛି। ଆବଶ୍ୟକ ହେଲେ ବିକଳ୍ପ ଶିକ୍ଷାଗତ ବ୍ୟବସ୍ଥା କରାଯିବ ତାହା ନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ସତର୍କତା ଅବଲମ୍ବନ କରିଛି।ସେହିପରି ତୁର୍କୀ ଉପରେ ଭାରତର ଡିଜିଟାଲ୍ ଷ୍ଟ୍ରାଇକ୍ କରାଯାଇଛି। ଭାରତର 'ଅପରେସନ୍ ସିନ୍ଦୂର'କୁ ଭୁଲ୍ ଭାବେ ଚିତ୍ରଣ କରୁଥିବା ଚୀନର ଗଣମାଧ୍ୟମ ସଂସ୍ଥା 'ଗ୍ଲୋବାଲ୍ ଟାଇମ୍ସ'ର ଏକ୍ସ ଆଉଉଣ୍ଟ୍‌କୁ ଭାରତରେ ବନ୍ଦ୍ କରିବା ପରେ ଏବେ ତୁର୍କୀର ପାଳି ପଡ଼ିଛି। ତୁର୍କୀର ସରକାରୀ ଚ୍ୟାନେଲ୍ ଟିଆରଟି ୱାର୍ଲ୍ଡର ଆକାଉଣ୍ଟଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହିତ ଯୁଦ୍ଧ ସମୟରେ ତୁର୍କୀ ଏବଂ ଚୀନ ଏହାର ସମର୍ଥନରେ ଠିଆ ହୋଇଥିଲେ। ଏହି ସମସ୍ତ ମଞ୍ଚ ମାଧ୍ୟମରେ ଭାରତ ବିରୋଧରେ ପାକିସ୍ତାନର ପ୍ରଚାରକୁ ପ୍ରୋତ୍ସାହିତ କରୁଥିଲେ।

## ଆତଙ୍କୀ ଆଝାରକୁ ୧୪ କୋଟି କ୍ଷତିପୂରଣ ଦେବ ପାକିସ୍ତାନ

ନୂଆଦିଲ୍ଲୀ, ୧୪।୫: ଆଜି ପାକିସ୍ତାନ ପକ୍ଷରୁ ଭାରତର ଆକ୍ରମଣରେ ମୃତ୍ୟୁବରଣ କରିଥିବା ଆତଙ୍କୀ ପରିବାରକୁ ୧ କୋଟି ଲେଖାଏଁ ଟଙ୍କା ଦେବାକୁ ଯୋଜନା କରାଯାଇଥିବା ଜଣାପଡିଛି । ଜେଇଏମ୍ ମୁଖ୍ୟ ମାସୁଦ୍ ଆଝାରକୁ କ୍ଷତି ପୂରଣ ବାବଦରେ ୧୪ କୋଟି ଟଙ୍କା ଦିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପଟରେ ଆଜି ଆଇଏମଏଫ ପକ୍ଷରୁ ପାକିସ୍ତାନକୁ ପୁଣି ୧ ବିଲିୟନ ଡଲାର ଋଣ ଦିଆଯାଇଛି। ପାକିସ୍ତାନ ଷ୍ଟେଟ୍ ବ୍ୟାଙ୍କ ବୁଧବାର ଦିନ ନିଶ୍ଚିତ କରିଛି ଯେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆଇଏମଏଫ ବିସ୍ତାରିତ ପାଣ୍ଠି ସୁବିଧା ଅଧୀନରେ ପାକିସ୍ତାନକୁ ୧.୦୨୩ ବିଲିୟନ ଆମେରିକୀୟ ଡଲାରର ଦ୍ୱିତୀୟ କିସ୍ତି ପ୍ରଦାନ କରିଛି। ଆଇଏମଏଫର କାର୍ଯ୍ୟନିର୍ବାହୀ ବୋର୍ଡ ଦ୍ୱାରା ଗତ ସପ୍ତାହରେ ମଞ୍ଜୁର ହୋଇଥିବା ଏହି ଅର୍ଥ, ଆର୍ଥିକ ବର୍ଷ ୨୦୨୬ ପାଇଁ ବଜେଟ୍ ଉପରେ ପାକିସ୍ତାନୀ ଅଧିକାରୀ ଏବଂ ଆଇଏମଏଫ ମଧ୍ୟରେ ଭର୍ଚୁଆଲ୍ ଆଲୋଚନା ସହିତ ମେଳ ଖାଉଛି। ମୂଳତଃ ଇସଲାମାବାଦରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାକୁ ଆଞ୍ଚଳିକ ସୁରକ୍ଷା ଚିନ୍ତା ଯୋଗୁଁ ଅନଲାଇନରେ ସ୍ଥାନାନ୍ତରିତ କରାଯାଇଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଅନୁଯାୟୀ, ମେ ୧୬ରେ ଶେଷ ହେଉଥିବା ସପ୍ତାହ ପାଇଁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ଏହି କିସ୍ତି ପ୍ରତିଫଳିତ ହେବ। ଆଇଏମଏଫ ବୋର୍ଡ ମଧ୍ୟ ସ୍ଥିରତା ଏବଂ ସ୍ଥାୟୀତ୍ୱ ସୁବିଧା ଅଧୀନରେ ପାକିସ୍ତାନକୁ ଅତିରିକ୍ତ ୧.୪ ବିଲିୟନ ଆମେରିକୀୟ ଡଲାର ମଧ୍ୟ ଅନୁମୋଦନ କରିଛି। ଆଇଏମଏଫ କହିଛି ଯେ ପାକିସ୍ତାନର ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମ ଅର୍ଥନୀତିକୁ ସ୍ଥିର କରିବାରେ 'ମହତ୍ୱପୂର୍ଣ୍ଣ ପ୍ରଗତି' ଦେଖାଇଛି। ଆର୍ଥିକ ପ୍ରଦର୍ଶନ ଦୃଢ଼ ହୋଇଛି, ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଜିଡିପିର ୨% ପ୍ରାଥମିକ ସରପ୍ଲସ୍ ହାସଲ ହୋଇଛି ବୋଲି ଆଇଏମଏଫ କହିଛି। ପାକିସ୍ତାନର ମୋଟ ରିଜର୍ଭ ଏପ୍ରିଲ ଶେଷରେ ୟୁଏସଡି ୧୦.୩ରେ ଥିଲା, ଯାହା ଅଗଷ୍ଟ ୨୦୨୪ରେ ୟୁଏସଡି ୯.୪ ରେ ଥିଲା। ଜୁନ୍ ୨୦୨୫ ସୁଦ୍ଧା ରିଜର୍ଭ ୧୩.୯ ରେ ୟୁଏସଡିକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି।

## କର୍ଣ୍ଣେଲ ସୋଫିଆଙ୍କ ଉପରେ ମନ୍ତବ୍ୟ ମହଙ୍ଗା




**ବିଜେପି ମନ୍ତ୍ରୀ ବିଜୟ ଶାହଙ୍କ ବିରୋଧରେ ଏଫଆଇଆର ରୁଜୁ ପାଇଁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଭୋପାଳ, ୧୪।୫: ମଧ୍ୟପ୍ରଦେଶ ହାଇକୋର୍ଟ ବୁଧବାର ଦିନ ସ୍ୱତଃପ୍ରବୃତ୍ତ ଭାବରେ କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ବିରୋଧରେ ବିଜେପି ମନ୍ତ୍ରୀ ବିଜୟ ଶାହଙ୍କ ଘୃଣ୍ୟ ମନ୍ତବ୍ୟ ପାଇଁ ଏଫଆଇଆର ପଞ୍ଜିକରଣ କରିବାକୁ ଆଦେଶ ଦେଇଛନ୍ତି। ଯିଏକି ଅପରେସନ ସିନ୍ଦୂରର ଚେହେରା ଭାବରେ ପ୍ରସିଦ୍ଧ ଥିଲେ। ଏହି ବୟାନକୁ ଅପମାନଜନକ, ବିପଜ୍ଜନକ ଏବଂ ଗନ୍ଧି ନାଳିର ଭାଷା ବୋଲି କହି ନିନ୍ଦା କରିଛନ୍ତି ହାଇକୋର୍ଟର ବିଚାରପତି ଅତୁଲ ଶ୍ରୀଧରନ ଏବଂ ଅନୁରାଧା ଶୁକ୍ଳାଙ୍କ ଡିଭିଜନ ବେଞ୍ଚ। ବେଞ୍ଚ କହିଛନ୍ତି ଯେ ମନ୍ତ୍ରୀଙ୍କ ମନ୍ତବ୍ୟ କେବଳ ଅଧିକାରୀଙ୍କୁ ଟାର୍ଗେଟ କରିନଥିଲା ବରଂ ସମଗ୍ର ସଶସ୍ତ୍ର ବାହିନୀକୁ ମଧ୍ୟ ଅପମାନିତ କରିଥିଲା ଏବଂ ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାକୁ ବିପଦରେ ପକାଇଥିଲା।

ସଶସ୍ତ୍ର ବାହିନୀ ହୁଏତ ଏହି ଦେଶରେ ଥିବା ଶେଷ ସଂସ୍ଥା, ଯାହା ଅଖଣ୍ଡତା, ଶୃଙ୍ଖଳା, ତ୍ୟାଗ, ନିସ୍ୱାର୍ଥପରତା, ଚରିତ୍ର, ସମ୍ମାନ ଏବଂ ଅଦମ୍ୟ ସାହସକୁ ପ୍ରତିଫଳିତ କରେ ଯାହା ସହିତ ଏହି ଦେଶର ଯେକୌଣସି ନାଗରିକ ନିଜକୁ ମୂଲ୍ୟ ଦେଇପାରିବେ। ବିଜୟ ଶାହ କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ବିରୁଦ୍ଧରେ ଅବାଞ୍ଛିତ ଭାଷା ବ୍ୟବହାର କରିଛନ୍ତି ବୋଲି କୋର୍ଟ କହିଛନ୍ତି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ ବିଏନଏସର ଧାରା ୧୫୨ ଅନୁଯାୟୀ ପ୍ରାଥମିକ ଦୃଷ୍ଟିକୋଣ ଅପରାଧ ସାବ୍ୟସ୍ତ ହୋଇପାରିବ। ପ୍ରଥମ ଦୃଷ୍ଟିକୋଣରେ, ମନ୍ତ୍ରୀଙ୍କ ବୟାନ ଏହା ଦର୍ଶାଉଛି ଯେ କର୍ଣ୍ଣେଲ ସୋଫିଆ କୁରେଶି ହେଉଛନ୍ତି ପହଲଗାମରେ ଆକ୍ରମଣ କରିଥିବା ଆତଙ୍କବାଦୀଙ୍କ ଭଉଣୀ, ଏହା ଯେକୌଣସି ମୁସଲମାନ ବ୍ୟକ୍ତିଙ୍କୁ ବିଚ୍ଛିନ୍ନତାବାଦୀ ଭାବନା ଦେଇ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପର ଭାବନାକୁ ଉତ୍ସାହିତ କରିବ, ଯାହାଦ୍ୱାରା ଭାରତର ସାର୍ବଭୌମତ୍ୱ କିମ୍ବା ଏକତା ଏବଂ ଅଖଣ୍ଡତାକୁ ବିପଦରେ ପକାଇବ ବୋଲି କୋର୍ଟ କହିଛନ୍ତି। କର୍ଣ୍ଣେଲ ସୋଫିଆ କୁରେଶି ଅପରେସନ ସିନ୍ଦୁରର ମୁଖ ମଧ୍ୟରୁ ଜଣେ ବୋଲି ଉଲ୍ଲେଖ କରି କୋର୍ଟ କହିଛନ୍ତି ଯେ ବିଜେପି ମନ୍ତ୍ରୀଙ୍କ ମନ୍ତବ୍ୟରେ ଏକ ଧାରଣା ସୃଷ୍ଟି କରିବାର 'ପ୍ରବୃତ୍ତି' ଥିଲା ଯେ, ଭାରତ ପ୍ରତି ଜଣେ ବ୍ୟକ୍ତିଙ୍କ ନିଃସ୍ୱାର୍ଥପର କର୍ତ୍ତବ୍ୟ ସତ୍ତ୍ୱେ, ଏପରି ବ୍ୟକ୍ତିଙ୍କୁ କେବଳ ସେହି ବ୍ୟକ୍ତି ମୁସଲିମ ଧର୍ମର ହୋଇଥିବାରୁ ଉପହାସ କରାଯାଇପାରିବ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଏହି ମାମଲାରେ ବିଏନଏସର ଧାରା ୧୯୬(୧)(ବି) ଏବଂ ୧୯୭ ଲାଗୁ କରାଯାଇପାରିବ, କାରଣ କର୍ଣ୍ଣେଲ ସୋଫିଆ କୁରେଶୀ ମୁସଲିମ ଧର୍ମର ଜଣେ ଅନୁଗାମୀ ଏବଂ ତାଙ୍କୁ ଆତଙ୍କବାଦୀଙ୍କ ଭଉଣୀ ବୋଲି କହି ତାଙ୍କୁ ଅପମାନିତ କରିବା ବିଭିନ୍ନ ଧର୍ମ ଗୋଷ୍ଠୀ ମଧ୍ୟରେ ସଦଭାବନା ବଜାୟ ରଖିବା ପାଇଁ କ୍ଷତିକାରକ ହୋଇପାରେ। ଆଜି ସନ୍ଧ୍ୟା ସୁଦ୍ଧା ଏହି ମାମଲାରେ ଏକ ଏଫଆଇଆର ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇ କୋର୍ଟ ଚେତାବନୀ ଦେଇଛନ୍ତି ଯେ ଯଦି ଡିଜିପି କୌଣସି ତ୍ରୁଟି କରନ୍ତି, ତାଙ୍କୁ କୋର୍ଟ ଅବମାନନା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ। ଆବେଦନର ପରବର୍ତ୍ତୀ ଶୁଣାଣି ଗୁରୁବାର ସକାଳ ସାଢେ ୧୦ଟାରେ ସ୍ଥିର କରାଯାଇଛି।

ଘଟଣାଗୁଡ଼ିକୁ ଇଙ୍ଗିତ କରି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ "ବିଜେପି ଏବଂ ଆରଏସଏସର ମହିଳା ବିରୋଧୀ ମାନସିକତା" କୁ ନିନ୍ଦା କରିଛନ୍ତି।

"ପ୍ରଥମେ, ପହଲଗାମରେ ଜଣେ ସହିଦ ନୌସେନା ଅଧିକାରୀଙ୍କ ପତ୍ନୀଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ କରାଯାଇଥିଲା, ତା'ପରେ ବୈଦେଶିକ ସଚିବ ବିକ୍ରମ ମିଶ୍ରଙ୍କ ଝିଅଙ୍କୁ ହଇରାଣ କରାଯାଇଥିଲା, ଏବଂ ଏବେ ଜଣେ ବିଜେପି ମନ୍ତ୍ରୀ ଆମର ନାୟିକା ସୋଫିଆ କୁରେସିଙ୍କ ବିଷୟରେ ଏପରି ଅଶାଳୀନ ମନ୍ତବ୍ୟ ଦେଉଛନ୍ତି," ସେ X ରେ ଏକ ପୋଷ୍ଟରେ ଲେଖିଛନ୍ତି।

### ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍

# ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଦଳ ଘୋଷିତ

**ଦୁବାଇ ୧୪ା୫:** ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ପାଇଁ ଉଭୟ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛନ୍ତି। ଟାଇଟଲ ଲଢ଼େଇ ପାଇଁ ଦକ୍ଷିଣ ଆଫ୍ରିକା ଏକ ୬ଜଣିଆ ପେସ୍ ବାହିନୀ ପ୍ରସ୍ତୁତ କରିଛି। ଏଥିସହ ଦଳରେ ୨ଜଣ ସ୍ପିନର ସ୍ଥାନ ପାଇଛନ୍ତି। ସେହିପରି ଅଷ୍ଟ୍ରେଲିଆ ଦଳକୁ ଯୁବ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ୍ ପ୍ରତ୍ୟାବର୍ତ୍ତନ କରିଛନ୍ତି।



ଦକ୍ଷିଣ ଆଫ୍ରିକା ପେସ ବାହିନୀର ନେତୃତ୍ୱ ନେବେ କାଗିସୋ ରାବାଡା। ନିଷିଦ୍ଧ ଡ୍ରଗ୍ ସେବନ କରି ସେ ୧ ମାସ ପାଇଁ ନିଲମ୍ବିତ ହୋଇଥିଲେ। ଏପ୍ରିଲ ୩ରୁ ମେ’ ୩ ତାରିଖ ପର୍ଯ୍ୟନ୍ତ ତାଙ୍କୁ ସବୁ ଫର୍ମାଟ୍ କ୍ରିକେଟ୍‌ରୁ ଦୂରେଇ ରଖା ଯାଇଥିଲା। ଏହାପରେ ସେ ପୁନର୍ବାର ଆଇପିଏଲ୍ ଖେଳିବା ପାଇଁ ଭାରତ ଆସି ଗୁଜରାଟ ଟାଇଟନ୍ସ ଦଳ ସହ ଅଭ୍ୟାସ ଜାରି ରଖିଥିଲେ। ଭାରତ-ପାକିସ୍ତାନ ଯୁଦ୍ଧ ଯୋଗୁଁ ଆଇପିଏଲ୍ ସ୍ଥଗିତ ରଖାଯାଇଥିଲା।

ସେହିପରି ଗ୍ରୀନ୍ ୨୦୨୪ ମାର୍ଚ୍ଚରେ ଶେଷ ଥର ପାଇଁ କୌଣସି ଟେଷ୍ଟ ଖେଳିଥିଲେ। ଏହାପରେ ସେ ପିଠିରେ ଅସ୍ତ୍ରୋପଚାର କରି କ୍ରିକେଟ୍‌ରୁ ଦୂରେଇ ରହିଥିଲେ। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଫିଟ୍ ଓ ଘରୋଇ କ୍ରିକେଟ୍ ଖେଳି ଡବ୍ଲ୍ୟୁଟିସି ଫାଇନାଲ୍ ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ୟାଟ୍ କମିନ୍ସ ଦଳର ନେତୃତ୍ୱ ନେବେ ଓ ମିଚେଲ ଷ୍ଟାର୍କ, ଜୋସ ହାଜେଲଉଡ୍ ପେସ୍ ବୋଲିଂରେ ତାଙ୍କୁ ସହାୟତା କରିବେ। ଜୁନ ୧୧ରୁ ଫାଇନାଲ୍ ଆରମ୍ଭ ହେବ। ଐତିହାସିକ ଲର୍ଡ୍ସ କ୍ରିକେଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ମ୍ୟାଚ୍ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଟାଇଟଲ ବଜାୟ ରଖିବାକୁ ପ୍ରୟାସ କରିବ। ଦକ୍ଷିଣ ଆଫ୍ରିକା ଦଳ: ତେମ୍ବା ବଭୁମା (ଅଧିନାୟକ), ଡେଭିଡ ବେଡିଂହାମ୍, କର୍ବିନ ବସ୍କ, ଟୋନି ଡି ଜର୍ଜି, ମାର୍କୋ ଜାନସେନ, କେଶବ ମହାରାଜ, ଆଡେନ ମାରକ୍ରମ, ୱିଆନ ମୋଲ୍ଡର, ସେନୁରାନ ମୁଥୁସାମି, ଲୁଙ୍ଗି ଏନ୍‌ଗିଡ଼ି, ଡେନ ପାଟରସନ, କାଗିସୋ ରାବାଡା, ର୍‌ୟାନ ରିକେଲଟନ, ଟ୍ରିଷ୍ଟନ ଷ୍ଟବ୍ସ, କେଲି ଭେରିନ।

ଅଷ୍ଟ୍ରେଲିଆ ଦଳ: ପ୍ୟାଟ୍ କମିନ୍ସ (ଅଧିନାୟକ), ସ୍କଟ୍ ବୋଲାଣ୍ଡ, ଆଲେକ୍ସ କ୍ୟାରୀ, କାମେରନ ଗ୍ରୀନ, ଜୋସ ହାଜେଲଉଡ୍, ଟ୍ରେଭିସ୍ ହେଡ୍, ଜୋସ ଇଂଲିଶ, ଉସମାନ ଖୱାଜା, ସାମ କନଷ୍ଟାସ, ମାଥ୍ୟୁ କୁହ୍ନେମନ, ମାର୍ନସ ଲାବୁସାନ, ନାଥାନ ଲାୟନ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ବ୍ୟୁ ୱେବଷ୍ଟର।



## ଏମଆଇ, ଆରସିବି, ଜିଟି ସହ ୬ଟି ଦଳକୁ ଲାଗିଲା ଝଟ୍‌କା

**ନୂଆଦିଲ୍ଲୀ, ୧୪ା୫:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ସିଜିନ୍ ୧୮ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି, ଏହା ମେ ୧୭ରେ ଆରସିବି ବନାମ କେକେଆରରୁ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ଜୁନ୍ ୩ ତାରିଖରେ ଖେଳାଯିବ। କିନ୍ତୁ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଏକ ଝଟକା ଦେଇଛି। ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ସାମିଲ ଥିବା ଖେଳାଳିମାନଙ୍କୁ ମେ ୨୬ ସୁଦ୍ଧା ଫେରିବାକୁ କହିଛି, ଏହା ପ୍ଲେଅଫ୍ ଦୌଡ଼ରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ, ଆରସିବି, ଗୁଜରାଟ ଟାଇଟାନ୍ସ, ପଞ୍ଜାବ କିଙ୍ଗ୍ସ ସମେତ ୬ଟି ଦଳକୁ କ୍ଷତି ପହଞ୍ଚାଇବ।

ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଶେଷ ମ୍ୟାଚ୍ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଟାଇଟଲ ମ୍ୟାଚ୍ ୧୧ ରୁ ୧୫ ଜୁନ୍ ପର୍ଯ୍ୟନ୍ତ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। କ୍ରିକେଟ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ ଥିବା ଖେଳାଳିମାନଙ୍କୁ ମେ ୨୬ ସୁଦ୍ଧା ଫେରିବାକୁ ନିର୍ଦ୍ଦେଶ ଦେଇଛି। ଏହା ଏଥିପାଇଁ ଯେ ଖେଳାଳିମାନେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲର ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ପାଇବେ। ପ୍ରକାଶଥାଉକି, ଆଇପିଏଲ ୨୦୨୫ରେ ମୋଟ ୨୦ ଜଣ ଦକ୍ଷିଣ ଆଫ୍ରିକୀୟ ଖେଳାଳି ବିଭିନ୍ନ ଦଳ ସହିତ ଜଡିତ ଅଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ୮ ଜଣ ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍ ସ୍କ୍ୱାଡ୍‌ର ଅଂଶ। ଏମାନଙ୍କ ମଧ୍ୟରୁ ୨ ଜଣ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଅଛନ୍ତି।

କର୍ବିନ ବୋଶ (ମୁମ୍ବାଇ ଇଣ୍ଡିଆନ୍ସ), ରିଆନ ରିକେଲଟନ (ମୁମ୍ବାଇ ଇଣ୍ଡିଆନ୍ସ), ୱାଇଆନ ମୁଲଡର (ସନରାଇଜର୍ସ ହାଇଦ୍ରାବାଦ), ମାର୍କୋ ଜାନସେନ (ପଞ୍ଜାବ କିଙ୍ଗସ), ଏଡେନ ମାର୍କରାମ (ଲକ୍ଷ୍ନୌ ସୁପରଜିଆଣ୍ଟସ), ଲୁଙ୍ଗି ଏନଗିଡି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର), କାଗିସୋ ରାବାଡା (ଗୁଜରାଟ ଟାଇଟାନ୍ସ) ଏବଂ ଟ୍ରିଷ୍ଟାନ ଷ୍ଟବସ (ଦିଲ୍ଲୀ କ୍ୟାପିଟାଲ୍ସ)ଙ୍କୁ ଡବ୍ଲୁଟିସି ଫାଇନାଲ ଦଳରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ କେବଳ ସନରାଇଜର୍ସ ହାଇଦ୍ରାବାଦ ବର୍ତ୍ତମାନ ପ୍ଲେଅଫ୍ ଦୌଡ଼ରୁ ବାହାର ହୋଇଛି।

## ଟେଷ୍ଟ କ୍ରିକେଟ ଛାଡ଼ିବା ପରେ ବି ବିରାଟ, ରୋହିତଙ୍କ ଦରମା କଟିବନି

**ନୂଆଦିଲ୍ଲୀ, ୧୪ା୫:** ଭାରତୀୟ କ୍ରିକେଟ ଦଳର ଦୁଇ କିମ୍ବଦନ୍ତୀ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି। ପୂର୍ବରୁ ଉଭୟ ଷ୍ଟାର ବ୍ୟାଟସମ୍ୟାନ ଟି-୨୦ ଆନ୍ତର୍ଜାତୀୟ ଦଳ ଛାଡି ସାରିଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ ଉଭୟଙ୍କ କେନ୍ଦ୍ରୀୟ ଚୁକ୍ତିନାମାର କାଟାଗୋରି ପରିବର୍ତ୍ତନ ହେବ କି? ଆପଣଙ୍କୁ କହି ରଖୁଛୁ ଯେ ନିକଟରେ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିନାମାର ତାଲିକା ପ୍ରକାଶ କରିଥିଲା। ଏଥିରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ A+ ବର୍ଗରେ ରଖାଯାଇଥିଲା, କିନ୍ତୁ ଏବେ ଉଭୟ ଟେଷ୍ଟରୁ ଅବସର ନେଇସାରିଛନ୍ତି। ଦୁହେଁ କେବଳ ଦିନିକିଆ ମ୍ୟାଚ ଖେଳିବେ। ଏପରି ପରିସ୍ଥିତିରେ, ବିସିସିଆଇ ଉଭୟଙ୍କ ଦରମା ହ୍ରାସ କରିବ କି ନାହିଁ? ବିସିସିଆଇ ସଚିବ ଦେବଜିତ ସାଇକିଆ ବିରାଟ ଏବଂ ରୋହିତଙ୍କ କେନ୍ଦ୍ରୀୟ ଚୁକ୍ତି ବର୍ଗ ବିଷୟରେ ଏକ ବଡ଼ ସୂଚନା ଦେଇଛନ୍ତି। ବିସିସିଆଇ ସଚିବ କହିଛନ୍ତି ଯେ ବିରାଟ କୋହଲି ଏବଂ ରୋହିତ ଶର୍ମା ବିସିସିଆଇ କେନ୍ଦ୍ରୀୟ ଚୁକ୍ତିନାମାର ଏ ପ୍ଲସ୍ ବର୍ଗରେ ରହିବେ। ଏଥିରୁ ଏବେ ଏହା ସ୍ପଷ୍ଟ ଯେ ଉଭୟଙ୍କ ଦରମାରେ କୌଣସି ହ୍ରାସ ହେବ ନାହିଁ। ଦୁହେଁ ବିସିସିଆଇ ଠାରୁ ବାର୍ଷିକ ୭ କୋଟି ଟଙ୍କା ପାଇବେ। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ବିସିସିଆଇ କେବଳ ସେହି ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିନାମାରେ ସାମିଲ କରେ ଯେଉଁମାନେ ଗୋଟିଏ ବର୍ଷରେ ଅତି କମରେ ୩ଟି ଟେଷ୍ଟ, ୮ଟି ଦିନିକିଆ କିମ୍ବା ୧୦ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଯଦି ଜଣେ ଖେଳାଳି ଟେଷ୍ଟ ନ ଖେଳି ଦିନିକିଆ ଏବଂ ଟି-୨୦ ଖେଳନ୍ତି ତେବେ ତାଙ୍କୁ ଚୁକ୍ତିରେ ସାମିଲ କରାଯାଏ। ଉଲ୍ଲେଖ ଥାଉ କି ଏ ପ୍ଲସ୍ ବର୍ଗରେ ରୋହିତ ଶର୍ମା, ବିରାଟ କୋହଲି, ଜସପ୍ରୀତ ବୁମ୍ରା, ରବିନ୍ଦ୍ର ଜାଡେଜା ପ୍ରମୁଖ ଖେଳାଳି ଅଛନ୍ତି।

### ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା

## ମହିଳା ହକି ଦଳ ଓ ଓମ୍‌କାରଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୪ା୫:** ବିହାରରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ମଙ୍ଗଳବାର ଓଡ଼ିଶାକୁ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ମହିଳା ହକି ଦଳ ଏବଂ ସଟ୍‌ପୁଟର୍ ଓମ୍‌କାର ନନ୍ଦ ସ୍ୱର୍ଣ୍ଣ ଭେଟି ଦେଇଥିଲା ବେଳେ କାଂସ୍ୟଟି ଜିତିଛନ୍ତି ଲଙ୍ଗ୍ ଜମ୍ପର୍ ପାର୍ବତୀ ହାଁସ୍‌ଦା। ମହିଳା ହକି ଫାଇନାଲ୍‌ରେ ଓଡ଼ିଶା ୩-୧ (୧-୧) ସୁଟ୍‌ଆଉଟ୍‌ରେ ଝାଡ଼ଖଣ୍ଡକୁ ହରାଇ ବିଜେତା ହୋଇଥିଲା। କଡ଼ାସଂଘର୍ଷ ପୂର୍ଣ୍ଣ ଏହି ଫାଇନାଲ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ତୃତୀୟ କ୍ୱାର୍ଟର ଶେଷ ହେବାକୁ କିଛି ସମୟ ଥିଲା ବେଳେ ଝାଡ଼ଖଣ୍ଡକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସଙ୍ଗୀତା କୁମାରୀ (୪୨ ମିନିଟ୍) ଗୋଲ୍‌ରେ ପରିଣତ କରି ଦଳକୁ ଅଗ୍ରଣୀ ଦେଇଥିଲେ। ତେବେ ୫୧ତମ ମିନିଟ୍‌ରେ ଓଡ଼ିଶାର ରୋଜ୍ ମେରି ଖାଲ୍‌କୋଙ୍କ ଫିଲ୍ଡ ଗୋଲ୍‌ରେ ସ୍ଥିତି ୧-୧ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଅମୀମାଂସିତ ରହିବାରୁ ଫଳାଫଳ ଲାଗି ସୁଟ୍‌ଆଉଟ୍‌ର ସହଯୋଗ ନିଆଯାଇଥିଲା। ଏଥିରେ ଓଡ଼ିଶା ୩-୧ରେ ଜିତି ବିଜୟ ବାନା ଉଡ଼ାଇଥିଲା। ସୁଟ୍‌ଆଉଟ୍‌ରେ ଓଡ଼ିଶାର ଅଧିନାୟିକା ଦ୍ରୁପଦି ନାଏକ ୨ ଥର, ଡଲି ଭୋଇ ସଫଳ ହୋଇଥିଲା ବେଳେ ଗୋଲି ପବିତ୍ରା ହୋଡ଼ାମ ୩ଟି ସଟ୍ ରୋକି ଦଳକୁ ବିଜୟ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଅନ୍ୟପକ୍ଷରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ମୁକାବିଲାରେ ପଞ୍ଜାବଠୁ ୩-୪ ଗୋଲ୍‌ରେ ହାରି ପଦକ ହାତଛଡ଼ା କରିଛି। ବାଳକ ସଟ୍‌ପୁଟ୍‌ରେ ଓମ୍‌କାର ନନ୍ଦ ୨୦.୮୯ ମିଟର ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ପଛକୁ ଉତ୍ତରପ୍ରଦେଶର ଅଖଣ୍ଡ ପ୍ରତାପ ସିଂହ (୧୯.୪୬ ମିଟର) ରୌପ୍ୟ ଏବଂ ହରିୟାଣାର ନିଶ୍ଚୟ (୧୯.୪୩ ମିଟର) କାଂସ୍ୟ ପାଇଥିଲେ। ଲଙ୍ଗ୍ ଜମ୍ପରେ ପାର୍ବତୀ ୫.୪୩ ମିଟର ଡେଇଁ କାଂସ୍ୟ ପଦକ ଜିତିଥିଲେ। ତାମିଲନାଡୁର ସାଧନା ରବି (୫.୭୦ ମିଟର) ସ୍ୱର୍ଣ୍ଣ ଏବଂ କେରଳର ଅନନ୍ୟା ଏସ୍ (୫.୪୪ ମିଟର) ରୌପ୍ୟ ପାଇଥିଲେ। ଏଥିସହ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୧ (୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧ କାଂସ୍ୟ)ରେ ପହଞ୍ଚିଛି।





### ବିସିସିଆଇ କଥା ମାନିବାକୁ ପ୍ରସ୍ତୁତ ନୁହେଁ ସିଏସଏ

## ରବାଡ଼ାଙ୍କ ସମେତ ଆଇପିଏଲ୍ ଛାଡ଼ିବେ ୮ ଖେଳାଳି

**ନୂଆଦିଲ୍ଲୀ, ୧୪ା୫:** ଆଇପିଏଲ୍ ୨୦୨୫ ପୁଣି ଥରେ ମେ ୧୭ରୁ ଆରମ୍ଭ ହେଉଛି। ଫାଇନାଲ୍ ମ୍ୟାଚ୍ ଜୁନ ୩ ତାରିଖ ଖେଳାଯିବ। ତେବେ ଫ୍ରାଞ୍ଚାଇଜଙ୍କ ପାଇଁ ଚିନ୍ତାର ବିଷୟ ସପ୍ତାହେ ପର୍ଯ୍ୟନ୍ତ ଆଇପିଏଲ୍ ସ୍ଥଗିତ ହେବା କାରଣରୁ ବିଦେଶୀ ଖେଳାଳି ସ୍ୱଦେଶ ଫେରି ଯାଇଛନ୍ତି। ନିଜର ଅନ୍ତର୍ଜାତୀୟ ସିରିଜ୍ କାରଣରୁ ଏବେ ଖେଳାଳିମାନେ ଭାରତ ଫେରିବାକୁ ଅମଙ୍ଗ ହେଉଛନ୍ତି। ଏହି କ୍ରମରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ(ଡବ୍ଲ୍ୟୁଟିସି) ଫାଇନାଲ୍ ପାଇଁ ଚୟନ ହୋଇଥିବା ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ଖେଳାଳି ଆଇପିଏଲ୍ ୨୦୨୫ ପ୍ଲେ ଅଫ୍ ମୁକାବିଲା ଖେଳି ନ ପାରନ୍ତି। କାରଣ ଲିଗଠୁ ଉପରେ ଦେଶକୁ ଅଧିକ ଗୁରୁତ୍ୱ ଦେବାକୁ କହିଛି ଦକ୍ଷିଣ ଆଫ୍ରିକା କ୍ରିକେଟ୍ ବୋର୍ଡ।



ଆଇପିଏଲର ସଂଶୋଧିତ କାର୍ଯ୍ୟସୂଚୀ ଏବେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାର ସେହି କ୍ରିକେଟରଙ୍କୁ ଦ୍ୱିଧାରେ ପକାଇ ଦେଇଛି, ଯେଉଁମାନେ ଡବ୍ଲ୍ୟୁଟିସି ଫାଇନାଲ୍ ପାଇଁ ନିଜ ଦଳରେ ଚୟନ ହୋଇଛନ୍ତି। ଅନ୍ୟପଟେ ଫ୍ରାଞ୍ଚାଇଜ ଓ ବିସିସିଆଇ ବିଦେଶୀ ବୋର୍ଡଙ୍କୁ ସେମାନଙ୍କର ଖେଳାଳିଙ୍କୁ ଲିଗର ଅବଶିଷ୍ଟ ମ୍ୟାଚ୍ ଖେଳିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛି। କିନ୍ତୁ କ୍ରିକେଟ୍ ଦକ୍ଷିଣ ଆଫ୍ରିକା(ସିଏସଏ) ଡବ୍ଲ୍ୟୁଟିସି ଫାଇନାଲ୍ ପ୍ରସ୍ତୁତି ସେମାନଙ୍କର ପ୍ରଥମ ପ୍ରାଥମିକତା ବୋଲି କହିଛି। ସିଏସଏର ଜାତୀୟ ଦଳର ନିର୍ଦ୍ଦେଶକ ଏନକୋ ଏନକ୍ୱେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହା ଖେଳାଳିଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଯେ, ସେମାନେ ଲିଗ୍ ଖେଳିବେ ନା ଡବ୍ଲ୍ୟୁଟିସିର ଦଳର ପ୍ରତିନିଧିତ୍ୱ କରିବେ। ସେ କହିଛନ୍ତି, ଆମେ ଏହି ପ୍ରସଙ୍ଗରେ ବିସିସିଆଇ ଓ ଆଇପିଏଲ ସହ ଆଲୋଚନା କରିଛୁ। ବିସିସିଆଇକୁ ଜଣାଇ ଦେଇଛୁ ଯେ, ଡବ୍ଲ୍ୟୁଟିସି ଫାଇନାଲର ପ୍ରସ୍ତୁତି ଆମ ପାଇଁ ଅଧିକ ଜରୁରୀ। ଟେଷ୍ଟ ଖେଳାଳିଙ୍କ ପାଇଁ ଆଇପିଏଲ୍ ମ୍ୟାଚ୍ ଖେଳିବାର ମେ ୨୬ ତାରିଖ ହେଉଛି ସମୟ ସୀମା। ଆମର ପ୍ରାଥମିକତା ଡବ୍ଲ୍ୟୁଟିସି ଫାଇନାଲ୍ ରହିଛି ଯାହା ଅପରିବର୍ତ୍ତିତ ରହିବ। ସୂଚନାଯୋଗ୍ୟ, ଚଳିତ ସଂସ୍କରଣରେ ଆହୁରି ୧୭ଟି ମ୍ୟାଚ୍ ଖେଳାଯିବାର ବାକି ଅଛି। ଦକ୍ଷିଣ ଆଫ୍ରିକାର ୮ କ୍ରିକେଟର କାଗିସୋ ରାବଡା(ଗୁଜରାଟ ଟାଇଟନ୍ସ), ଲୁଙ୍ଗି ଏନଗିଡି(ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ଟ୍ରିଷ୍ଟନ ଷ୍ଟବ୍ସ(ଦିଲ୍ଲୀ କ୍ୟାପିଟାଲ୍ସ), ଆଡନ ମାରକ୍ରମ(ଲକ୍ଷ୍ନୌ ସୁପର ଜାଏଣ୍ଟସ), ରିୟାନ ରିକଲଟନ(ମୁମ୍ବାଇ ଇଣ୍ଡିଆନ୍ସ), କୋର୍ବିନ ବୋଶ(ମୁମ୍ବାଇ ଇଣ୍ଡିଆନ୍ସ), ମାର୍କୋ ଜନସେନ(ପଞ୍ଜାବ କିଙ୍ଗ୍ସ) ଓ ୱିୟାନ ମୁଲଡର(ସନରାଇଜର୍ସ ହାଇଦ୍ରାବାଦ) ଡବ୍ଲ୍ୟୁଟିସି ଫାଇନାଲ୍ ମ୍ୟାଚ୍ ପାଇଁ ଚୟନ ହୋଇଛନ୍ତି। ବର୍ତ୍ତମାନ ଜିଟି, ଆରସିବି, ଏମଆଇ, ପିବିକେଏସ, ଡିସି ଓ ଏଲଏସଜି ଆଇପିଏଲ୍ ପ୍ଲେ ଅଫ ଦୌଡରେ ଅଛନ୍ତି। ତେଣୁ ଦକ୍ଷିଣ ଆଫ୍ରିକାର ଏହି ଖେଳାଳି ନ ଆସିଲେ ଆଇପିଏଲ୍‌ର ଏସବୁ ଫ୍ରାଞ୍ଚାଇଜଙ୍କ ଚୂଡ଼ାନ୍ତ ଏକାଦଶର ସନ୍ତୁଳନ ବିଗିଡ଼ିପାରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୧ କୁଖ୍ୟାତ ...

ମୁଁ ଅତ୍ୟନ୍ତ ଖୁସି ଯେ ଏହି ଅଭିଯାନରେ ସୁରକ୍ଷା ବାହିନୀର କୌଣସି କ୍ଷତି ହୋଇନାହିଁ। ଖରାପ ପାଗ ଏବଂ ଦୁର୍ଗମ ପାହାଡ଼ି ଅଞ୍ଚଳରେ ମଧ୍ୟ ଶୌର୍ଯ୍ୟ ଓ ପରାକ୍ରମ ସହିତ ନକ୍ସଲବାଦୀଙ୍କ ମୁକାବିଲା କରିଥିବା ଆମର ସିଆରପିଏଫ, ଏସଟିଏଫ ଏବଂ ଡିଆରଜି ସୈନିକମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ସାରା ଦେଶ ଆପଣମାନଙ୍କୁ ନେଇ ଗର୍ବିତ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, କେନ୍ଦ୍ର ସରକାର ନକ୍ସଲବାଦକୁ ମୂଳରୁ ମୂଳପୋଛ କରିବାକୁ ସଂକଳ୍ପବଦ୍ଧ। ସେ କହିଛନ୍ତି ଯେ, ଭାରତ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲମୁକ୍ତ ହେବା ନିଶ୍ଚିତ। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର ମହାନିର୍ଦ୍ଦେଶକ ଜିପି ସିଂହ କହିଛନ୍ତି ୨୦୧୪ ମସିହାରେ ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୫ ଥିଲା, ଯାହା ୨୦୨୫ ସୁଦ୍ଧା ୬ କୁ ହ୍ରାସ ପାଇଛି।

### ମୁକୁଳିଲେ...

ବିଏସ୍‌ଏଫର ଆଇଜି ଅତୁଲ ଫୁଲଜେଲେ କହିଛନ୍ତି ଯେ ଏହି ହସ୍ତାନର ଶାନ୍ତିପୂର୍ଣ୍ଣ ଭାବରେ ଏବଂ ପ୍ରୋଟୋକଲ ଅନୁଯାୟୀ କରାଯାଇଥିଲା। କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିବାର ଗୋଟିଏ ଦିନ ପରେ ପଞ୍ଜାବର ଫିରୋଜପୁର ଜିଲ୍ଲାରେ ଅଜାଣତରେ ଆନ୍ତର୍ଜାତୀୟ ସୀମା ଅତିକ୍ରମ କରିବା ପରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଦ୍ୱାରା ୪୦ ବର୍ଷ ବୟସ୍କ ପୂର୍ଣ୍ଣମ ଶଙ୍କୁ ଅଟକ ରଖାଯାଇଥିଲା।

### ଶପଥ...

ଗତ ଛଅ ବର୍ଷ ମଧ୍ୟରେ, ଜଷ୍ଟିସ୍ ବି.ଆର. ଗବାଇ ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ, ସିଭିଲ୍ ଆଇନ, ଫୌଜଦାରୀ ଆଇନ, ବାଣିଜ୍ୟିକ ବିବାଦ, ମଧ୍ୟସ୍ଥତା ଆଇନ, ବିଦ୍ୟୁତ୍ ଆଇନ, ଶିକ୍ଷା ମାମଲା, ପରିବେଶ ଆଇନ ଇତ୍ୟାଦି ବିଭିନ୍ନ ବିଷୟ ସହ ଜଡିତ ମାମଲାଗୁଡ଼ିକର ବିଚାର କରୁଥିବା ପ୍ରାୟ ୭ଶହ ଖଣ୍ଡପୀଠର ଅଂଶ ଥିଲେ।

### ବଜ୍ରପାତରେ...

ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ତହସିଲଦାର ମୃତ ବ୍ୟକ୍ତିଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଜରୁରୀକାଳୀନ ସହାୟତା ରାଶି ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଯୋଗାଇ ଦେଇଛନ୍ତି। ଖବରପାଇ ସୁର୍ଙ୍ଗି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରିବା ସହ ବ୍ୟବଚ୍ଛେଦ ସକାଶେ ପଠାଇଥିଲା। ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏଥିସହ ମୃତକଙ୍କ ପରିବାର ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ତହସିଲଦାର ଦେବେନ୍ଦ୍ର ଧାରୁଆ କହିଛନ୍ତି।

### ସୂଚନା...

କରିଥିଲେ ସେ। ଯେଉଁ ଖବରକାଗଜରେ ସରକାରଙ୍କ ବିରୁଦ୍ଧରେ ଖବର ପ୍ରକାଶ ପାଉଥିଲା, ତା’ର ବିଜ୍ଞାପନ ତୁରନ୍ତ ବନ୍ଦ କରିଦେଉଥିଲେ ସରୋଜ। ଏହି ତାଲିକାରେ ରାଜ୍ୟର ଦୁଇ ଅଗ୍ରଣୀ ଖବରକାଗଜ ‘ସମ୍ବାଦ’ ଓ ‘ପ୍ରଜାତନ୍ତ୍ର’ ମଧ୍ୟ ରହିଥିଲେ। ମନଇଚ୍ଛା ବିଜ୍ଞାପନ ବାଣ୍ଟିବାରେ ଲାଗିଥିଲେ ଏହି ବାବୁ। ଛୋଟ ଛୋଟ କାଗଜକୁ ବିଜ୍ଞାପନ ଦେଇ ଭଲରକମ ହାତ ଚିକ୍କଣ କରିଚାଲିଥିଲେ। ସବୁଠାରୁ ବଡ଼ କଥା ହେଲା, ଖବରକାଜ ଭିତରେ ପୂରା ପୃଷ୍ଠାର ବିଜ୍ଞାପନ ଦେଇ ତାହାକୁ ପ୍ରଥମ ପୃଷ୍ଠା ଦରରେ ଟଙ୍କା ଗଣିଦେଉଥିଲେ ସେ। ଏହା ଥିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସବୁଠାରୁ ବଡ଼ କେଲେଙ୍କାରୀ।

ବିଜ୍ଞାପନ କେଲେଙ୍କାରୀର ଗୁମର ଫିଟିବାରୁ କାଳେ ବିଜେପି ସରକାରଙ୍କ ଖଣ୍ଡାଚୋଟ ପଡିବ, ସେଥିପାଇଁ ଅବସରର କିଛିଦିନ ପୂର୍ବରୁ ସମସ୍ତଙ୍କ ନଜର ହଟାଇବା ପାଇଁ ସରୋଜ ଛୁଟିରେ ପଳାଇଥିଲେ। ତେବେ ଏଭଳି ଜଣେ ବିବାଦୀୟ ଅଫିସରଙ୍କ ନାଁ ରାଜ୍ୟ ସୂଚନା କମିଶନର ତାଲିକାରେ କିଏ ରଖିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ହୋଇଛି। ରାଜ୍ୟରେ ମାଳ ମାଳ ଦକ୍ଷ ସୂଚନା ଅଧିକାର କର୍ମୀ, ସୂଚନା ଅଧିକାର ସଂକ୍ରାନ୍ତରେ ଜ୍ଞାନ ଥିବା ଆଇନ୍‌ଜୀବୀ ଥିଲେ ମଧ୍ୟ ପୂର୍ବତନ ଅଧିକାରୀ ବିଶେଷକରି ଏଭଳି ବିବାଦୀୟ ବାବୁଙ୍କୁ କେଉଁ ଆଧାରରେ କିଏ ତାଲିକାଭୁକ୍ତ କଲା, ତାହାର ତଦନ୍ତ ଆବଶ୍ୟକ ବୋଲି ସୂଚନା ଅଧିକାର କର୍ମୀମାନେ ମତ ଦେଉଛନ୍ତି।

### ମନରେଗାରେ...

ପାଇବେ, ସେଥିପାଇଁ ଚଳିତ ମାସ ଶେଷ ସୁଦ୍ଧା ସେମାନଙ୍କୁ ଜବ କାର୍ଡ ବଣ୍ଟନ କରାଯିବ। ଏପରିକି ଅଧିକରୁ ଅଧିକ ଦିବ୍ୟାଙ୍ଗଙ୍କୁ ମନରେଗାରେ ସାମିଲ କରିବାକୁ ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯିବ। ପଞ୍ଚାୟତ ଅଧିକାରୀ ପ୍ଲାନ ପ୍ରସ୍ତୁତ କରିବେ। ଦିବ୍ୟାଙ୍ଗ ମା’ମାନେ କାମ କରିବାକୁ ଗଲେ, ଗ୍ରୁପର ଜଣେ ଦିବ୍ୟାଙ୍ଗ ମହିଳା ଶିଶୁ ଯତ୍ନ ଗୃହରେ ଆୟା ଭାବେ ରହିବେ।

ଦିବ୍ୟାଙ୍ଗମାନଙ୍କୁ ସମ୍ମାନ ସହକାରେ କାମ ଯୋଗାଇବା ସହ କର୍ମସ୍ଥଳରେ ଯେପରି କେହି ଅପମାନିତ କିମ୍ବା ଥଟ୍ଟା ପରିହାସର ପାତ୍ର ନ ହୁଅନ୍ତି, ତା’ ଉପରେ ପଞ୍ଚାୟତ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସବୁ ଜିଲ୍ଲାରେ ଜିଲ୍ଲାପାଳମାନେ ଏହି ଯୋଜନାର ରୂପାୟନ ନେଇ ସମୀକ୍ଷା ବୈଠକ କରିବେ।

### ଡ୍ରୋନ୍‌କୁ...

ସଶକ୍ତ କରିବ ବୋଲି ଆଶା କରାଯାଉଛି।

ଏହି ଡିଫେନ୍ସ ସିଷ୍ଟମର ଏପରି ନାମକରଣ ନେଇ ଏସଡିଏଲ ପକ୍ଷରୁ ମହାଭାରତର ଉଦାହରଣ ଦିଆଯାଇଛି। ଏଥିରେ କୁହାଯାଇଛି ଯେ ମହାଭାରତ ଯୁଦ୍ଧରେ କେତେକ ବିନାଶକାରୀ ଅସ୍ତ୍ରର ପ୍ରୟୋଗ ହୋଇଥିଲା, ଯେଉଁଥିରେ ‘ଭାର୍ଗବାସ୍ତ୍ର’ ଅନ୍ୟତମ ଥିଲା। ଏହି ନାମକରଣ ମହର୍ଷି ଭାର୍ଗବ ପର୍ଶୁରାମଙ୍କ ନାମାନୁସାରେ ହୋଇଥିଲା। ଏବେ ଏହି ନାମର ପ୍ରେରଣା ନେଇ ଭାରତ ଏକ ଅତ୍ୟାଧୁନିକ ମାଇକ୍ରୋ-ମିସାଇଲ ଆଧାରିତ କାଉଣ୍ଟର ଡ୍ରୋନ ସିଷ୍ଟମର ବିକାଶ କରିଛି। ଏହି ପ୍ରତିରକ୍ଷା ସିଷ୍ଟମ ଦେଶର ସୁରକ୍ଷାକୁ ନୂଆ ଉଚ୍ଚତା ପ୍ରଦାନ କରିବ। ଏହା ଶତ୍ରୁପକ୍ଷର ଡ୍ରୋନ ଉପରେ କାଳ ହୋଇ ବର୍ଷିବ। ଏହାକୁ ଭାରତର ଆଇରନଡୋମ ବି କୁହାଯାଉଛି।

### ଏସ୍‌ଇବିସିଙ୍କୁ...

ମାତୃ ବନ୍ଦନା ଯୋଜନାକୁ ମିଳିତ ଭାବେ ଗତ ୧ ଏପ୍ରିଲରୁ ପଛୁଆ ଭାବେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଯୋଜନାକୁ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ନାମରେ ନାମିତ କରାଯିବ।

ସେହିପରି ପୂର୍ବରୁ ମମତା ଯୋଜନାରେ ଝିଅ ଜନ୍ମ ପାଇଁ ମା’ମାନଙ୍କୁ ୧୦ ହଜାର ଟଙ୍କା ଦିଆଯାଉଥିଲା। କିନ୍ତୁ ଏବେ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୧୨ ହଜାର ମିଳିବ। ତେବେ ପୁଅ ଜନ୍ମ କ୍ଷେତ୍ରରେ ମା’ମାନେ ପୂର୍ବପରି ୧୦ ହଜାର ଟଙ୍କା ପାଇବେ। ଆଦିମ ଜନଜାତି ବର୍ଗର ମହିଳାଙ୍କୁ ପ୍ରଥମ ୨ଟି ସନ୍ତାନ ପରେ ମଧ୍ୟ ଝିଅ ଜନ୍ମ ପାଇଁ ୧୨ ହଜାର ଓ ପୁଅ ଜନ୍ମ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ପୂର୍ବରୁ ଅଙ୍ଗନବାଡ଼ି କର୍ମୀ ଓ ଅଙ୍ଗନବାଡି ସହାୟିକା ପ୍ରୋତ୍ସାହନ ରାଶି ବାବଦରେ ଯଥାକ୍ରମେ ୨୦୦ ଟଙ୍କା ଓ ୧୦୦ ଟଙ୍କା ପାଉଥିବା ବେଳେ ଏବେ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୨୫୦ ଟଙ୍କା ଏବଂ ୧୫୦ ଟଙ୍କା ପାଇବେ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ଯୋଗ୍ୟତା ମାନଦଣ୍ଡ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ମଧ୍ୟ ଲାଗୁ ହେବ। ଆସନ୍ତା ୫ ବର୍ଷରେ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୨,୬୭୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ସେହିଭଳି ମୟୂରଭଞ୍ଜ ଜିଲ୍ଲାର ଜଶୀପୁର ବ୍ଲକର ଅଁଳାବେଣୀ ଗ୍ରାମରେ ଖଇରିବନ୍ଧନ ନଦୀ ଉପରେ ଖଳରିବନ୍ଧନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ କରିବାକୁ କ୍ୟାବିନେଟ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ପଛୁଆ, ଦୁର୍ବଳ ଏବଂ ଆଦିବାସୀ ଗୋଷ୍ଠୀ ବାସ କରୁଥିବା ଏହି ଦୀର୍ଘକାଳୀନ ମରୁଡ଼ି ପ୍ରବଣ ଅଞ୍ଚଳରେ ଖରିଫ ଜଳସେଚନ ସୁନିଶ୍ଚିତ ହୋଇପାରିବ। ଏହି ପ୍ରକଳ୍ପର ନିର୍ମାଣ ପାଇଁ ୯୭ କୋଟି ୬୭ ଲକ୍ଷ ୯୮ହଜାର ୭୫୫ ଟଙ୍କାର ଟେଣ୍ଡରକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରକଳ୍ପଟିକୁ ୩୦ ମାସରେ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ୪୭ଟି ଗାଁର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପଲାଇନ ଜଳବଣ୍ଟନ ବ୍ୟବସ୍ଥା ମାଧମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । ଏତଦବ୍ୟତୀତ ଏହି ପ୍ରକଳ୍ପ ୩୫ ହଜାରରୁ ଅଧିକ ଜନସଂଖ୍ୟାକୁ ପାନୀୟ ଜଳ ସୁବିଧା ଯୋଗାଇବା ସହ ଘରୋଇ ପଶୁପାଳନ ତଥା ମଧ୍ୟ ଚାଷର ଚାହିଦାକୁ ମଧ୍ୟ ପୂରଣ କରିବ ।

ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ ର ସଂଶୋଧନ କରାଯାଇଛି । ଏହି ସଂଶୋଧନ ଅନୁଯାୟୀ ଟ୍ରାଫିକ୍ ସବ୍-ଇନ୍ସପେକ୍ଟର ପଦବୀ ଏବଂ ଅବକାରୀ ସବ୍-ଇନ୍ସପେକ୍ଟର ପଦବୀଗୁଡିକ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ,୨୦୨୨ରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ଅଗ୍ନିଶମ ସେବା, ହୋମ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ ବିଭାଗର ମହାନିର୍ଦ୍ଦେଶକଙ୍କ ଅଧୀନରେ ଥିବା ନାଗରିକ ପ୍ରତିରକ୍ଷା ପ୍ରଶିକ୍ଷକ/ସିନିୟର ଷ୍ଟୋର ଇନ୍ସପେକ୍ଟର ପଦବୀ ମଧ୍ୟ ସିଡୁଲ-୧ରେ ଅନ୍ତର୍ଭୂକ୍ତ କରାଯାଇଛି। ଏଥିସହ କେନ୍ଦୁଝର ଜିଲ୍ଲାର ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର ଏବଂ ଦକ୍ଷିଣ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ୪୦ ଏକର ୧୯୭ ଡିସିମିଲ ସରକାରୀ ଜମି ଦେୟମୁକ୍ତ ସହିତ ଲିଜ୍ ସୂତ୍ରରେ ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି ।

### ସଶକ୍ତ...

ସାଥ୍, ସବ କା ବିକାଶ, ସବ୍ କା ବିଶ୍ୱାସ ଓ ସବ୍ କା ପ୍ରୟାସ’ ମୋଦି ସରକାରଙ୍କ ବିଚାର ଓ ଦାର୍ଶନିକ ମତ। ଆମର ସମସ୍ତ କାର୍ଯ୍ୟକ୍ରମ ଓ ଯୋଜନାର ମୂଳ ଲକ୍ଷ୍ୟ ସାମାଜିକ ନ୍ୟାୟ ପ୍ରଦାନ। ଏସଇବିସି ବର୍ଗର ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସଂରକ୍ଷଣ ପ୍ରଦାନ ପାଇଁ ବାରମ୍ବାର ଦାବି କରାଯାଇଆସିଥିଲେ ମଧ୍ୟ ପୂର୍ବତନ ସରକାରମାନେ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ନ ଦେଇ ଏହାକୁ ଅବହେଳା କରିଆସୁଥିଲେ। ଆଜି ଦେଶରେ ଜାତିଗତ ଜନଗଣନା ଭଳି ଐତିହାସିକ ନିଷ୍ପତ୍ତିକୁ ମୋଦି ସରକାର କ୍ୟାବିନେଟରେ ମଞ୍ଜୁର ଦେଇଥିବା ବେଳେ ଏପରି ସ୍ଥିତିରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଶ୍ରୀ ପ୍ରଧାନ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଦିଗରେ ପଦକ୍ଷେପ ପାଇଁ ଚିଠି ଲେଖିଥିଲେ। ସେ ମଧ୍ୟ ଗତ ୨୦୧୯ରେ ଥରେ ଓ ୨୦୨୦ରେ ଦୁଇ ଥର ପୂର୍ବ ସରକାରଙ୍କୁ ଚିଠି ଲେଖିଥିଲେ ହେଁ ଏନେଇ କୌଣସି ତତ୍ପରତା ପ୍ରକାଶ ପାଇନଥିଲା।

### ଜାହାଜରେ ...

୨ଜଣ ଭାରତୀୟ, ଜଣେ ଶ୍ରୀଲଙ୍କା ଓ ଅନ୍ୟ ଜଣେ ଥାଇଲାଣ୍ଡର ବୋଲି ଜଣାପଡ଼ିଛି। ଆଜି ଦିନ ୧୧ଟା ସମୟରେ ଜାହାଜଟି ପାରାଦ୍ୱୀପ ବନ୍ଦରର ପୋତାଶ୍ରୟ ଏସ୍‌ପିଏମ୍ ଠାରୁ ୨୦ କିଲୋମିଟର ସମୁଦ୍ର ମଧରେ ଭାସମାନ ବର୍ଥରେ ପହଞ୍ଚିବା ପରେ ସେଠାରୁ ପାଇପ ଲାଇନ ମାଧମରେ କ୍ରୁଡ୍ ଅଏଲ ଅଶୋଧିତ ତୈଳକୁ ଖଲାସ ପ୍ରକ୍ରିୟା ଆରମ୍ଭ ହୋଇଛି। ଖଲାସ ପ୍ରକ୍ରିୟା ଶେଷ ହେବାପରେ ଏହା ତାହାର ଗନ୍ତବ୍ୟ ସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିବ।

### ଭିଜନ...

ବେଳକୁ ଓଡ଼ିଶାର ଅର୍ଥନୀତି ୧.୫ ଟ୍ରିଲିଅନରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୩୬ ବେଳକୁ ୧ କୋଟିରୁ ଅଧିକ ନିଯୁକ୍ତି ସୁଯୋଗ କରିବାକୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି। ରାଜ୍ୟର ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତକୁ ଭିତ୍ତି କରି ତିଆରି ହୋଇଛି ଭିଜନ ଡକ୍ୟୁମେଣ୍ଟ୍। ଏଥିପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ମଧ୍ୟ ସହାୟତା ନିଆଯାଉଛି। ବଡ ଉପଲବ୍ଧି ପାଇଁ ବଡ଼ ଚିନ୍ତାଧାରା ନ୍ୟାୟରେ ବିକଶିତ ଓଡ଼ିଶା ଗଠନ ପାଇଁ ବଡ ପ୍ଲାନ କରୁଛନ୍ତି ଡବଲ ଇଞ୍ଜିନ ସରକାର। ଆଜିର ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ବେଳେ ସରକାରଙ୍କ ଉପଲବ୍ଧି ଓ ସ୍ୱପ୍ନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସକାଶେ ଦଳୀୟ ସ୍ତରରେ ମଧ୍ୟ ଉଦ୍ୟମ କରାଯାଉଛି।

ରାଜ୍ୟ ସରକାର ଯେଉଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରୁଛନ୍ତି ସେଥିରେ ୨୦୩୬ ବେଳକୁ ୭୦ ପ୍ରତିଶତ ମହିଳାଙ୍କୁ କର୍ମଜୀବୀ କରିବାକୁ ଟାର୍ଗେଟ କରାଯାଇଥିବା ବେଳେ କର୍ପୋରେଟ ସେକ୍ଟରରେ ୧୦୦ ଲକ୍ଷ କୋଟି ଟଙ୍କା ନିବେଶ ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ସାରା ରାଜ୍ୟରେ ସମାନ ଆଞ୍ଚଳିକ ବିକାଶକୁ ଗୁରୁତ୍ୱ ସହ ମୁଣ୍ଡପିଛା ଆୟ ୧.୬ ଲକ୍ଷରୁ ୩୨ ଲକ୍ଷକୁ ବୃଦ୍ଧି କରିବାକୁ ପ୍ଲାନ ହୋଇଛି। କଟକ-ଭୁବନେଶ୍ୱର-ପୁରୀ, ଝାରସୁଗୁଡ଼ା -ବରଗଡ଼-ସମ୍ବଲପୁରକୁ ନେଇ ସହରାଞ୍ଚଳର ପରିକଳ୍ପନା କରାଯାଇଥିବା ବେଳେ ଜଳସେଚନ କ୍ଷମତା ୫୦ ପ୍ରତିଶତରୁ ୮୦ ପ୍ରତିଶତ ବୃଦ୍ଧି, ଭୁବନେଶ୍ୱର ଓ ସମ୍ବଲପୁରରେ ଶିକ୍ଷା ନଗର ପ୍ରତିଷ୍ଠା ଭଳି ଉଚ୍ଚାଭିଳାଷୀ ଖସଡ଼ା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।

## ମାର୍କାମରା ଅଫିସର ଖୁସ, ଥଚ୍ଚା କଲେଣି ବିରୋଧୀ

# ତୃଣମୂଳ ସ୍ତରରେ ଶାସକ ଦଳ ନେତା, କର୍ମୀ ଫଁ ଫଁ

**କାକଟପୁର/ଅସ୍ତରଙ୍ଗ, ୧୪।୫ (ସଂଚାର ବ୍ୟୁରୋ):** ବିରୋଧୀ ଛିଗୁଲାଉଛନ୍ତି। ମାର୍କାମରା ଅଫିସର କୁଆଡେ ପାନେ ଦେଉଥିଲେ। କଣ ହେଲା, ହାତ ଥରୁଛି? ଆମ ସରକାର ଥିବା ବେଳେ ବହୁତ ବଡ଼ ବଡ଼ କଥା କହୁଥିଲ, ଏବେ କଣ ହେଲା? ଆଉ ପୁରୁଣା କଥା ନ ଦୋହରାଇ କାର୍ଯ୍ୟାନୁଷ୍ଠାନ ନେଇ ଦେଖାଅ। ଯାହା ଏବେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସରକାର ଓ ଶାସକଦଳକୁ ଏମିତି ଛିଗୁଲେଇ କଥା କହୁଛନ୍ତି ବିଜେଡି ନେତା।କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ପାନ ଦୋକାନ, ଚା ଖଟି ସହ ଗାଁର ବିଭିନ୍ନ ସ୍ଥାନରେ ତଳସ୍ତରର ନେତା, କର୍ମକର୍ତ୍ତା ବି ଶାସକ ଦଳକୁ ଦେଖି ଏମିତି କହୁଛନ୍ତି। ଏପଟେ ଶାସକ ଦଳ ନେତା ଓ କାର୍ଯ୍ୟ କର୍ତ୍ତା ମୁହଁ ଟାଣ କରି କିଛି କହି ପାରୁନାହାନ୍ତି। ଥମ୍ ମ୍ ହେଉଛନ୍ତି। ରାଗରେ ଫଁ ଫଁ ହେଉଛନ୍ତି ନିଜ ଦଳ ଓ ନେତାଙ୍କ ଉପରେ। ଭିତରେ ଭିତରେ ଜଳୁଛନ୍ତି। ପୂର୍ବସରକାରରେ ଯୋଗ୍ୟତାର ମାପକାଠି ଥିଲା ଆନୁଗତ୍ୟ। ଯିଏ ଯେତେ ଅଧିକ ଅନୁଗତ, ସେତେ ଅଧିକ କ୍ଷମତା ମିଳୁଥିଲା। ଯାହାକି ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରେ ଅଫିସ ଙ୍କ ଦବଦବା ରହୁଥିଲା ଯାହା ଫଳରେ ପୂର୍ବ ସରକାର ସମୟରେ ଥିବା ବିରୋଧୀ ସବୁ ସମୟରେ ଅଫିସଙ୍କ ଉପରେ ରାଗୁଥିଲେ କିନ୍ତୁ ସରକାର ପରିବର୍ତ୍ତନ ହେବା ପରେ ସେହି ଅଫିସର ଉପରେ ବର୍ତମାନ ଖୁସି। କାରଣ ଅନେକ ହୋଇପାରେ। ରାଜ୍ୟରୁ କେନ୍ଦ୍ରୀୟ ନେତା ପର୍ଯ୍ୟନ୍ତ ସମସ୍ତେ ଅଫିସର ରାଜ ନେଇ ବର୍ଷିଥିଲେ। କହିଥିଲେ, ବିଜେପି ଆସିଲେ ଅଫିସର ରାଜୁତି ଶେଷ ହେବ। ମାର୍କାମରା ଅନୁଗତ ହଟିବେ ଆଉ ଯୋଗ୍ୟ ଅଫିସ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରେ ରଖାଯିବ। ଲୋକେ ଭରସା କଲେ, ସରକାର ବଦଳାଇ ଦେଲେ। ଆଶା ଥିଲା, ମାର୍କା ମରା କ୍ଷମତାଶାଳୀ ଅଫିସର ଏଥର ପାନେ ପାଇବେ। କିନ୍ତୁ ନିର୍ବାଚନ କୁ ୩ଶହ ରୁ ଉର୍ଦ୍ଧ୍ୱ ଦିନ ହେବ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରେ କେତୋଟି ମାର୍କା ମରା ଅଫିସର ଙ୍କୁ ବଦଳି ହୋଇଛି ?ମାତ୍ର ଏବେ ବି ଅନେକ ମାର୍କା ମରା କ୍ଷମତାଶାଳୀ ଅଫିସର ସେମିତି ପଦବୀ ରେ ରହି ଅପବ୍ୟବହାର କରୁଛନ୍ତି। ପୂର୍ବ ସରକାରରେ ଯେଉଁ କାର୍ଯ୍ୟାଳୟ ରେ ଥିଲେ ସେମିତି ମଙ୍ଗ ଧରି ବସିଛନ୍ତି କିନ୍ତୁ ଶାସକ ଦଳର ପାଖି ଲୋକଙ୍କୁ ଧରିଛନ୍ତି, ଏବେ ବି ସେଇଠୀ ବସିଛନ୍ତି। ଜଣକ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ହେଲାନି। ଆଉ କିଛି ଅଫିସର ନୂଆ ସରକାରରେ ପଶି ମହୋଦଧି ସ୍ନାନ କରି ପରିଷ୍କାର ହୋଇଗଲେ। ପୂର୍ବ ସରକାର ରେ ଯିଏ ଇନ୍ଦ୍ର, ଚନ୍ଦ୍ର ମାନୁନଥିଲେ, ଏବେ ବି ସେଇ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ମାର୍କାମରା ଅଫିସର ପୂର୍ବ ଭଳି ପାୱାର ଫୁଲ ହୋଇ ବସିଛନ୍ତି। ଏହି କିଛି ନିର୍ଦ୍ଦିଷ୍ଟ ଅଫିସର କାର୍ଯ୍ୟଧାରା ଓ ବ୍ୟବହାରରେ ଅତିଷ୍ଠ ତଳିଆ କର୍ମଚାରୀଙ୍କ ଆଶା ମଉଳିଗଲାଣି। ଯେଉଁ କିଛି ଅଫିସର ଙ୍କୁ ନେଇ ଅତୀତରେ ବିରୋଧୀ ଅଫିସ ରେ ରଡି କରୁଥିଲେ ସେ ଏବେ ଶାସକ ଦଳର କର୍ମୀଙ୍କ ଅତି ନିକଟତର ହୋଇଯାଇଛନ୍ତି। ମଉକା ଦେଖି ବିଜେଡି ନେତାଏ ସରକାରୀ ଦଳିଆଙ୍କୁ ଛିଗୁଲେଇଲେଣି। ଏ ସବୁ ଘଟଣାରେ ବିଜେପି ତଳସ୍ତରର କର୍ମୀ ଓ ନେତାଙ୍କ ମୁହଁ ଶୁଖି ଗଲାଣି। କିଛି କହି ପାରୁନାହାନ୍ତି, ଖାଲି ଫଁ ଫଁ ହେଉଛନ୍ତି।ଦେଖିବା କେବେ ମାର୍କା ମରା ଶହ ବହୁତ ଦିନ ଧରି ଗାଦି ମାଡି ବସିଥିବା ଅଫିସଙ୍କ କେବେ ବଦଳି ହେଉଛି।



# ଭାରସାମ୍ୟ ହରାଇ ଓଲଟି ପଡ଼ିଲା କାର

### ଜଣେ ମୃତ, ଜଣେ ଗୁରୁତର

**ନବରଙ୍ଗପୁର,୧୪।୫ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଭାମିନି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଲା କାର, ଦୁର୍ଘଟଣା ରେ ଘଟଣା ସ୍ଥଳରେ ସୁରେଶ ଗୌଡ଼ ନାମକ ବ୍ୟକ୍ତି ମୃତ ବରଣ କରିଛନ୍ତି, ବିନୟ ଗୌଡ଼ ନାମକ ବ୍ୟକ୍ତି ଗୁରୁତର, କିନ୍ତୁ ଛୋଟ ଝିଅ ଟି ଗାଡିରେ ଭିତରେ ଥିଲେ ମଧ ଝିଅ ର କିଛି ହୋଇ ନାହିଁ, ଗୁରୁତର ଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ି୨୪ ଜି ୪୦୪୦ ଗାଡି ଭାମିନୀ ଗ୍ରାମରୁ ଆସୁଥିଲେ ଗାଡି ରେ ଗୋଟିଏ ସାନ ଝିଅ ଓ ଦୁଇ ଜଣ ଯୁବକ ଆସୁଥିଲେ ଅଧିକାରୀଗୁଡା ନିକଟରେ ଭାରସ୍ୟାମ ହରାଇ ଓଲଟି ପଡ଼ିଥିଲା ଦୁର୍ଘଟଣା ଏତେ ଭୟାଭୟ ଥିଲା ଯେ ଗାଡି ଟି ରାସ୍ତା ରୁ ଖସି ବିଲ ଭିତରେ ପାଞ୍ଚ ଛ ଥର ଗଡ଼ିଗଡ଼ି ଯାଇଥିଲା, ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଆହତ ଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପଠାଇବା ବ୍ୟବସ୍ଥା କରିଥିଲେ। ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଓ ଗାଡି ଜବତ କରି ଛନ୍ତି।



## ଦିବ୍ୟଜ୍ୟୋତି ହାୟାର ସେକେଣ୍ଡାରୀ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଫଳ

**ବେତନଟୀ,୧୪।୫(ସଂଚାର ବ୍ୟୁର):** ମଙ୍ଗଳବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ବେତନଟୀ ଆଗ୍ରିଆ ସ୍ଥିତ ଦିବ୍ୟଜ୍ୟୋତି କନଭେଣ୍ଟ ହାୟାର ସେକେଣ୍ଡାରୀ ସ୍କୁଲର ପରୀକ୍ଷା ଦେଇଥିବା ୩୩ ଜଣ ଯାକ ପରୀକ୍ଷାର୍ଥୀ ପାସ କରିଛନ୍ତି। ସେଥିମଧ୍ୟରୁ ବିଦ୍ୟାଳୟର ଛାତ୍ର ପ୍ରତୀକ ସେନାପତି ୯୫.୪% ରଖି ସ୍କୁଲ ଟପର ହୋଇଥିବାବେଳେ ଧ୍ୱନି ଖଣ୍ଡେଲୱାଲ ୯୫.୨ % ଦ୍ୱିତୀୟ, ଶ୍ରଦ୍ଧା ଅଗ୍ରୱାଲ ୯୪% ତୃତୀୟ, ପିଙ୍କି ପ୍ରିୟଦର୍ଶିନୀ ସିଂ ୯୨.୪% ଚତୁର୍ଥ, ସ୍ୱସ୍ତିକା ମହାନ୍ତି ୯୨% ପଞ୍ଚମ, ଅନୁରାଗ ନାଏକ ୯୦.୪% ଷଷ୍ଠ ଓ ପ୍ରତ୍ୟୁଷ ପାଲ ୯୦% ରଖି ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ୯୦% ରୁ ଉର୍ଦ୍ଧ୍ୱ ସାତ ଜଣ, ୮୦% ରୁ ଉର୍ଦ୍ଧ୍ୱ ୮ ଜଣ ଓ ଶତ ପ୍ରତିଶତ ପାସହାର କରିଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଏହି ସଫଳତା ପାଇଁ ଅଧକ୍ଷା ସିଷ୍ଟର ଶ୍ୟାନି. ଭି. ଜୋସେଫ ଅଭିନନ୍ଦନ ଜଣାଇ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଆଶ୍ରମକୁ ଗୋରୁ ଦାନ କରିବାକୁ ଯାଇ ମାଲିକ ପୁଲିସ ଦ୍ୱାରା ହଟହଟା ଅଭିଯୋଗ




**ମାହାଙ୍ଗା,୧୪।୫ (ସଂଚାର ବ୍ୟୁର):** ମାହାଙ୍ଗା ବ୍ଲକର ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ନଇଗୁଆଁ ଗ୍ରାମର ଶାରଦା ପ୍ରସାଦ ରଥ ଶିକ୍ଷା ବିଭାଗରୁ ଅବସର ନେବା ପରେ ନିଜ ଗ୍ରାମରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଦେଶୀ ଗୋପାଳନ କରୁଥିଲେ। ସେ ନିଜଗୋରୁ ଗୁଡିକୁ ଗୋବର୍ଦ୍ଧନ ଗୁରୁକୁଳ ଆଶ୍ରମ, ତାଳବସ୍ତ, ବାଙ୍କିକୁ ପଠାଇବା ପାଇଁ ତା୦୨.୦୪.୨୦୨୫ରିଖରେ ମାହାଙ୍ଗା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଗୋରୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଗୋରୁମାନଙ୍କୁ ପଠାଇବା ପାଇଁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେତୁ ଭିଏସ୍‌ଙ୍କ ପରାମର୍ଶ କ୍ରମେ ୧୯ଟି ଗାଇ ବାଛୁରୀକୁ ୭ଗୋଟି ଗାଡିରେ ନେଉଥିବା ସମୟରେ ସାଲେପୁର ବଜାରରେ କିଛି ଅସାମାଜିକ ଯୁବକ ଅଟକାଇ କାଗଜପତ୍ର ଚିରିଦେବା ସହିତ ଗାଡିଚାଳକୁ ମାଡମାରି ସାଲେପୁର ଥାନା ଅଧିକାରୀ ଡକାଇ ଗାଡିଗୁଡିକୁ ଥାନାକୁ ନେଇଥିଲେ। ସାଲେପୁର ଥାନା ଅଧିକାରିଣୀ କାଗଜପତ୍ର ଯାଞ୍ଚ କରିବା ସହିତ ସେହି ଯୁବକମାନଙ୍କ ସହ ଆଲୋଚନା କରି ହଠାତ୍ ରାତି ଅଧରେ ଗୋରୁମାନଙ୍କୁ ପୋଲିସ ସହାୟତାରେ ଜଗତସିଂହପୁର ଜିଲ୍ଲାସ୍ଥିତ ଶୂନ୍ୟବାସୀ ଗୋଶାଳାକୁ ସ୍ଥାନାନ୍ତରିତ କରିଥିଲେ ଓ ଗାଡିଗୁଡିକୁ ଥାନାକୁ ଆଣି ୩ତାରିଖ ଦିନ ୨ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ପରେ ସେ ଗୋଶାଳାକୁ ଗାଈମାଲିକଙ୍କୁ ଗାଈଗୁଡିକୁ ଫେରାଇଦେବାକୁ ତା୧୦.୪.୨୦୨୫ରିଖରେ ଚିଠି କରିଥିଲେ। ଗାଈମାଲିକ ଶ୍ରୀ ରଥ ଗୋଶାଳାରେ ପହଞ୍ଚି ତିର୍ତ୍ତୋଲର ଭିଏସ୍‌ଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନଂ ୧୦୧ ତା ୧୭.୪.୨୦୨୫ରିଖରେ ଗୋରୁମାନଙ୍କୁ ଗୋଶାଳାରୁ ଗୋବର୍ଦ୍ଧନ ଗୁରୁକୁଳ ଆଶ୍ରମକୁ ପଠାଇବା ପାଇଁ ଆଇନଗତ ବ୍ୟବସ୍ଥା କରିଥିଲେ। ଗୋରୁମାଲିକ ଗଣମାଧ୍ୟକୁ ସୂଚନା ଦେଇ କହିଥିଲେ ଯେ ୭ଟି ଗାଡି ମଧ୍ୟରୁ ୬ଟି ଗାଡିକୁ ପୋଲିସ ଅଟକାଇଥିଲା।

## ଔର ଆଦିତ୍ୟ ବିଦ୍ୟାମନ୍ଦିରରେ ରଜର ରାଣୀ କାର୍ଯ୍ୟକ୍ରମ ଉଦଯାପିତ

**ବାଲିଅନ୍ତା,୧୪।୫ (ସଂଚାର ବ୍ୟୁର):** ଶାନ୍ତିସ୍ତୁପ ଖବରକାଗଜ ପକ୍ଷରୁ ବାଲିଅନ୍ତା ବ୍ଲକ ଅର୍ନ୍ତଗତ ସିଙ୍ଗୀରି ଶାସନ ସ୍ଥିତ ଔର ଆଦିତ୍ୟ ବିଦ୍ୟାମନ୍ଦିରରେ ରଜର ରାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ମଧ୍ୟରେ ପୁଚି, ରଙ୍ଗୋଲୀ, ପିଠା, ନୃତ୍ୟ, କୁଇଜ୍ ଆଦି କ୍ଷେତ୍ରରେ ପ୍ରତିଯୋଗିତା କରାଯାଇ ରଜର ରାଣୀ ବଛାଯାଇଥିଲା। ଏହି ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକ କରିଥିବା ଆଧ୍ୟାତ୍ମିକା ସାମନ୍ତରାୟଙ୍କୁ ୫ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ କରିଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ୩ ହଜାର ଓ ତୃତୀୟ ସ୍ଥାନ କରିଥିବା ହର୍ଷିତା ରାଉତଙ୍କୁ ୨ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶାର ଆଗଧାଡିର ସମାଜସେବୀ ସୁଚିସ୍ମିତା ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟ ପୁସ୍ତକ ମେଳାର ସଂପାଦକ ବିଦୁଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ବିଦୁସ୍ମିତା ଦାସ ମନ୍ତ୍ରୀ, ଶାନ୍ତିସ୍ତୁପର ସଂପାଦକ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ମଞ୍ଚ ଉପସ୍ଥାପକ ଶୁଭ୍ରଜିତ୍ ପଣ୍ଡା, ବନ୍ଦନା ମିଶ୍ର, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ଯୁବନେତା ପ୍ରଦୀପ୍ତ କୁମାର ମହାନ୍ତି, ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ପିଲା ମାନଙ୍କ ମଧ୍ୟରେ ଏଭଳି ପ୍ରତିଯୋଗୀତା ସେମାନଙ୍କ ଭୌତିକ ଓ ମାନସିକ ବିକାଶରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ପ୍ରଳୟ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଦୀପକ ସ୍ୱାଇଁ, ଗୋପାଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ନବଜାତ ଶିଶୁ ପୁତ୍ରର ଶବ ଭାସୁଥିବା ଅବସ୍ଥାରେ ଉଦ୍ଧାର



**ଉମରକୋଟ, ୧୪।୫ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସାନଭରଣ୍ଡୀ ନିକଟରେ ଥିବା ପୋଖରୀରୁ ଏକ ନବଜାତ ଶିଶୁ ପୁତ୍ରର ଶବ ଭାସୁଥିବା ଅବସ୍ଥାରେ ଉଦ୍ଧାର, ଶିଶୁଟି ଦୁଇ ତିନି ଦିନର ହୋଇଥିବା ଅନୁମାନ କରାଯାଉଛି। ଆଜି ସକାଳୁ ସ୍ଥାନୀୟ ଗ୍ରାମବାସୀ ପୋଖରୀ କୁ ଯିବା ସମୟରେ ଶବ ଭାସୁଥିବା ଦେଖି ଥିଲେ ଓ ଉମରକୋଟ ପୋଲିସ କୁ ଖବର ଦେଇଥିଲେ କିଏ ଓ କାହିଁକି ନବଜାତ ର ଶରୀର ଏହିଠାରେ ଫୋପାଡିଛି ଆଲୋଚନା ଜୋର ଧରିଛି, ପୋଲିସ ଘଟଣା ସ୍ଥଳରେ ପହଁଛି ନବଜାତକ ର ଶବ ଜବତ କରି ବ୍ୟବଛେଦ ପାଇଁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ସ୍ଥାନୀୟ ଲୋକଙ୍କୁ ଅଧିକା ତଦନ୍ତ କରୁଛନ୍ତି। ମୃତ ଶିଶୁ କୁ କେହି ପାଣିରେ ଫୋପାଡ଼ି ଦେଇଛି କି ନବଜାତ ଶିଶୁ ଜନ୍ମ ହେବା ପରେ ଏହି ଠାରେ ଆଣି ପାଣିରେ ବୁଡାଇ ହତ୍ୟା କରିଛି ତାହାର ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି।

### ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା

## ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ଗୁରୁତ୍ୱ ଦେଲେ ଅରୁଣ

- ନୟାଗଡ଼ ରେ ଖୁବଶୀଘ୍ର ଉପଲବ୍ଧ ହେବ ଆଇସିୟୁ ବ୍ୟବସ୍ଥା
- ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଡ ଇଞ୍ଜିନିୟରଙ୍କୁ କଡ଼ା ତାଗିଦ୍
- ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଜମି ପଟ୍ଟା ଯୋଗାଇବାକୁ ପରାମର୍ଶ



**ନୟାଗଡ଼, ୧୪।୫ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପରିଷଦର 'ସୃଜନ' ସମ୍ମିଳନୀ କକ୍ଷରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସ୍ୱାଗତ ଭାଷଣ ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଧାର, ଡିଏସ୍ପି ଡୋମେନ ଚରଣ ଟୁଡୁ, ଜିଲ୍ଲା ଯୋଜନା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଡ଼ ସାହୁ ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ସମସ୍ୟା ଏବଂ ଭିତ୍ତିଭୂମୀ ସମ୍ପର୍କରେ ପଚାରି ବୁଝିଥିଲେ। କେତେ ଡାକ୍ତର ଆବଶ୍ୟକ ଅଛି ତାହାର ଏକ ତାଲିକା ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ପଠାଇବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ଆଇସିୟୁ କାର୍ଯ୍ୟକ୍ଷମ ସମ୍ପର୍କରେ ଆଲୋଚନା କରିବା ସହ ଏହାର କାରଣକୁ ନେଇ ଖୋଳତାଡ଼ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସ୍ଥାନରେ ଚାଲିଥିବା ଭିତ୍ତିଭୂମୀ ନିର୍ମାଣ କାର୍ଯ୍ୟରେ ଆସିଷ୍ଟାଣ୍ଡ ଇଞ୍ଜିନିୟର କାମ ଦେଖୁନଥିବା ଏବଂ କାମ ତ୍ୱରାନ୍ୱିତ ହେଉନଥିବା ବିଧାୟକ ମତ ଦେଇଥିଲେ। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଜମି ପଟ୍ଟା ସମସ୍ୟା ସମ୍ପର୍କରେ ପଚାରିବା ସହ ତୁରନ୍ତ ସେ ସବୁ ସମାଧାନ କରିବାକୁ କହିଥିଲେ। ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଜମିକୁ ମହାବିଦ୍ୟାଳୟ ନାମରେ କରିବା ଉପରେ ଓଡ଼ଗାଁ ତହସିଲଦାର ଓ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୃଷି ବିଭାଗ ସମୀକ୍ଷା କରି ପିଏମ୍ କିଷାନ୍ ଓ ସିଏମ୍ କିଷାନ ହିତାଧିକାରୀଙ୍କ ସଂଖ୍ୟାରେ ରହିଥିବା ଫରକ କାରଣ ପଚାରିଥିଲେ। ଅନେକ ଚାଷୀ ସିଏମ କିଷାନ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ପିଏମ୍ କିଷାନରୁ ବଞ୍ଚିତ ହେଉଥିବା ସମୀକ୍ଷାରେ ଜଣାପଡ଼ିଥିଲା। ଏଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମେଗା ଫାର୍ମ ପାଇଁ ତିନିବର୍ଷ ତଳୁ ୩ କୋଟି ଟଙ୍କା କୃଷି ବିଭାଗ ଅଧିନରେ ପଡ଼ି ରହିଥିବାରୁ ଏହାକୁ କାର୍ଯ୍ୟକାରି କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିଆରସିଏସ ଜିଲ୍ଲାର ଧାନ ମଣ୍ଡି ଏବଂ ପ୍ୟାକ୍ସ ଗୁଡ଼ିକର ଭିତ୍ତିଭୂମୀ ସମ୍ପର୍କରେ ସୂଚନା ଦେଇଥିଲେ। ଯୋଗାଣ ଅଧିକାରୀ ଜିଲ୍ଲାରେ ଧାନକିଣାରେ ବୃଦ୍ଧି ଘଟିଥିବା କହିଥିଲେ। ମତ୍ସ୍ୟ ବିଭାଗରେ ମାଛଚାଷ ସମସ୍ୟା ଏବଂ ତାହାର ଉତ୍ପାଦନ ହ୍ରାସ ନେଇ ବିଧାୟକ ଉଦବେଗ ପ୍ରକାଶ କରିଥିଲେ। ପ୍ରାଣୀ ଚିକିତ୍ସା ବିଭାଗର ଗାଈ, ଘୁଷୁରି, ଛେଳି, ଠେକୁଆ ଚାଷ ସମ୍ପର୍କରେ ଆଲୋଚନା ହୋଇଥିଲା।

## ଓପିଟିସିଏଲର ଜମି ଅଧିଗ୍ରହଣକୁ ଦୃଢ ବିରୋଧ, ଘଟଣା ସ୍ଥଳରେ ପୁଲିସ ମୁତୟନ



**କଳିଙ୍ଗନଗର,୧୪।୫ (ସଂଚାର ବ୍ୟୁର):** ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳରେ ଜମି ଅଧିଗ୍ରହଣକୁ ନେଇ ଆଜି ସ୍ଥାନୀୟ ଲୋକଙ୍କ ଦ୍ୱାରା ବିରୋଧ ହେବାରୁ ଉତ୍ତେଜନା ହୋଇଥିବା ଦେଖିବାକୁ ମିଳିଥିଲା। ଖବର ମୁତାବକ ୧୯୯୩ ମସିହାରେ ବିଦ୍ୟୁତ ବିଭାଗର ଗ୍ରୀଡ଼କୋ କଳିଙ୍ଗନଗର ର ଗୋବରଘାଟି ଓ ଢୋଲପଥର ଅଞ୍ଚଳରେ ଗ୍ରୀଡ଼ ସ୍ଥାପନ ପାଇଁ ୫୦ ଏକରରୁ ଉର୍ଦ୍ଧ୍ୱ ଜାଗା ଅଧିଗ୍ରହଣ କରିଥିଲା ସେତେବେଳେ ମାତ୍ର ୧୨ ଏକର ପାଖାପାଖି ଜାଗାରେ ଗ୍ରୀଡ଼ ସ୍ଥାପନ କରିଥିଲା। ବାକି ଫାଙ୍କା ଥିବା ଜମି ଗୁଡିକସ୍ଥାନୀୟ ଗୋବରଘାଟି ଓ ଢୋଲପଥର ଅଞ୍ଚଳ ବାସୀ ଦଖଲ କରି ଖେଳ ପଡ଼ିଆ, ଶ୍ମସାନ, ଘର ଆଦି ନିର୍ମାଣ କରି ବ୍ୟବହାର କରୁଥିଲେ। ଦୀର୍ଘ ତେତିଶ ବର୍ଷ ପରେ ଏବେ ଓପିଟିସିଲ ର ଏହି କାମ ସମ୍ପ୍ରସାରଣ ପାଇଁ ଜାଗା ଦରକାର ପଡ଼ିବାରୁ ସେ ଅଧିଗ୍ରହଣ କରିବା ପାଇଁ ଯିବା ବେଳେ ସ୍ଥାନୀୟ ଲୋକ ଆଉ ଜାଗା ଛାଡୁ ନାହାନ୍ତି, ବିରୋଧ କରୁଛନ୍ତି। ଆଜି ମେସିନ ଦ୍ୱାରା ଜାଗା ସଫା ହେଉଥିବା ବେଳେ ସ୍ଥାନୀୟ ଲୋକ ମାନେ କାମ ବନ୍ଦ କରିବାରୁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୁକିନ୍ଦା ତହସିଲଦାର ଙ୍କ ସମେତ କଳିଙ୍ଗନଗର ଥାନାଅଧିକାରୀ ପୋଲିସ, ଅତିରିକ୍ତ ଏସ. ପି. ଟମକା ଥାନା ଅଧିକାରିଣୀ।

## ଗାଈ ନେଇଯାଉଥିବା ଗାଡ଼ିକୁ ଅଟକାଇ ପୋଡ଼ିଦେଲେ ଯୁବକ

**ସାଲେପୁର,୧୪।୫ (ସଂଚାର ବ୍ୟୁର):** ଗତକାଲି ରାତିରେ ସାଲେପୁର ଥାନା ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତ ପଟୁଆହାଟଠାରେ କେତେକ ଯୁବକ ଗୋଟିଏ ଡାଲା ଅଟୋ ଗାଡ଼ିରେ ଯାଉଥିବା ୨ଟି ଗାଈକୁ ଅଟକାଇବା ସହ ଏକ ଗୋରୁ ଦଲାଲଙ୍କ ପଲସର ଗାଡ଼ିକୁ ପୋଡ଼ି ନଷ୍ଟ କରିଦେଇଛନ୍ତି। ଖବର ପାଇ ଜପକୁଦ ଫାଣ୍ଡି ପୁଲିସ ଓ ସାଲେପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବାବେଳେ ସାଲେପୁର ଭି.ଏ.ଏସ୍. ଗାଈ ୨ଟିକୁ ଚିକିତ୍ସା କରି ଭୀମଦାସପୁର ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଜିମା ଦେଇଥିବା ଜଣାଯାଇଛି। ଗୋରୁ ଗାଡ଼ିଟି କାହାର ଓ କିଏ ଗାଡ଼ିପୋଡ଼ିଦେଲେ ତାହା ଏପର୍ଯ୍ୟନ୍ତ ଜଣାଯାଇନଥିବାବେଳେ ଜପକୁଦ ଫାଣ୍ଡି ପୁଲିସ ଫାଣ୍ଡିରେ ୨ଜଣକୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାଯାଇଛି।



## ଡାକ୍ତରଖାନା ଉନ୍ନତିକରଣରେ ବାଧକ କିଏ




**ବୈଶିଙ୍ଗା,୧୪।୫ (ସଂଚାର ବ୍ୟୁର):** ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ସ୍ଥାପିତ ବୈଶିଙ୍ଗା ସ୍ଥିତ ଶହେ ବର୍ଷର ପୁରାତନ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ମିଳିବା ନେଇ ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଯେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୯୨୫ ମସିହାରେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଉଭୟ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସମସ୍ୟା କୁ ଦୃଷ୍ଟିରେ ରଖି ପ୍ରତିଷ୍ଠା କରାଯାଇଥିଲା ଏହି ଚିକିତ୍ସାଳୟ। ସେବେଠାରୁ ଦୀର୍ଘ ଶହେ ବର୍ଷ ଧରି ଉଭୟ ଜିଲ୍ଲାର ଆଖପାଖ ୨୦ଟି ପଞ୍ଚାୟତର ଲକ୍ଷାଧିକ ଲୋକଙ୍କ ଜୀବନରେଖା ସାବ୍ୟସ୍ତ ହୋଇଆସୁଛି ଏହି ଶତାୟୁ ଚିକିତ୍ସାଳୟ। ମାତ୍ର ଦେଶ ସ୍ୱାଧୀନତା ସମୟରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ସହ ଓଡ଼ିଶାର ମିଶ୍ରଣ ହେବାପରେ ଏହି ଡାକ୍ତରଖାନାକୁ ଲଗାତର ଉପେକ୍ଷା କରାଯାଉଥିବାରୁ ଡାକ୍ତରଖାନାର 'ସ୍ୱାସ୍ଥ୍ୟ ଅବସ୍ଥା' ଦିନ କୁ ଦିନ ବିଗିଡି ଯାଉଥିବା ଅଭିଯୋଗ କରି ଗତ ୨୦୨୩ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ଠାରୁ ୧୨ ଦିନ ଧରି ଅହୋରାତ୍ର ଗଣଧାରଣା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାଲିଥିଲା।

# ଗାଁ ଅର୍ଥନୀତିର ମେରୁଦଣ୍ଡ ସାପ୍ତାହିକ ହାଟ

- ମଲ, ଅନଲାଇନ ଯୁଗରେ ବି ପଛରେ ପଡ଼ିନି
- ହାତ ପାଆନ୍ତାରେ ମିଳୁଛି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ



**କାକଟପୁର/ଅସ୍ତରଙ୍ଗ ,୧୪।୫ (ସଂଚାର ବ୍ୟୁର):** ସ୍ମାର୍ଟ ଯୁଗରେ ବି କମିନି ଗାଁ ହାଟର ଚାହିଦା। ଲୋକେ ମଲରୁ କିମ୍ବା ଅନଲାଇନିରୁ ସପିଙ୍ଗ ଠାରୁ ଆହୁରି ସୁବିଧାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସାପ୍ତାହିକ ହାଟରୁ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଯାଉଛନ୍ତି। ଏଥି ପାଇଁ ବେଶୀ ବାଟ ବି ସେମାନଙ୍କୁ ଯିବାକୁ ପଡୁନି। ଲୋକଙ୍କ କର୍ମମୟ ଜୀବନକୁ ଲକ୍ଷ୍ୟ କରି ଏହି ହାଟ ବସୁଛି। ଆଉ ହାଟ ଉପରେ ନିର୍ଭର କରି ଅନେକ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ସାପ୍ତାହିକ ହାଟ ମଙ୍ଗଳବାର ଓ ଶନିବାର ହେଉଥିବା ବେଳେ ଲୋକ ମାନେ ଘରକୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କିଣି ନେଇଥାନ୍ତି। ଖାଲି ଏତିକି ନୁହେଁ ଗାଁ ଲୋକେ ନିଜ ବିଲ ବାଡିରୁ ଉତ୍ପାଦନ କରୁଥିବା ସାମଗ୍ରୀ ଅସ୍ତରଙ୍ଗ ହାଟରେ ବସି ବିକ୍ରି କରୁଥିବାରୁ ଅନେକ ଚାଷୀ ଙ୍କୁ ଶାଗ ମାଛ ଦରରେ ବେପାରୀ ଙ୍କୁ ବିକ୍ରି କରିବାକୁ ପଡୁନି। ଏହା ଦ୍ୱାରା ଗାଁ ଅର୍ଥନୀତି ବି ସୁଦୃଢ଼ ହେଉଛି। ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ସମେତ ଆଖ ପାଖ ବ୍ଲକର ଲୋକ ମଧ୍ୟ ଏହି ହାଟ ଉପରେ ନିର୍ଭର କରିଥାନ୍ତି। ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ସାପ୍ତାହିକ ହାଟରେ ସ୍ଥାନୀୟ ଅଞ୍ଚଳ ଯେପରିକି ବେଗୁନିଆବସ୍ତ, ଓସ୍ତପୁର, ବେଣୀପୁର, ଖଣ୍ଡାସାହି, ଝାରିଆ, ସମେତ ବିଭିନ୍ନ ଗ୍ରାମରେ ପନିପରିବା ଫସଲ କରାଯାଉଥିବା ବେଳେ ଉତ୍ପାଦିତ ସାମଗ୍ରୀ କୁ ଚାଷୀ ଏହି ହାଟରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହା ସହ ଏହି ହାଟ ସ୍ଥାନୀୟ ଲୋକଙ୍କ ଚାହିଦା ମେଣ୍ଟାଇବା ସହ ଭଲ ରୋଜଗାର ମାଧ୍ୟମ ସାଜୁଛି। ମୁଖ୍ୟତଃ ମଙ୍ଗଳବାର ଓ ଶନିବାର ସକାଳୁ ସକାଳୁ ପ୍ରସିଦ୍ଧ ଲାଭ କରିଥିବା ଅସ୍ତରଙ୍ଗ ଶୁଖୁଆ ହାଟ ରେ ଶୁଖୁଆ ପାଇଁ କେଉଁ ଦୂର ଦୁରାନ୍ତ ରୁ ଲୋକେ ଶୁଖୁଆ ନେବା ପାଇଁ ଆସିଥାନ୍ତି।

## ଜୟନଗରରେ ଜବରଦଖଲ ଉଚ୍ଛେଦ

**ଜୟପୁର,୧୪।୫ (ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଜବରଦଖଲ ଉଚ୍ଛେଦ କାମ ଜୋରଦାର ଚାଲିଛି। ମଙ୍ଗଳବାର ପୂର୍ବାହ୍ନରେ ପୌରସଂସ୍ଥା। ଏବଂ ପ୍ରଶାସନ ପକ୍ଷରୁ ସହରର ୧ ନମ୍ବର ୱାର୍ଡ ଜୟନଗର-ଫାମ୍ପୁଣି ରାସ୍ତା ନିଟକରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପୂର୍ବାହ୍ନରେ ଉପଜିଲ୍ଲାପାଳ ଏସସ୍ୟା ରେଡି ଙ୍କ ନିର୍ଦ୍ଦେଶକ୍ରମେ ପୌରସଂସ୍ଥା ଏବଂ ପ୍ରଶାସନ ପକ୍ଷରୁ ମିଳିତ ଭାବେ ପୁଲିସ ସହାୟତାରେ ଜୟନଗର ଛକରୁ ଭୁତନାଥ ମନ୍ଦିର ପର୍ଯ୍ୟନ୍ତ ୪ ଫୁଟିଆ ଓସାରର ରାସ୍ତା ନିର୍ମାଣ ନେଇ ଉଚ୍ଛେଦ କରାଯାଇଥିଲା। ଏହିପରି ଗତ ୧୦ଦିନ ପୂର୍ବରୁ ରାସ୍ତା ମଧ୍ୟବର୍ତ୍ତିରୁ ଉଭୟ ପଟେ ୨୦ ଫୁଟ ଲେଖାଏଁ ରାସ୍ତା ଓ ଡ୍ରେନ ନିର୍ମାଣ ନେଇ ମାପଚୁପ କରାଯାଇ ଚିହ୍ନଟ କରାଯାଇଥିଲା। ଏହିପରି ଜୟନଗର ଅଞ୍ଚଳ ଲୋକେ ଗତ ଏକ ସପ୍ତାହ ପୂର୍ବରୁ ଜବରଦଖଲ ଅଞ୍ଚଳ ନିଜ ପକ୍ଷରୁ ଭଙ୍ଗା କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ ଜୟନଗର ଅଞ୍ଚଳରେ ମାପଚୂପ କରିବା ପରେ ଅଧିକାଂଶ ଟାର୍ଗେଟରେ ଜିଲ୍ଲା କୋର୍ଟ ରାସ୍ତା ଜବରଦଖଲରେ ରହିଥିବା ଘରଗୁଡ଼ିକୁ ନିଜ ପକ୍ଷରୁ ଭାଙ୍ଗିବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ଜୟପୁରସ୍ଥିତ ଜିଲ୍ଲା କୋର୍ଟ ରାସ୍ତା ଉଭୟ ପାର୍ଶ୍ୱରେ ରହିଥିବା ଜବରଦଖଲ ଘରଗୁଡ଼ିକ ମାପଚୂପ ଶେଷ ହୋଇଥିବା ବେଳେ ଅତିଶୀଘ୍ର ଏହି ଅଞ୍ଚଳରେ ମଧ୍ୟ ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ ଉଚ୍ଛେଦ ଏବଂ ଜବରଦଖଲକାରୀଙ୍କ ଘରଗୁଡ଼ିକ ଭାଙ୍ଗିବା ଆରମ୍ଭ କରାଯିବ। ପ୍ରଶାସନର ଓ ପୌରସଂସ୍ଥାର ଏହିପରି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସହରବାସୀ ପ୍ରଶଂସା କରୁଛନ୍ତି। ଜବରଦଖଲ ଉଚ୍ଛେଦ ବେଳେ ଜୟପୁର ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ପୌର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, ରାଜସ୍ୱ ପରିଦର୍ଶକ ହରିହର ଶତପଥୀ, ଗୃହନିର୍ମାଣ ବିଭାଗର ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସଂଚାର THE SANCHAR

'ଅପରେସନ୍ ସିନ୍ଦୂର' ପାଇଁ ସେନାକୁ ବଧେଇ

# ତ୍ରିରଙ୍ଗା ଯାତ୍ରାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଆତଙ୍କବାଦବିରୋଧୀ ଅଭିଯାନ 'ଅପରେସନ୍ ସିନ୍ଦୂର'ର ସଫଳତା ପରିପ୍ରେକ୍ଷୀରେ ଦେଶର ସେନାବାହିନୀଙ୍କୁ ଅପୂର୍ବ ସାହସିକତାର ବଧେଇ ଦେବା ସକାଶେ ଆଜି ରାଜ୍ୟରେ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଛି। ଆଜି ପ୍ରାତଃ ସମୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି।

ଏହି ବାଇକ୍ ତ୍ରିରଙ୍ଗା ଯାତ୍ରା କଳିଙ୍ଗ ଷ୍ଟାଡିଅମଠାରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯାଇଥିବା ବେଳେ ଏଥିରେ ପୁଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଓ ସାଧାରଣ ଜନତା ତ୍ରିରଙ୍ଗା ଧରି 'ବନ୍ଦେ ମାତରଂ' ଗାଇ ଗାଇ ସହର ପରିକ୍ରମା କରିଥିଲେ।

**ଶତ୍ରୁକୁ କଡ଼ା ଜବାବ ଦେବାକୁ ସେନା ପ୍ରସ୍ତୁତ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଆଜିର ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହୋଇପାରିବ ନାହିଁ। ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣୀତ କରିଆସିଥିବା ବେଳେ ଆମ ଜାତୀୟ ପତାକା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ। ଗତବର୍ଷ ଅଗଷ୍ଟ ୧୪ରେ ମଧ୍ୟ ତ୍ରିରଙ୍ଗା ଯାତ୍ରାରେ ମୁଁ ଯୋଗ ଦେଇଥିଲି। ସମସ୍ତଙ୍କ ଭିତରେ ଥିବା ଅଭୂତପୂର୍ବ ଉତ୍ସାହକୁ ଦେଖି ମୁଁ ନିଜେ ଖୁବ୍ ଉତ୍ସାହିତ ହୋଇଥିଲି। ଆଜି ମଧ୍ୟ ଠିକ୍ ସେହିଭଳି ପରିସ୍ଥିତି ରହିଛି। 'ଅପରେସନ୍ ସିନ୍ଦୂର'ର ସଫଳତା ଆମ ମା' ଓ ଭଉଣୀମାନଙ୍କ ସଂକଳ୍ପର ସଫଳତା। ଆମ ସେନାବାହିନୀର ବୀର ଯବାନମାନେ ସିନ୍ଦୂରର ମର୍ଯ୍ୟାଦା ରକ୍ଷିଛନ୍ତି। ସେଥିପାଇଁ ମୁଁ ଦେଶର ବୀର ଯବାନଙ୍କୁ ପୁଣି ଥରେ ହୃଦୟରୁ କୋଟି କୋଟି ଧନ୍ୟବାଦ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ଆହୁରି ମଧ୍ୟ କହିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସବୁ ଭାରତୀୟ ନିରାପଦରେ କାଳାତିପାତ କରିପାରୁଛୁ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷିତ ଭାବେ ଜୀବନଯାପନ କରିବା ସକାଶେ ଦେଶ ସଶକ୍ତ ହେବା ଜରୁରୀ। ଆବଶ୍ୟକ ପଡ଼ିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ୍ୟ ଜରୁରୀ ଓ ପ୍ରଧାନମନ୍ତ୍ରୀ ଏହାକୁ 'ଅପରେଶନ ସିନ୍ଦୂର' ମାଧ୍ୟମରେ ପ୍ରମାଣିତ କରି ଦେଖାଇଛନ୍ତି। ପରମାଣୁ ଶକ୍ତିର ବ୍ଲାକ୍‌ମେଲିଂକୁ ଭାରତ ଭ୍ରୂକ୍ଷେପ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଚେତାବନୀ ଆଜି ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି। ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ୍ ଜବାବ ଦେବା ପାଇଁ ଆମ ସେନାବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ଅସିତ୍ ମହାପାତ୍ର ଓରେରା ଅଧ୍ୟକ୍ଷ



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟାରୀ ଅଥରିଟି (ଓରେରା) ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇଆରଏସ୍ ଅଫିସର ଅସିତ୍ କୁମାର ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି। ତାଙ୍କ ବ୍ୟତୀତ ଆଉ ଦୁଇ ଜଣ ରାଜେନ୍ଦ୍ର ମିଶ୍ର ଓ ଶ୍ୟାମସୁନ୍ଦର ଦାଶଙ୍କୁ ଓରେରା ସଦସ୍ୟ ଭାବେ ମଧ୍ୟ ଅବସ୍ଥାପିତ କରାଯାଇଛି। ଗତ କିଛିଦିନ ଧରି ଓରେରାରେ ଅଧ୍ୟକ୍ଷ ଓ ସଦସ୍ୟ ପଦଗୁଡ଼ିକ ଖାଲି ପଡ଼ିଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀଙ୍କୁ ଦୁଇ ଦିନ ତଳେ ଓରେରାର ଅସ୍ଥାୟୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଥିଲା।

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭାରତୀୟ ରାଜସ୍ୱ ସେବାର ଅବସରପ୍ରାପ୍ତ ଅଫିସର ଅସିତ୍ କୁମାର ମହାପାତ୍ରଙ୍କୁ ଓରେରା ଅଧ୍ୟକ୍ଷ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେ ରାଉରକେଲା ଏନଆଇଟିରୁ ୧୯୮୬ରେ ଇଞ୍ଜିନିୟରିଂ ଶିକ୍ଷା ସମାପ୍ତ ପରେ ୧୯୯୧ ଅଗଷ୍ଟରେ ଆୟ କର ବିଭାଗର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ବିଶାଖାପାଟଣା ସମେତ ବିଭିନ୍ନ ସ୍ଥାନରେ ମୁଖ୍ୟ ଆୟ କର କମିଶନର ଭାବେ କାର୍ଯ୍ୟ କରିଛନ୍ତି। ଭୁବନେଶ୍ୱରରେ ଆୟ କର କମିଶନର (ଟିଡିଏସ) ଭାବେ ମଧ୍ୟ କିଛିଦିନ କାର୍ଯ୍ୟ କରିଥିବା ଜଣାପଡ଼ିଛି।

ଅବସରପ୍ରାପ୍ତ ଆଇଏଫଏସ୍ ସିଦ୍ଧାନ୍ତ ଦାସ ଓରେରା ଅଧ୍ୟକ୍ଷ ପଦରୁ ଗତ ଫେବୃଆରୀ ୨୮ରେ ଇସ୍ତଫା ଦେବା ପରେ ସଦସ୍ୟ ଗୋପାଳ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଉଥିଲେ। ମାତ୍ର ସେ ଗତ ୯ ତାରିଖରେ ଅବସର ଗ୍ରହଣ କରିବା ପରେ ଏହି ପଦଟି ଖାଲି ପଡ଼ିଥିଲା। ସେହିପରି ଓରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ମଧ୍ୟ ଗତ ୨ ତାରିଖରେ ଅବସର ନେଇଥିଲେ। ଓରୋରାର ଉଭୟ ଜୁଡିସିଆଲ ଓ ପ୍ରଶାସନିକ ସଦସ୍ୟ ପଦବୀ ଖାଲି ପଡ଼ିଥିଲା। ଏବେ ଏହି ଦୁଇ ସଦସ୍ୟ ପଦବୀରେ ଶ୍ରୀ ମିଶ୍ର ଓ ଶ୍ରୀ ଦାଶଙ୍କୁ ନିଯୁକ୍ତି ମିଳିଛି। ଓରେରା ଅଧ୍ୟକ୍ଷ ଓ ସଦସ୍ୟ ନଥିବାରୁ ରିୟଲ ଇଷ୍ଟେଟ୍ ସହ ଜଡ଼ିତ ମାମଲା ଓ ଘର-ଫ୍ଲାଟ କିଣା ଆଦି ସଂକ୍ରାନ୍ତ ଅଭିଯୋଗ, ରିୟଲ ଇଷ୍ଟେଟ ପ୍ରକଳ୍ପ ପଞ୍ଜିକରଣ ଓ ଅନ୍ୟାନ୍ୟ ଅଡିଟ୍ କାର୍ଯ୍ୟ ଠପ୍ ହୋଇଯାଇଥିଲା।

## ଖୁବ୍‌ଶୀଘ୍ର ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ

**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଖୁବଶୀଘ୍ର ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ। ପରୀକ୍ଷା ଫଳ ପ୍ରକାଶ ସକାଶେ ସମସ୍ତ ପ୍ରକ୍ରିୟା ଚାଲିଛି ଓ ଖୁବ୍‌ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସିଏଚଏସଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଗତ ଫେବୃଆରୀ ୧୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ଯାଏଁ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପାଖାପାଖି ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। କଳାରେ ସର୍ବାଧିକ ୨ ଲକ୍ଷ ୪୭ ହଜାର ୩୯୧ ଜଣ, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୯୮୦ ଜଣ, ବାଣିଜ୍ୟରେ ୨୫ ହଜାର ୫୨୬ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୭୨୧ ଜଣ ପରୀକ୍ଷା ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀଙ୍କ ସହ 'ସର୍ଭୋଟେକ୍'ର ଆଲୋଚନା

## ଇଭି ଷ୍ଟେସନ ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆଜି ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ପରିଗଣିତ ହୋଇପାରିଛି। ଏଥିରେ ଓଡ଼ିଶାର ମଧ୍ୟ ଯୋଗଦାନ କିଛି କମ୍ ନୁହେଁ। ବିକଶିତ ଓଡ଼ିଶା ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ପ୍ରଥମେ ଆମକୁ ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ବ୍ୟବହାରରେ ବୃଦ୍ଧି କରିବାକୁ ହେବ। ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବସିଡି ଜରିଆରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଇବା ସହ ସାରା ଓଡ଼ିଶାରେ ବିଦ୍ୟୁତଚାଳିତ ଯାନର ଚାର୍ଜିଂ ପାଇଁ ଇଭି ଷ୍ଟେସନ ନିର୍ମାଣ ସକାଶେ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଏଥିପାଇଁ ଖୁବ୍‌ଶୀଘ୍ର ରାଜ୍ୟ ସରକାର ଇଭି ପଲିସି ଆଣିବେ ବୋଲି ଆଜି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି।

ଆଜି ଶ୍ରୀ ସିଂହଦେଓଙ୍କୁ ସର୍ଭୋଟେକ ନାମକ ସଂସ୍ଥା ସହ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୌରଚାଳିତ ବିଦ୍ୟୁତ ଉତ୍ପାଦନ ଓ ରାଜ୍ୟରେ ଇଭି ଷ୍ଟେସନ ନିର୍ମାଣ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଅବସରରେ ଉକ୍ତ ସଂସ୍ଥା ପକ୍ଷରୁ ଏକ ଉପସ୍ଥାପନା (ପ୍ରେଜେଣ୍ଟେସନ୍) ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମି ବେଶ୍ ସଶକ୍ତ ରହିଛି। ଦେଶର ପ୍ରମୁଖ ୧୦ଟି ବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ଓଡ଼ିଶାର ୩ଟି କମ୍ପାନୀ ସାମିଲ୍ ରହିଛି। ଏହାଛଡ଼ା ରାଜ୍ୟର ବିଦ୍ୟୁତ ପରିଚାଳନା ମଡେଲକୁ ଆପଣେଇବା ପାଇଁ ଉତ୍ତରପ୍ରଦେଶ ମଧ୍ୟ ଆଗ୍ରହ ପ୍ରକାଶ କରିବା ସହ ପ୍ରତିନିଧିଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ଉକ୍ତ କମ୍ପାନୀର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ।

ଏହି ସମନ୍ୱିତ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର, ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ସର୍ଭୋଟେକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରମଣ ଭାଟିଆ, ନୀତିନ ପେରେଇରା, ଶକ୍ତି ବିଭାଗ, ଗ୍ରୀଡକୋ, ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶାକୁ ନାହିଁ ବାତ୍ୟା ଭୟ

**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଏବେ ଓଡ଼ିଶାକୁ ନାହିଁ ବାତ୍ୟା ଭୟ। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ଓଡ଼ିଶାରେ ଏବେ କୌଣସି ପ୍ରକାର ବାତ୍ୟା ହେବା ନେଇ ସମ୍ଭାବନା ନାହିଁ। ମେ' ମାସରେ ପୁଣି ଏକ ବାତ୍ୟା ଆସୁଥିବା ନେଇ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜନସାଧାରଣ ଭୟଭୀତ ହୋଇପଡ଼ିଥିଲେ। ତେଣୁ ଏପରି ସୂଚନାରେ କେହି ବି ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ମଧ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆସନ୍ତା ୨୩ରୁ ୨୮ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବା ନେଇ ନିକଟରେ କେତେକ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ଏମିତିକି ଆସୁଥିବା ବାତ୍ୟାର ନାଁ 'ଶକ୍ତି' ରଖାଯିବାକୁ ମଧ୍ୟ ସ୍ଥିର ହୋଇସାରିଥିବା ଉକ୍ତ ଖବରରେ ପ୍ରକାଶ କରାଯାଇଥିଲା। କିନ୍ତୁ ଏପରି ଖବରରେ କୌଣସି ସତ୍ୟତା ନାହିଁ ବୋଲି ଆଇଏମ୍‌ଡି ଆଜି ସ୍ପଷ୍ଟ କରିଛି। ଏପଟେ ରାଜ୍ୟରେ କଲବଲ କରୁଛି ତାତି, ଆଜି ତାଣ୍ଡବ ରଚିବ କାଳବୈଶାଖୀ। ଆଜି ଅଧାରୁ ଅଧିକ ଓଡ଼ିଶାରେ କାଳବୈଶାଖୀର ସମ୍ଭାବନା ରହିଛି। ଏନେଇ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କେନ୍ଦ୍ରାପଡ଼ା, ଯାଜପୁର, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ୨୦ ଜିଲ୍ଲାକୁ କାଳବୈଶାଖୀ ସତର୍କତା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି।

## ବରଯାତ୍ରୀ ଗାଡ଼ି ଧକ୍କାରେ ବୃଦ୍ଧବୃଦ୍ଧା ମୃତ

**ଶୂଳିଆପଦା,୧୪।୫(ସଂଚାର ବ୍ୟୁରୋ):** ବରଯାତ୍ରୀ ଗାଡ଼ି ଧକ୍କାରେ ସାଇକେଲରେ ଯାଉଥିବା ବୃଦ୍ଧବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମୟୂରଭଞ୍ଜ ଜିଲ୍ଲା ଶୂଳିଆପଦା ଥାନା ଅଧୀନସ୍ଥ ଶାଳବଣି ଗ୍ରାମର ପ୍ରତାପ ତୁଙ୍ଗ ଓ ତାଙ୍କ ପତ୍ନୀ ବାସମଣି। ଏନେଇ ଶୂଳିଆପଦା ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ ଶାଳବଣି ଗ୍ରାମର ପ୍ରତାପ ଓ ବାସମଣି ସାଇକେଲରେ ବାଘଡ଼ା ଆସୁଥିଲେ। ଏହି ସମୟରେ ଏକ ବାହାଘରିଆ ଗାଡ଼ି ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ ଲୋଡ଼ କରି ବାଘଡ଼ାରୁ ମୋରଡ଼ା ଆଡ଼କୁ ବେଶ୍ ଦ୍ରୁତ ଗତିରେ ଯାଉଥିଲା। ତେବେ ହଠାତ୍ ଉକ୍ତ ଗାଡ଼ିଟି ଭାରସାମ୍ୟ ହରାଇ ଡାହାଣ ପଟକୁ ମାଡ଼ିଯିବା ଫଳରେ ସାଇକେଲରେ ଆସୁଥିବା ପ୍ରତାପ ଓ ବାସମଣିଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଦୂରକୁ ଛିଟିକି ପଡ଼ିବା ସହ ରାସ୍ତା କଡ଼ରେ ଥିବା ବିଲ ମଝିରେ ପଡ଼ିଥିଲେ। ସେହିପରି ଉକ୍ତ ଟାଟା ଏସିଇ ଗାଡ଼ିଟି ମଧ୍ୟ ବିଲ ମଝିରେ ଓଲଟିପଡ଼ିଥିଲା। ପାଖରେ ଥିବା ଲୋକେ ଉଭୟ ପ୍ରତାପ ଓ ବାସମଣିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ପ୍ରତାପଙ୍କୁ ମୃତ ଘୋଷଣା କରିବା ସହ ବାସମଣିଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। କିନ୍ତୁ କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ବାସମଣିଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ସ୍ଥାନୀୟ ଶୂଳିଆପଦା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ବିଲ୍ ଦେଇନଥିଲେ ଯନ୍ତ୍ରୀ, ସମ୍ପତ୍ତି ଆଟାଚ୍ କଲେ କୋର୍ଟ

**ସମ୍ବଲପୁର,୧୪।୫(ସଂଚାର ବ୍ୟୁରୋ):** ଠିକା କାମର ବିଲ୍ ନ ଦେବାରୁ ଯନ୍ତ୍ରୀଙ୍କ ସମ୍ପତ୍ତି ଆଟାଚ କରିଛନ୍ତି କୋର୍ଟ। ସମ୍ବଲପୁର ସିନିୟର ସିଭିଲ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଉତ୍ତରାଞ୍ଚଳ ରାସ୍ତା ଓ ଗୃହ ସମ୍ବଲପୁର ମଣ୍ଡଳଙ୍କ ସମ୍ପତ୍ତି ଆଟାଚ୍ କରାଯାଇଛି। କଲେଜ ହଷ୍ଟେଲ ନିର୍ମାଣ ବିଲ୍ ନ ଦେବାରୁ ଉକ୍ତ କାମ କରିଥିବା ଠିକାଦାର ଏକ ମାମଲା ରୁଜୁ କରିଥିଲେ। ବରଗଡ଼ ଟୁକୁର୍ଲା ପଲିଟେକନିକ କଲେଜର ମହିଳା ହଷ୍ଟେଲ କାର୍ଯ୍ୟ ଉକ୍ତ ଠିକାଦାର କରିଥିଲେ। ତେବେ ଗତ ୨୦୧୧ରେ ଉକ୍ତ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ୪ ବର୍ଷ ପରେ ବି ବିଲ୍ ପାଇନଥିଲେ। ତେଣୁ ୨୦୧୫ରେ ଉକ୍ତ ଠିକାଦାର ଜଣଙ୍କ ଏକ ମାମଲା ରୁଜୁ କରିଥିଲେ। ଠିକାଦାର ଜଣଙ୍କ ଦୁଇଟି ବିଲ୍ ବାବଦରେ ଯଥାକ୍ରମେ ୭୦ ଲକ୍ଷ ଓ ୧୮ ଲକ୍ଷ ଟଙ୍କା ପାଇବାର ଥିଲା। ତେବେ କୋର୍ଟ ଏନେଇ ଠିକାଦାରଙ୍କ ସପକ୍ଷରେ ରାୟ ଦେବା ସହ ନିର୍ମାଣ ଯନ୍ତ୍ରୀଙ୍କ ସମ୍ପତ୍ତି ଆଟାଚ୍ କରାଯିବା ସକାଶେ ନିର୍ଦ୍ଦେଶ ଦେଇଥିଲେ।

## ନରେନ୍ଦ୍ର ପୋଖରୀରେ ବୁଡି ଯୁବକ ମୃତ

**ପୁରୀ,୧୪।୫(ସଂଚାର ବ୍ୟୁରୋ):** ସମ୍ପ୍ରତି ପୁରୀରେ ଚନ୍ଦନ ଯାତ୍ରା ଜାରି ରହିଥିବା ବେଳେ ନରେନ୍ଦ୍ର ପୋଖରୀରେ ଘଟିଯାଇଛି ଏକ ବଡ଼ ଅଘଟଣ। ପୋଖରୀରେ ବୁଡି ଜନୈକ ଯୁବକ ପ୍ରାଣ ହରାଇଛନ୍ତି। ଉକ୍ତ ଯୁବକ ଜଣଙ୍କ ପାଣିରେ ବୁଡି ଯିବା ପରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଚନ୍ଦନ ଯାତ୍ରା ପାଇଁ ଚାପ ଖେଳକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୋଖରୀ ନିକଟରେ ଓଡ୍ରାଫ ଟିମ ମହଜୁଦ ଥିଲେ ମଧ୍ୟ ଯୁବକ ଜଣଙ୍କ କିଭଳି ବୁଡ଼ି ପ୍ରାଣ ହରାଇଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଉଲ୍ଲେଖଯୋଗ୍ୟ ଯେ ୨ ବର୍ଷ ତଳେ ଚାପ ଖେଳରେ ବାଣ ଫୁଟିବା କାରଣରୁ ଏକାଧିକ ମୃତ୍ୟୁବରଣ କରିଥିବା ବେଳେ ୧୫ରୁ ଅଧିକ ଆହତ ହୋଇଥିଲେ। ଏହି କାରଣରୁ ଚଳିତ ବର୍ଷର ଚାପ ଖେଳ ସମୟରେ କୌଣସି ପ୍ରକାର ଆତସବାଜି କାର୍ଯ୍ୟକ୍ରମ ଉପରେ ରୋକ ଲଗାଯାଇଛି।

## କେନାଲରେ ବୁଡି ୨ ଭାଇ ମୃତ

**ଢେଙ୍କାନାଳ,୧୪।୫ (ସଂଚାର ବ୍ୟୁରୋ) :** ଢେଙ୍କାନାଳ ସଦର ଥାନା ଅଉଖମା ଗାଁରେ କେନାଲରେ ବୁଡି ୨ ଭାଇଙ୍କର ମୃତ୍ୟୁ ହୋଇଛି । ମୃତ ୨ ଭାଇ ହେଲେ ରୁଦ୍ରନାରାୟଣ ସାହୁ (୧୯) ଓ ଅଂଶୁମାନ ସାହୁ (୧୪) । ବୁଧବାର ଅପରାହ୍ଣରେ ମନୋରଞ୍ଜନ ସାହୁଙ୍କ ବଡପୁଅ ରୁଦ୍ରନାରାୟଣ ସାହୁ (ଓମ୍ ) ଓ ସାନ ପୁଅ ଅଂଶୁମାନ ସାହୁ (ସୋମ୍) ଗ୍ରାମ ନିକଟ ରାଇଡିହ ରେଙ୍ଗାଲି କେନାଲ ଯାଇଥିଲେ । ସାନ ଭାଇ ସୋମ୍ ଗାଧୋଉଥିବା ବେଳେ ବୁଡିଯାଇଥିଲେ। ସାନ ବୁଡି ଯାଉଥିବା ଦେଖି କେନାଲ ହୁଡାରେ ବସିଥିବା ବଡଭାଇ ଉଦ୍ଧାର କରିବାକୁ ଯାଇ ନିଜେ ମଧ୍ୟ ବୁଡିଯାଇଥିଲା। ଖବରପାଇ ଗ୍ରାମବାସୀ ଖୋଜାଖୋଜି କରି ଉଦ୍ଧାର କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଭାଇଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବିପିଏନଏସଆଇ ପକ୍ଷରୁ ଦୁଇଦିନିଆ କର୍ମଶାଳା



**ଜଗତସିଂହପୁର/ପାରାଦ୍ୱୀପ, ୧୪।୫ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍ଏସ୍ଆଇ) ଆଜିଠାରୁ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଲିମିଟେଡ୍, ପାରାଦୀପ, ଓଡ଼ିଶାର କାର୍ଯ୍ୟରତ ବୃତ୍ତିଗତଙ୍କ ପାଇଁ ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ୍ (୩ପି) ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ଆୟୋଜନ କରିଛି। ଏହି କର୍ମଶାଳାରେ ଖଣିଜ ପ୍ରକ୍ରିୟାକରଣ, ଶକ୍ତି ପରିସ୍ଥିତି ଏବଂ ବିଆଇଏସ୍ ଓ ଏଚ୍ଏସ୍ କୋଡ୍ ସମେତ ପ୍ରମୁଖ ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଛି। ଏଥିରେ ଯୋଗଦେଇଥିବା ବିଶେଷଜ୍ଞ ବକ୍ତାମାନେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନର ଆୟୋଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଇଆଇଟିର ସହାୟକ ପ୍ରଫେସର ଡକ୍ଟର ଶାନ୍ତନୁ ମଣ୍ଡଳ ଓ ବିପିଏନ୍ଏସ୍ଆଇର ଯୁବ ବୃତ୍ତିଗତ ଶାଶ୍ୱତୀ ମହାନ୍ତି ଖଣିଜ ପ୍ରକ୍ରିୟାକରଣ ବିଷୟରେ ଆଲୋଚନା କରିଥିଲେ। ସେହିପରି ବିପିଏନ୍ଏସ୍ଆଇର ବରିଷ୍ଠ ସହାୟକ ପ୍ରଫେସର ପ୍ରଫେସର ସତ୍ୟପ୍ରିୟ ଶତପଥୀ ଶକ୍ତି ପରିସ୍ଥିତି, ଜଳବାୟୁ ପରିବର୍ତ୍ତନ ଓ ଡିକାର୍ବୋନାଇଜେସନ ଉପରେ ଏକ ଆକର୍ଷଣୀୟ ଅଧିବେଶନର ନେତୃତ୍ୱ ନେଇଥିଲେ। ତା'ଛଡ଼ା ଭୁବନେଶ୍ୱର ବିଆଇଏସ୍ ଆଞ୍ଚଳିକ କାର୍ଯ୍ୟାଳୟର ବୈଜ୍ଞାନିକ ଦୀପକ କୁମାର ପାତ୍ର ବିଆଇଏସ୍ ଓ ଏଚ୍ଏସ୍ କୋଡ୍ ବିଷୟରେ ସାରାଂଶ ପ୍ରଦାନ କରିଥିଲେ।

## ଅପହୃତ ଶିଶୁ ଉଦ୍ଧାର, ଧରମ ମାମୁ ଗିରଫ



**ଭୁବନେଶ୍ୱର,୧୪।୫(ସଂଚାର ବ୍ୟୁରୋ):** ଶିଶୁପୁତ୍ରକୁ ଅପହରଣ କରିବା ଅଭିଯୋଗରେ ଧରମ ମାମୁକୁ ଗିରଫ କରିଛି ପୁଲିସ୍। ଅପହରଣର ୩ ଘଣ୍ଟା ଭିତରେ ଶିଶୁପୁତ୍ରକୁ ଭୁବନେଶ୍ୱର ସାଲିଆସାହିରୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଭୋଇ ନଗରରୁ ଉକ୍ତ ଶିଶୁପୁତ୍ରଟିକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ୪ ବର୍ଷର ଶିଶୁପୁତ୍ର ଘର ବାହାରେ ଖେଳୁଥିବା ସମୟରେ ତାକୁ ଧରମ ମାମୁ ଅପହରଣ କରିନେଇଥିଲା। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅଭିଷେକ ଦିଗଲ ଓରଫ ସୋନୁ। ବେଙ୍ଗାଲୁରୁରେ ଅଭିଯୁକ୍ତ ସହ ଶିଶୁର ବାପାମା'ଙ୍କ ପରିଚୟ ହୋଇଥିଲା। ଶିଶୁର ମା' ଗୋରିତା ସିଂ ଅପହର୍ତ୍ତା ସୋନୁକୁ ଧରମ ଭାଇ କରିଥିଲେ। ଗୋରିତା ଭୁବନେଶ୍ୱର ଫେରି ଆସି ଭୋଇ ନଗରରେ ରହିବା ପରେ ସୋନୁକୁ ଘରକୁ ଡାକିଥିଲେ। ତେବେ ଶିଶୁପୁତ୍ରଟି ଘର ବାହାରେ ଏକୁଟିଆ ଖେଳୁଥିବାର ସୁଯୋଗ ନେଇ ସୋନୁ ତାକୁ ଅପହରଣ କରି ଫେରାର ହୋଇଯାଇଥିଲା। ଶହୀଦ ନଗର ଥାନାରେ ଅପହରଣ ନେଇ ଗୋରିତା ଅଭିଯୋଗ କରିଥିଲେ।

# ଦାରା ମୁକ୍ତି ମାମଲା, ସମୟ ନେଲେ ସରକାର



**ଭୁବନେଶ୍ୱର, ୧୪।୫ :** ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହମ ଷ୍ଟେନ ଓ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ଜୀଅନ୍ତା ପୋଡି ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗରେ ପ୍ରାୟ ୨୫ବର୍ଷ ଧରି କାରାରୁଦ୍ଧ ଥିବା ଅପରାଧି ରବୀନ୍ଦ୍ର ପାଲ୍ ଓରଫ ଦାରା ସିଂ ମୁକ୍ତ ହେବାପାଇଁ ରାଜ୍ୟ ସରକାରଙ୍କ ନିକଟରେ ଗୁହାରି କରିବାପରେ ଏବେ ସୁପ୍ରିମ୍‌କୋର୍ଟର ଆଶ୍ରୟ ନେଇଛି । ତେବେ ପ୍ରାୟ ୧୦ମାସ ଧରି ଏହି ମାମଲା ଚାଲିଥିଲେ ମଧ୍ୟ ଦାରା ସିଂର ମୁକ୍ତି ପ୍ରସଙ୍ଗରେ ରାଜ୍ୟ ସରକାର ସମୟ ଗଡାଇ ଚାଲୁଥିବାରୁ କିଛି ନିଷ୍କର୍ସ ବାହାରି ପାରୁନାହିଁ ।

ଏଠାରେ ଉଲ୍ଲେଖନୀୟ ଯେ ୧୯୯୯ ଜାନୁଆରୀ ୨୧ତାରିଖ ରାତିରେ ଦାରା ଓ ତାହାର ସହଯୋଗୀମାନେ ଗ୍ରାହାମ ଷ୍ଟେନ ଓ ତାଙ୍କ ୧୦ବର୍ଷର ପୁଅ ଫିଲିପ୍ ସହିତ ଛଅ ବର୍ଷର ପୁଅ ତିମୋଥିଙ୍କୁ ଗାଡି ଭିତରେ ଜୀଅନ୍ତା ପୋଡି କେନ୍ଦୁଝର ଜିଲ୍ଲାର ମନୋହରପୁରରେ ହତ୍ୟା କରିଥିଲା । ଦାରା ଫେରାର ହୋଇଯାଇଥିବାବେଳେ ୨୦୦୦ ଜାନୁଆରୀରେ ଧରାପଡିଥିଲା । ତାହାର ଅନ୍ୟତମ ସହଯୋଗୀ ମନୋହରପୁରର ମହେନ୍ଦ୍ର ହେମ୍ବ୍ରମ ଓ ଆଉ ୧୩ଜଣ ପୂର୍ବରୁ ଗିରଫ ହୋଇଥିଲେ ।

ଏହି ମାମଲାରେ ଦାରାକୁ ଫାଶୀ ଦଣ୍ଡାଦେଶ ହୋଇଥିବାବେଳେ ଆଉ ୧୨ଜଣଙ୍କୁ ଭୁବନେଶ୍ୱରର ସିବିଆଇ କୋର୍ଟ ୨୦୦୩ ମସିହାରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ତେବେ ହାଇକୋର୍ଟରୁ ୧୧ଜଣ ଅଭିଯୁକ୍ତ ଆଶ୍ୱସ୍ତି ପାଇଥିବାବେଳେ ମହେନ୍ଦ୍ର ହେମ୍ବ୍ରମଙ୍କ ଆଜୀବନ କାରାଦଣ୍ଡାଦେଶ ବଳବତ୍ତର ରହିଥିଲା ଏବଂ ୨୦୦୫ ମସିହାରେ ହାଇକୋର୍ଟ ଦାରା ସିଂଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡକୁ ବଦଳାଇଥିଲେ ।

ଇତି ମଧ୍ୟରେ କାରାଗାରରେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥିବା ଯୋଗୁଁ ଜେଲ୍ କର୍ତ୍ତୃପକ୍ଷଙ୍କ ସୁପାରିଶ୍ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟି ଶ୍ରୀ ହେମ୍ବ୍ରମଙ୍କୁ କାରାମୁକ୍ତ କରିବାପାଇଁ ଯେଉଁ ସୁପାରିଶ୍ କରିଥିଲେ ତାହା ଗତ ଏପ୍ରିଲ୍ ମାସରେ କାର୍ଯ୍ୟକାରୀ ହୋଇଛି। ତେବେ ଅନୁରୂପ ଭାବେ ତାକୁ ମୁକ୍ତି ଦେବାପାଇଁ ଦାରା ସିଂ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଏଯାବତ୍ କାରାମୁକ୍ତ ହୋଇନାହିଁ ।

ଦାରା ପକ୍ଷରୁ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଯାଇଛି ଯେ ସେ ଯୁବକ ଥିବାବେଳେ ଏଭଳି ଅପରାଧରେ ସମ୍ପୃକ୍ତ ଥିଲା । ଇତି ମଧ୍ୟରେ ପ୍ରାୟ ୨୫ବର୍ଷ ଧରି କାରାକକ୍ଷରେ ସଢ଼ି ସଢ଼ି ସେ ବାର୍ଦ୍ଧକ୍ୟରେ ପହଞ୍ଚିଛି । କୃତ କର୍ମ ପାଇଁ ସେ ମଧ୍ୟ ଅନୁତପ୍ତ । ତାହାର ଉତ୍ତମ ବ୍ୟବହାର ପ୍ରଦର୍ଶନ ଓ ଜୀବନଶୈଳୀ ଆଧାରରେ ରାଜ୍ୟ ସରକାରଙ୍କ କମିଟି ଜେଲ୍ କର୍ତ୍ତୃପକ୍ଷଙ୍କ ଠାରୁ ରିପୋର୍ଟ ଆଣି ତାକୁ ମୁକ୍ତି ଦେବା ଆବଶ୍ୟକ । ଏହି ମାମଲାରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ବାରମ୍ବାର ସମୟ ନେଉଛନ୍ତି । ଏ ସଂକ୍ରାନ୍ତୀୟ କମିଟି ଓ ବୋର୍ଡ ମଧ୍ୟ ଏଯାବତ୍ ଚୂଡାନ୍ତ ନିଷ୍ପତ୍ତି ନେଇନାହିଁ ।

ସୁପ୍ରିମକୋର୍ଟ ଏହି ମାମଲାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ବିଶେଷକରି ସିବିଆଇକୁ ଉତ୍ତର ରଖିବାପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଦାରାର ଆବେଦନ ଉପରେ କମିଟି ଚୂଡାନ୍ତ ନିଷ୍ପତ୍ତି ନେବାଲାଗି ଅଧିକ ସମୟ ଆବଶ୍ୟକ ହେଉଥିବାରୁ ଓଡିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ବାରମ୍ବାର ଅଧିକ ସମୟ ନିଆଯାଉଛି । ଯେଉଁ ଆଧାରରେ ମହେନ୍ଦ୍ର ହେମ୍ବ୍ରମକୁ ମୁକ୍ତି ମିଳିଲା ସେହି ଆଧାରରେ ଦାରାକୁ ମୁକ୍ତି ମିଳିବ ବୋଲି ତାହାର ସମର୍ଥକମାନେ ଆଶା ରଖିଥିବାବେଳେ ରାଜ୍ୟସରକାରଙ୍କପକ୍ଷରୁ କିନ୍ତୁ ସୁପ୍ରିମ୍‌କୋର୍ଟରେ ସମୟ ଗଡା ଯାଉଛି । ତେବେ ଜଣେ ବିଦେଶୀ ନାଗରିକ ଓ ତାଙ୍କର ଦୁଇ ନିରୀହ ଶିଶୁପୁତ୍ରଙ୍କୁ ଜୀଅନ୍ତା ପୋଡି ମାରିଥିବା ହତ୍ୟାକାରୀକୁ ମୁକ୍ତିଦିଆଗଲେ ତାହାର କ'ଣ ପ୍ରତିକ୍ରିୟା ସୃଷ୍ଟିହେବ ସେ ପ୍ରସଙ୍ଗରେ ବିଭିନ୍ନ ମହଲ ଦୃଷ୍ଟି ରଖିଛନ୍ତି । (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

SANCHAR ସଂଚାର




# ଷଷ୍ଠ ସେମିକଣ୍ଡକ୍ଟର ୟୁନିଟକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

**ନୂଆଦିଲ୍ଲୀ, ୧୪।୫:** ମୋଦୀ ସରକାର ଉତ୍ତର ପ୍ରଦେଶର ଜେୱାରରେ ଭାରତର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କରିଛନ୍ତି। ଏହା ଭାରତର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟ୍ ହେବ। କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ନେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ବର୍ଷ ହିଁ ଏହି ୟୁନିଟଗୁଡ଼ିକ ମଧ୍ୟରୁ ଗୋଟିଏରେ ଉତ୍ପାଦନ ଆରମ୍ଭ ହେବ। ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ଭାରତରେ ସେମିକଣ୍ଡକ୍ଟର ମିଶନ ଅଧୀନରେ ଏପର୍ଯ୍ୟନ୍ତ ୫ଟି ସେମିକଣ୍ଡକ୍ଟର ୟୁନିଟ୍ ଅନୁମୋଦନ କରାଯାଇଛି ଏବଂ ସେଠାରେ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି।' ଏହି ବର୍ଷ ହିଁ ଏହି ୟୁନିଟଗୁଡ଼ିକ ମଧ୍ୟରୁ ଗୋଟିଏରେ ଉତ୍ପାଦନ ଆରମ୍ଭ ହେବ। ଏହି ସମ୍ପର୍କରେ, ଆଉ ଏକ ସୁପର-ଏଡଭାନ୍ସଡ୍ ୟୁନିଟ୍ ଅନୁମୋଦନ କରାଯାଇଛି। ଏହା ଏଚସିଏଲ ଏବଂ ଫୋକ୍ସକନ ମଧ୍ୟରେ ଏକ ମିଳିତ ଉଦ୍ୟୋଗ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜେୱାରରେ ଭାରତର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କରିବା ଦ୍ୱାରା ୨୦୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ସେ କହିଛନ୍ତି, "ସେମିକଣ୍ଡକ୍ଟର ୟୁନିଟରେ ୩୭୦୬ କୋଟି ଟଙ୍କା ନିବେଶ କରାଯିବ। ପ୍ରତି ମାସରେ ଏଠାରେ ୩.୬



କୋଟି ଡିସପ୍ଲେ ଡ୍ରାଇଭର ଚିପ୍ସ ତିଆରି କରାଯିବ। ଏହାର ଉତ୍ପାଦନ ୨୦୨୭ ମସିହାରୁ ଆରମ୍ଭ ହେବ। ଏଚସିଏଲ ଏବଂ ଫୋକ୍ସକନ ସେମିକଣ୍ଡକ୍ଟର ପ୍ଲାଣ୍ଟରେ ପ୍ରତି ମାସରେ ୨୦,୦୦୦ ୱେଫର୍ସ ତିଆରି କରାଯିବ।"

କେନ୍ଦ୍ରମନ୍ତ୍ରୀ କହିଛନ୍ତି, "ଦେଶସାରା ଏବେ ସେମିକଣ୍ଡକ୍ଟର ଶିଳ୍ପ ରୂପ ନେଉଛି। ଦେଶର ଅନେକ ରାଜ୍ୟରେ ବିଶ୍ୱସ୍ତରୀୟ ଡିଜାଇନ୍ ସୁବିଧା ପ୍ରତିଷ୍ଠିତ ହୋଇଛି। ରାଜ୍ୟ ସରକାରଗୁଡ଼ିକ ଡିଜାଇନ୍ ଫାର୍ମଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି। ୨୭୦ଟି ଶିକ୍ଷାନୁଷ୍ଠାନ ଏବଂ ୭୦ଟି ଷ୍ଟାର୍ଟଅପ୍‌ର ଛାତ୍ର ଏବଂ ଉଦ୍ୟୋଗୀମାନେ ନୂତନ ଉତ୍ପାଦ ବିକଶିତ କରିବା ପାଇଁ ବିଶ୍ୱସ୍ତରୀୟ ସର୍ବଶେଷ ଡିଜାଇନ୍ ପ୍ରଯୁକ୍ତିବିଦ୍ୟା ଉପରେ କାମ କରୁଛନ୍ତି।" କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, "ଭାରତରେ ଲାପଟପ୍, ମୋବାଇଲ୍ ଫୋନ୍, ସର୍ଭର, ଚିକିତ୍ସା ଉପକରଣ, ପାୱାର ଇଲେକ୍ଟ୍ରୋନିକ୍ସ, ପ୍ରତିରକ୍ଷା ଉପକରଣ ଏବଂ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଉତ୍ପାଦନର ଦ୍ରୁତ ଅଭିବୃଦ୍ଧି ସହିତ, ସେମିକଣ୍ଡକ୍ଟରର ଚାହିଦା ବୃଦ୍ଧି ପାଉଛି, ଏହି ନୂତନ ୟୁନିଟ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆହୁରି ଆଗକୁ ବଢ଼ାଇବ।"



## ନିବେଶକଙ୍କ ପାଇଁ ଖୁସି ଖବର

# ଉପରମୁହାଁ ହେଉଛି ଭାରତୀୟ ସେୟାର୍ ବଜାର

ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପରେ ଭାରତୀୟ ଷ୍ଟକ୍ ବଜାରରେ ଏକ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଛି। ଗତକିଛି ମାସ ହେବ ସେୟାର ବଜାର ତଳମୁହାଁ ରହି ଆସୁଥିବା ବେଳେ ନିକଟରେ ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହେବା ପରେ ଏହି ଟ୍ରେଣ୍ଡ୍ ବଦଳୁଥିବା ନଜର ଆସୁଛି। ଗତ କିଛି ଦିନ ଲଗାତର ଭାବେ ଉପରମୁହାଁ (ଗ୍ରୀନ୍ ଜୋନ୍)ରେ ରହୁଛି ଭାରତୀୟ ଷ୍ଟକ୍ ମାର୍କେଟ୍। ସପ୍ତାହର ତୃତୀୟ କାର୍ଯ୍ୟ ଦିବସ (ୱାର୍କିଂ ଡେ) ବୁଧବାର ଦିନର କଥା ଯଦି ଦେଖିବା ତ ମାର୍କେଟର ଓପେନିଂ ଗ୍ରୀନ୍ ଜୋନ୍‌ରୁ ହୋଇଛି। ଯାହାକି ଗତ କିଛି ମାସର ନିମ୍ନଗାମୀ ବଜାର ଟ୍ରେଣ୍ଡରେ ବିରାମ ଲଗାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ୩୦ ସେୟର୍‌ଯୁକ୍ତ ସେନ୍‌ସେକ୍ସ ଖୋଲିବା ପରେ ୪୦୦ ପଏଣ୍ଟରୁ ବି ଅଧିକ ଉପରକୁ ଯାଇଛି। ସେହିପରି ନେସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍‌ର ନିଫ୍ଟି ୧୨୦ ପଏଣ୍ଟ ଚଢ଼ିକରି କାର୍ଯ୍ୟବାହୀ ଆରମ୍ଭ କରିଛି। ସେହିପରି ଟାଟା ଷ୍ଟିଲ୍‌ର ସେୟାର୍ ଲଗାତାର ଭାବେ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

# ଖୁଚୁରା ମୁଦ୍ରାସ୍ଫୀତି ୨.୫୦%କୁ ହ୍ରାସ

## ଓଡ଼ିଶା ପଞ୍ଚମ ଶସ୍ତା ବଜାର



**ଭୁବନେଶ୍ୱର, ୧୪।୫:** ଦରଦାମ୍ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶେଷ କରି ଖୁଚୁରା ବଜାର ଦରକୁ ନିୟନ୍ତ୍ରଣ କରିବାରେ ଏହା ଯଥେଷ୍ଟ ଉନ୍ନତି ଆଣିପାରିଛି। ଏକଦା ଭାରତର ସବୁଠୁ ମହଙ୍ଗା ବଜାର ଥିବା ଓଡ଼ିଶା ଏବେ ଦେଶର ପଞ୍ଚମ ଶସ୍ତା ବଜାର ଭାବେ ଉଭା ହୋଇଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ଜାରି କରିଥିବା ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଏହା କହୁଛି। ତେଲେଙ୍ଗାନା, ଦିଲ୍ଲୀ, ରାଜସ୍ଥାନ, ଝାଡ଼ଖଣ୍ଡ ପରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ସର୍ବନିମ୍ନ ସ୍ତରରେ ରହିଛି। ଚଳିତ ବର୍ଷର ଏପ୍ରିଲ୍ ମାସରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୨.୫୦ ପ୍ରତିଶତକୁ ହ୍ରାସ ପାଇଛି। ମାସକ ପୂର୍ବରୁ ତାହା ୩.୨୧ ପ୍ରତିଶତ ଥିଲା। ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଦରଦାମ୍ ସ୍ଥିତିରେ ସୁଧାର ଘଟିଛି। ଗ୍ରାମୀଣ ମୁଦ୍ରାସ୍ଫୀତି ହାର ୨.୫୭ ପ୍ରତିଶତକୁ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ୨.୨୫ ପ୍ରତିଶତକୁ ହ୍ରାସ ପାଇଛି। ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ଜାତୀୟ ହାର ୩.୧୬ ପ୍ରତିଶତଠାରୁ ମଧ୍ୟ କମ୍ ରହିଛି। ଉଭୟ ଗ୍ରାମୀଣ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ମଧ୍ୟ ଜାତୀୟ ହାରଠାରୁ ଉନ୍ନତ ରହିଛି। ଆଲୋଚ୍ୟ ମାସରେ ମାଛ, ମାଂସ, ପନିପରିବା, ଫଳ, ମସଲା, ପର୍ସନାଲ୍ କେୟାର ଓ ଶସ୍ୟ ଆଦିର ଦାମ୍ ହ୍ରାସ ପାଇଛି। ଜାତୀୟ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ୬ ବର୍ଷର ନିମ୍ନ ସ୍ତରକୁ ହ୍ରାସ ପାଇଛି।

## ଏନ୍‌ଆଇଏନ୍‌ଏଲ୍‌ର ଯାତ୍ରା

# ବିପୁଳ କ୍ଷତି ପରେ ୧୦୦୦ କୋଟି ଲାଭ

**ଭୁବନେଶ୍ୱର, ୧୪।୫:** ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ଯାତ୍ରା ଆରମ୍ଭ କରି ପ୍ରଦର୍ଶନ କରିବାରେ ବିଫଳ ହେବା ପରେ ଘରୋଇ ସଂସ୍ଥା ହାତକୁ ଯାଇଥିବା ଯାଜପୁର ଜିଲ୍ଲା କଳିଙ୍ଗନଗରର ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛି। ଟାଟା ଷ୍ଟିଲ୍ ପକ୍ଷରୁ ଜାରି କରାଯାଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳରୁ ଜଣାପଡ଼ିଛି ଯେ ଏନ୍‌ଆଇଏନ୍‌ଏଲ୍‌ର ଏବିଟ୍‌ଡା ବା ପରିଚାଳନା ଲାଭ ୧୦୦୦ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନିର କ୍ୟାସ୍ ଫ୍ଲୋ ୧୦୦୦ କୋଟି ଟଙ୍କା ରହିଛି ବୋଲି ଟାଟା ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମୁଖ୍ୟ ବିତ୍ତ ଅଧିକାରୀ କୌଶିକ ଚାଟାର୍ଜୀ ସୂଚନା ଦେଇଛନ୍ତି। ତିନି ବର୍ଷ ପୂର୍ବେ କମ୍ପାନି ଅଧିଗ୍ରହଣ ବେଳକୁ ତାହା ବନ୍ଦ ପଡ଼ିଥିଲା। ଏତେ ଅଳ୍ପ ସମୟ ଭିତରେ ତାହାର ପୁନରୁଦ୍ଧାର ହୋଇପାରିଛି। ଏନ୍‌ଆଇଏନ୍‌ଏଲ୍ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ କିଛି ଉଦ୍ୟୋଗର ମିଳିତ ସହଯୋଗରେ ଯାତ୍ରା ଆରମ୍ଭ କରିଥିଲା। କେନ୍ଦ୍ରୀୟ ପିଏସ୍‌ୟୁ ଏମ୍‌ଏମ୍‌ଟିସି, ଏନ୍‌ଏମ୍‌ଡିସି, ଭେଲ୍, ମେକନ୍ ଏବଂ ଓଡ଼ିଶାର ଦୁଇ



ଉଦ୍ୟୋଗ ଓଏମ୍‌ସି ଓ ଇପିକଲ୍‌ର ମିଳିତ ଉଦ୍ୟମରେ ଏହାକୁ ସ୍ଥାପନ କରାଯାଇଥିଲା। କିଛି ବର୍ଷ ପରେ ଏହାର ସ୍ଥିତି ଅତ୍ୟନ୍ତ ଖରାପ ହୋଇପଡ଼ିଥିଲା। ୨୦୨୦ ମାର୍ଚ୍ଚ ବେଳକୁ କମ୍ପାନି ବିପୁଳ କ୍ଷତି ସହିଥିଲା ଓ କାରଖାନା ବନ୍ଦ ହୋଇଯାଇଥିଲା। ୨୦୨୧ ମାର୍ଚ୍ଚ ସୁଦ୍ଧା କମ୍ପାନି ଉପରେ ୬,୬୦୦ କୋଟି ଟଙ୍କାର ଋଣ ଓ ଅନ୍ୟାନ୍ୟ ବକେୟା ଥିଲା ଏବଂ କମ୍ପାନିର କ୍ଷତି ୪୨୨୮ କୋଟି ଟଙ୍କା ରହିଥିଲା।

କେନ୍ଦ୍ର ସରକାରଙ୍କ ପୁଞ୍ଜିପ୍ରତ୍ୟାହାର ଦାୟିତ୍ୱରେ ଥିବା ଦିପମ୍ ବିଭାଗ ଅଧୀନରେ କମ୍ପାନିର ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେହି ସମୟରେ ତୁହିନ୍‌କାନ୍ତ ପାଣ୍ଡେ ସେହି ବିଭାଗ ଦାୟିତ୍ୱରେ ଥିଲେ। ୨୦୨୨ରେ ଟାଟା ଷ୍ଟିଲ୍ ପକ୍ଷରୁ ଏହାର ସହାୟକ କମ୍ପାନି ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଜରିଆରେ ୧୨,୧୦୦ କୋଟି ଟଙ୍କାରେ ଏନ୍‌ଆଇଏନ୍‌ଏଲ୍‌କୁ ଅଧିଗ୍ରହଣ କରାଯାଇଥିଲା। ଟାଟା ଷ୍ଟିଲ୍‌ର ସୂଚନା ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଏନ୍‌ଆଇଏନ୍‌ଏଲ୍‌ର ରାଜସ୍ୱ ପୂର୍ବବର୍ଷ ତୁଳନାରେ ୩.୫ ପ୍ରତିଶତ ବୃଦ୍ଧି ପାଇ ୫୭୦୧ କୋଟି ଟଙ୍କା ହୋଇଛି। ଏହାର ଏବିଟ୍‌ଡା ୨୦ ଗୁଣା ବୃଦ୍ଧି ପାଇ ୧୦୬୭ କୋଟି ଟଙ୍କା ହୋଇଛି। ଟାଟା ଷ୍ଟିଲ୍ ପକ୍ଷରୁ ଏନ୍‌ଆଇଏନ୍‌ଏଲ୍‌ର ଉତ୍ପାଦନ କ୍ଷମତାକୁ ଦଶନ୍ଧି ସୁଦ୍ଧା ବାର୍ଷିକ ୯.୫ ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ରହିଛି।

# ଏଲ୍‌ଆଇସି କଟକ ମଣ୍ଡଳର ଭୂମିପୂଜନ ଉତ୍ସବ



ଭୁବନେଶ୍ୱର,୧୪।୫: ଭାରତୀୟ ଜୀବନ ବୀମା ନିଗମ ବା ଏଲ୍‌ଆଇସି କଟକ ମଣ୍ଡଳର ବହୁ ପ୍ରତୀକ୍ଷିତ ଭୂମିପୂଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏପରିକି କଟକରେ ଏଲ୍‌ଆଇସିର ନୂତନ ଗୃହ ନିର୍ମାଣ ପ୍ରକଳ୍ପ (ସେକ୍ଟର-୧ ରେ ଇନଭେଷ୍ଟମେଣ୍ଟ ବିଲଡିଂ) ଏବଂ (ସେକ୍ଟର ୧୩ରେ ପଲିସି ହୋଲଡର ହାଉସିଂ ସ୍କିମ୍) ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ ସହ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଲଆଇସିର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ବି.ବି. ଯାଦବ, ପୂର୍ବ ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, ଅତିରିକ୍ତ କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ପି.କେ.ଜେ.ଡୁଙ୍ଗଡୁଙ୍ଗ, ପୂର୍ବ ମଧ୍ୟ କ୍ଷେତ୍ରର ଆଞ୍ଚଳିକ ପ୍ରବନ୍ଧକ (ବିକ୍ରୟ) ମନୋଜ କୁମାର ପଣ୍ଡା ଏବଂ ଏଲ୍‌ଆଇସି କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାରଙ୍କ ସମେତ ଏଲଆଇସି ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ୟାମଳ କାନ୍ତୀ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ୍



ଭୁବନେଶ୍ୱର,୧୪।୫: ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ ସୋମବାର ଝାରସୁଗୁଡ଼ାର ବେହେରାମାଲ ରୋଡ୍ ରାଧାମାଧବ ମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଡାଇରେକ୍ଟର ରାଜେଶ କୁମାର ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁପ୍ତା ପରିବାର ସଦସ୍ୟଙ୍କ ସମେତ ଶୋ'ରୁମ୍ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି ଉଦଘାଟନୀ ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ମେଗା ସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଡାଇରେକ୍ଟର ରାଜେଶ ଗୁପ୍ତା କହିଛନ୍ତି, ଝାରସୁଗୁଡାରେ ଏହି ମେଗା ଶୋରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ଅଞ୍ଚଳରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଉପସ୍ଥିତି ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ ହେବ।

# ୩୧.୫ ଲକ୍ଷ କୋଟିକୁ ଅତିକ୍ରମ କରିବ ଭାରତରେ କୃଷି ଋଣ: ନାବାର୍ଡ

ନୂଆଦିଲ୍ଲୀ,୧୪।୫: ଆର୍ଥିକ ବର୍ଷ ୨୦୨୫-୨୬ରେ ଗ୍ରାମୀଣ ଋଣ ବ୍ୟବସ୍ଥାର ବୃଦ୍ଧିପ୍ରାପ୍ତ ଆନୁଷ୍ଠାନିକୀକରଣ ଯୋଗୁଁ ବାଣିଜ୍ୟିକ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଦ୍ୱାରା କୃଷି କ୍ଷେତ୍ରକୁ ପ୍ରଦାନ କରାଯାଉଥିବା ଋଣ ୩୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିବ ବୋଲି ନାବାର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆର୍ଥିକ ବର୍ଷ ୨୦୨୪-୨୫ରେ ନାବାର୍ଡ ବାଣିଜ୍ୟିକ ବ୍ୟାଙ୍କ, ସହକାରୀ ସଂସ୍ଥା ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୨୮.୯୮ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରିଥିଲା। ଏହାର ପ୍ରାୟ ୬୦% ସ୍ୱଳ୍ପ ମିଆଦୀ ଫସଲ ଋଣ ଏବଂ ବାକି ଅଂଶ କୃଷି ଓ ସମ୍ପୃକ୍ତ କ୍ଷେତ୍ରରେ ବିନିଯୋଗ ଋଣ ପାଇଁ ବ୍ୟବହୃତ ହୋଇଥିଲା। ନାବାର୍ଡର ଉପ-ବ୍ୟବସ୍ଥାପନା ନିର୍ଦ୍ଦେଶକ ଅଜୟ କେ. ସୁଦ ଫାଇନାନସିଆଲ ଏକ୍ସପ୍ରେସ'କୁ କହିଛନ୍ତି, "ଚଳିତ ଆର୍ଥିକ ବର୍ଷରେ ମୋଟ କୃଷି ଋଣ ପ୍ରବାହ ପ୍ରାୟ ୩୧.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆମେ ଆଶା କରୁଛୁ।" ସେ ଆହୁରି କହିଛନ୍ତି ଯେ କୃଷି ଓ ସମ୍ପୃକ୍ତ କ୍ଷେତ୍ରକୁ ଋଣ ପ୍ରବାହରେ ତୀବ୍ର ବୃଦ୍ଧି ସତ୍ତ୍ୱେ, ନାବାର୍ଡ ସମ୍ଭାବନା ଆଧାରିତ ଋଣ ଯୋଜନା (ପିଏଲପି) ପ୍ରସ୍ତୁତ କରି ଋଣ ପ୍ରବାହରେ ଆଞ୍ଚଳିକ ଅସନ୍ତୁଳନକୁ ଦୂର କରିବାକୁ ଚେଷ୍ଟା କରୁଛି।

ସୁଦ କହିଛନ୍ତି, "ଆମେ ଉତ୍ତର-ପୂର୍ବ ଭାରତରେ ଋଣ ସଂସ୍କୃତି ଉନ୍ନତ କରିବା ଦିଗରେ ବ୍ୟାଙ୍କଗୁଡ଼ିକ ସହ କାର୍ଯ୍ୟ କରୁଛୁ। ଏଥିପାଇଁ ସାମାଜିକ ଗ୍ୟାରେଣ୍ଟି, ବିଶେଷ ପାଣ୍ଠି ଏବଂ ବୀମା ଉତ୍ପାଦ ଆକାରରେ



ସହାୟତା ପ୍ରଦାନ କରାଯାଉଛି।" ବର୍ତ୍ତମାନ ବ୍ୟାଙ୍କଗୁଡ଼ିକ ପ୍ରତି ଜିଲା ପାଇଁ ସମ୍ଭାବନା ଆଧାରିତ ଋଣ ଯୋଜନା ଅନୁସରଣ କରି ଫସଲ ଋଣ ଏବଂ କୃଷି ଓ ସମ୍ପୃକ୍ତ ଉଦ୍ୟୋଗ ପାଇଁ ମିଆଦୀ ଋଣ ଭଳି ଅଗ୍ରାଧିକାର କ୍ଷେତ୍ରରେ ଆନୁଷ୍ଠାନିକ ଋଣ ପ୍ରବାହକୁ ବୃଦ୍ଧି କରୁଛନ୍ତି। ସୁଦ ଆହୁରି କହିଛନ୍ତି ଯେ 'ଆକାଂକ୍ଷୀ ଜିଲା'ଗୁଡ଼ିକ ପାଇଁ ସ୍ୱତନ୍ତ୍ର ପୁନଃଅର୍ଥାୟନ ସୁବିଧା ପ୍ରଦାନ ନେଇ ଆଲୋଚନା ଚାଲିଛି, ଯେଉଁଠାରେ ସୁଧ ହାର କମ ହେବ। ଏହା ସହ ଖୁଚୁରା ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ମଧ୍ୟ ଆଲୋଚନା ଚାଲିଛି।

୨୦୨୫ ଜାନୁଆରୀରେ ନାବାର୍ଡର ଅଧ୍ୟକ୍ଷ ଶାଜି କେଭି କହିଥିଲେ ଯେ କୃଷି ଋଣ ପ୍ରବାହ ବୃଦ୍ଧି ସହ ଅଣଆନୁଷ୍ଠାନିକ କ୍ଷେତ୍ରର ଅଂଶ ହ୍ରାସ ପାଉଛି। ସେ କହିଥିଲେ, "ଗତ ୧୦ ବର୍ଷରେ କୃଷି ଋଣ ପ୍ରବାହର ହାରାହାରି ବାର୍ଷିକ ବୃଦ୍ଧି ୧୩% ରହିଛି, ଯାହା ଦୁଇ ଅଙ୍କରେ ରହିଛି।" ସାଧାରଣତଃ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମୋଟ ଋଣ ପ୍ରବାହର ୭୫% ଯୋଗାଣ କରନ୍ତି, ଆଉ ବାକି ଅଂଶ ସହକାରୀ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ବଣ୍ଟନ ହୁଏ। ପରିବର୍ଦ୍ଧିତ ସୁଧ ଛାଡ଼ ଯୋଜନା (ଏମଆଇଏସଏସ) ଅଧୀନରେ କିସାନ କ୍ରେଡ଼ିଟ କାର୍ଡ (କେସିସି) ଧାରୀ ଚାଷୀମାନେ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ ପାଇଁ ବାର୍ଷିକ ୭% ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଥାନ୍ତି। ଏହି ଯୋଜନା ଅନୁସାରେ, ସମୟାନୁବର୍ତ୍ତୀ ପୁନଃପରିଶୋଧ ପାଇଁ ୩% ଅତିରିକ୍ତ ସୁଧ ଛାଡ଼ ମିଳେ, ଯାହା ଫଳସ୍ୱରୂପ ପ୍ରକୃତ ସୁଧ ହାରକୁ ୪%କୁ ହ୍ରାସ କରେ। ତେବେ, ୨୦୨୫-୨୬ ପାଇଁ ସରକାର ଘୋଷଣା କରିଛନ୍ତି ଯେ କୃଷି ଋଣ ସୀମାକୁ ବାର୍ଷିକ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉଛି। ଏମଆଇଏସଏସ ଅଧୀନରେ କେସିସି ଧାରୀ କ୍ଷୁଦ୍ର ଚାଷୀଙ୍କ ପାଇଁ ନେଗୋସିଏବଲ ଗୋଦାମ ରସିଦ (ଏନଡବ୍ଲୁଆର) ବିରୁଦ୍ଧରେ ଫସଲ ପରବର୍ତ୍ତୀ ଋଣ ମଧ୍ୟ ଅନ୍ତର୍ଭୁକ୍ତ। ବର୍ତ୍ତମାନ ୭୭.୧ ନିୟୁତ କାର୍ଯ୍ୟକ୍ଷମ କେସିସି ଧାରୀ ଅଛନ୍ତି।

## ଆଜିର ସୁନା ଦର



ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନସେକ୍ସରେ ୩ହଜାର ପଏଣ୍ଟ ବୃଦ୍ଧି ପାଇଥିବାବେଳେ ସୁନା ମୂଲ୍ୟ ଦିନକରେ ୩ହଜାର ହ୍ରାସ ପାଇଛି। ଗତ କିଛି ଦିନ ହେବ ହୁ ହୁ ହୋଇ ବଢ଼ୁଥିବା ସୁନା ଦର ହ୍ରାସ ପାଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୬, ୬୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୮ ହଜାର ୫୬୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୬, ୬୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୮ ହଜାର ୫୬୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୬, ୬୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୮, ୫୬୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୬, ୭୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୮,୭୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୬, ୬୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୮, ୫୬୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୬, ୬୧୦ ଓ ୮୮, ୫୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୧,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ସ୍ଥିର ରହିଛି ପେଟ୍ରୋଲ ଦର। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବର୍ଷେ ବିତିଲା ; ଜାତୀୟ ପରିବାର ମଙ୍ଗଳ ଯୋଜନାରେ ମିଳୁନି ସହାୟତା ରାଶି

**ବୋରିଗୁମ୍ମା,୧୪।୫(ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି ପରିବାର ମଙ୍ଗଳ କେନ୍ଦ୍ରୀୟ ଯୋଜନା। ରାଜ୍ୟରେ ଆୟୁଷ୍ମାନ ଯୋଜନା ଭଳି କେନ୍ଦ୍ରୀୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହୋଇ ପାରି ନଥିଲା । ଏପରିକି କେନ୍ଦ୍ର ସରକାରଙ୍କ ଅନେକ ଯୋଜନାର ପ୍ରକୃତ ସୁଫଳ ଜନ ସାଧାରଣଙ୍କ ପାଖରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଥିଲା ।ସେପରି ଅନେକ ଯୋଜନା ମଧ୍ୟରୁ ଜାତୀୟ ପରିବାର ମଙ୍ଗଳ ଯୋଜନା ବା ଏନ୍‌ଏଫବିସି ଯୋଜନା ଅନ୍ୟତମ। କିନ୍ତୁ ଆଜି ମଧ୍ୟ ସେହି ଚିରାଚରିତ ପ୍ରଶାସନିକ ଖାମ ଖିଆଲି ମନୋଭାବ ତଥା କେନ୍ଦ୍ରୀୟ ଯୋଜନା ପ୍ରତି ଅଭ୍ୟାସଗତ ଅବହେଳା ବୋରିଗୁମ୍ମା ବ୍ଲକରେ ଦେଖିବାକୁ ମିଳୁଛି । ଚଳିତ ମାସ ୧୩ ତାରିଖ ଦିନ କୋରାପୁଟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅନେକ ଅଭିଯୋଗ ମଧ୍ୟରୁ ଏପରି ଏକ ଚିରାଚରିତ ଅଭିଯୋଗ ଗଣମାଧ୍ୟମର ଦୃଷ୍ଟି ଗୋଚର ହୋଇଥିଲା । ପ୍ରାପ୍ତ ସୂଚନା ଅନୁସାରେ ବି.ସିଂହପୁର ଗ୍ରାମ ପଞ୍ଚାୟତର ପର୍ଲ୍ୟାଗୁଡ଼ା ଗ୍ରାମର ଆସମତୀ ପୂଜାରୀ ନାମକ ଏକ ବିଧବା ଆଦିବାସୀ ଶ୍ରମିକ ଶ୍ରେଣୀର ମହିଳା ଜାତୀୟ ପରିବାର ମଙ୍ଗଳ ଯୋଜନା ଅନୁସାରେ ସହାୟତା ପାଇଁ ଗତ ୨୦୨୪



ମସିହା ଏପ୍ରିଲ ମାସରେ ବୋରିଗୁମ୍ମା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରିକା କଣ୍ଡାଙ୍କେଲଙ୍କ ନିକଟରେ ଆବେଦନ ପତ୍ର ଦାଖଲ କରିଥିଲେ । କିନ୍ତୁ ସେ ପ୍ରଦାନ କରିଥିବା ରାସନ୍ କାର୍ଡ଼ରେ ଥିବା ବିପିଏଲ ମ୍ବର ଟାଲି କରୁ ନ ଥିବା କଥା କହି ବି.ଏସ.ଏସ୍.ଓ. ବି.ସିଂହପୁର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ବି.ପି.ଏଲ୍. ଷ୍ଟାଟସ୍ ବାବଦରେ ଏକ ଯାଞ୍ଚ ରିପୋର୍ଟ ଆଣିବାକୁ କହିଥିଲେ । ପିଇଓଙ୍କ ଠାରୁ ରିପୋର୍ଟ ଆଣି ଦେବା ପରେ 'ସାଦା କାଗଜରେ ହେବ ନାହିଁ, ଏଥିପାଇଁ ଏକ ଫର୍ମେଟ୍ ଅଛି',ବୋଲି ବିଏସଏସ୍‌ଓ ଚନ୍ଦ୍ରିକା କଣ୍ଡାଙ୍କେଲ କହିଥିଲେ । ଫର୍ମେଟ୍ ନେଇ ପୁଣି ଥରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନେହୁରା ହେବାରୁ ସେ ପୁନର୍ବାର ରିପୋର୍ଟ ଦାଖଲ କଲେ । ଏହାପରେ ଆସମତିଙ୍କ ବି.ପି.ଏଲ୍. ଷ୍ଟାଟସ୍ ରିପୋର୍ଟ ପାଇଁ ୱେବସାଇଟ୍ ମାଧ୍ୟମରେ ତା ୦୭/୦୬/୨୦୨୪ ରିଖ ଦିନ ଓ ବୋରିଗୁମ୍ମା ତହସିଲକୁ ଯୋଗା ଯୋଗ କରିଥିଲେ । ଏହାର ୪ ମାସ ପରେ ବି.ସିଂହପୁର ରାଜସ୍ୱ ନିରୀକ୍ଷକ ତାଙ୍କ ପତ୍ର ସଂଖ୍ୟା ୫୨/୨୪, ତା.୧୪/୧୦/୨୪ ମାଧ୍ୟମରେ ଆସମତିଙ୍କ ଆୟ ସଂପର୍କିତ ରିପୋର୍ଟ ବୋରିଗୁମ୍ମା ତହସିଲରେ ଦାଖଲ କରିଥିଲେ । କିନ୍ତୁ,୧୦/୦୪/୨୦୨୫ ତାରିଖ ସୁଦ୍ଧା ତହସିଲା କାର୍ଯ୍ୟାଳୟ ଦ୍ୱାରା ଏହି ରିପୋର୍ଟ ବିଏସ୍‌ଏସ୍‌ଓ କିମ୍ବା ଏହି ଯୋଜନାର ଅର୍ଥ ମଞ୍ଜୁରକାରୀ ଅଧିକାରୀଙ୍କୁ ଦାଖଲ କରାଯାଇ ନାହିଁ । ବିଏସ୍‌ଏସ୍‌ଓ ଙ୍କ କାର୍ଯ୍ୟାଳୟରେ ୩ ମାସ ଦୌଡ଼ିବା ପରେ ତହସିଲ କାର୍ଯ୍ୟାଳୟରେ ଦୀର୍ଘ ୧୦ ମାସ ବିଳମ୍ବ ହୋଇଥିବାରୁ ବାଧ୍ୟ ହୋଇ ଆସମତି ପୂଜାରୀ ଜିଲ୍ଲାପାଳ ଭି.କୀର୍ତ୍ତୀ ବାସନଙ୍କୁ ଗତ ତା.୧୩/୦୫/୨୫ ରେ ଅଭିଯୋଗ କରିଛନ୍ତି ।ତେବେ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଉଛନ୍ତି,ଦେଖିବାକୁ ବାକି ରହିଲା । ଯଦି ତହସିଲଦାରଙ୍କ ରିପୋର୍ଟ ଆଧାରରେ ସହାୟତା ରାଶି ମଞ୍ଜୁର କରିବାର ଥିଲା, ତେବେ ପି.ଇ.ଓ.ଙ୍କ ଠାରୁ ନିର୍ଦ୍ଧାରିତ ଫର୍ମେଟରେ ରିପୋରର୍ଟ ତଲବ କରି ଅଯଥା କାଳକ୍ଷେପଣ ନୀତି ଅବଲମ୍ବନ କରିବା କେତେ ଦୂର ଯୁକ୍ତିଯୁକ୍ତ, ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅବଶ୍ୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଥିପାଇଁ କୌଣସି ଫର୍ମ ଜାରି କରା ଯାଇ ନ ଥିବା ପ୍ରକାଶ କରିଛନ୍ତି । ତେବେ, ଓଡ଼ିଶା ଲୋକ ସେବା ଅଧିକାର ଆଇନ୍ ୨୦୧୨ ଅନୁସାରେ ଏହି ଯୋଜନା ୩୦ ଦିନ ମଧ୍ୟରେ ମଞ୍ଜୁର ହୋଇଥିବାର ଆଇନରେ ବ୍ୟବସ୍ଥା ଥିବା ବେଳେ ଆଇନକୁ କିପରି ବାଟବଣା ହେବାରୁ ରୋକା ଯାଇ ପାରିବ, ସେଥି ପ୍ରତି ରାଜ୍ୟ ସରକାର ତଥା ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବୀ ହେଉଛି ।

# ମଦନମୋହନଦେବଙ୍କ ପୀଠରେ ରାମମଚରିତ ମାନସ ଉଦ୍‌ଯାପିତ



**ବାଲିଅନ୍ତା,୧୪।୫(ସଂଚାର ବ୍ୟୁରୋ):** ବାଳକାଟି ଅଞ୍ଚଳର ଆରାଧ ଦେବତା ପ୍ରଭୁ ମଦନମୋହନଙ୍କ ପୀଠରେ ୫ ତାରିଖ ଠାରୁ ଚାଲିଥିବା ତ୍ରିଂଶତମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଆଜି ଉଦଯାପିତ ହୋଇଯାଇଛି। ଶୁଭାଦିବାସରେ ଭାର୍ଗବୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରବଚକ ବ୍ରହ୍ମଚାରୀ ସତ୍ୟପ୍ରଜ୍ଞା ମହାରାଜାଙ୍କ ଦ୍ୱାରା ଶ୍ରୀରାମ ନାମ ମାହାତ୍ମ୍ୟ, ସତସଙ୍ଗ ମାହାତ୍ମ୍ୟ, ସତୀମୋହ ଓ ଶିବ ବିବାହ , ୬ ତାରିଖରେ ଅବତାର ହେତୁ , ପ୍ରଭୁଙ୍କ ପ୍ରକଟ, ବାଲ୍ୟଲୀଳା ଓ ପୁଷ୍ପବାଟିକା ପ୍ରସଙ୍ଗ , ୭ ତାରିଖରେ ଶିବଧନୁ ଭଗ୍ନ, ଜାନକୀ ବିବାହ, ପର୍ଶୁରାମ ଭେଟ, ୮ ତାରିଖରେ ଅଧାପକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ଶ୍ରୀରାମ ବନବାସ, କୈବର୍ତ୍ତ ପ୍ରସଙ୍ଗ ଓ ଲକ୍ଷ୍ମଣ ଗୀତା ପରିବେଷଣ, ୯ ତାରିଖରେ ସନ୍ଥ ଶ୍ରୀ ଅଯୋଧା ନାଥ ଦାଶଙ୍କ ଦଶରଥଙ୍କ ଦେହତ୍ୟାଗ, ଭରତ ଓ ଭରଦ୍ୱାଜଙ୍କ ସମ୍ବାଦ, ୧୦ ତାରିଖରେ ଭରତ ମିଳନ, ସୀତା ହରଣ , ଜଟାୟୁ ପ୍ରସଙ୍ଗ, ୧୧ ତାରିଖରେ ସନ୍ଥ ଶ୍ରୀ ହରେକୃଷ୍ଣ ଦାଶଙ୍କ ପ୍ରେମମୂର୍ତ୍ତି ଶବରୀ , ସୁଗ୍ରୀବ ମିତ୍ରତା, ବାଳିବଧ, ଲଙ୍କା ଦହନ ଓ ବିଭିଷଣ ଷରଣ, ୧୨ ତାରିଖରେ ଅଙ୍ଗଦ ରାବଣ ଭେଟ, କୁମ୍ଭକର୍ଣ୍ଣ ଓ ମେଘନାଦ ବଧ, ରାବଣ ବଧ, ଜାନକୀ ଉଦ୍ଧାର ଓ ଅଯୋଧା ବାହୁଡ଼ା, ୧୩ ତାରିଖରେ ଅଧାପକ ଡ. ରଜନୀ ରଞ୍ଜନ ଦାଶଙ୍କ ଶ୍ରୀରାମଙ୍କ ରାଜ୍ୟାଭିଷେକ ଓ କାକଭୁଷଣ୍ଡି ପରିବେଷଣ ହୋଇଥିଲା। ଆଜି ସଂଧ୍ୟା ୫ଟାରେ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ଅର୍ପଣ ବିଧି ସଂପାଦନ ହୋଇଥିଲା। ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ ।

## ଘର ଭୁଶୁଡ଼ି ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା ପ୍ରଦାନ ପାଇଁ ପୂର୍ବତନ ବିଧାୟକଙ୍କ ଦାବୀ

**ନୀଳଗିରି,୧୪।୫(ସଂଚାର ବ୍ୟୁରୋ):** କାଳବୈଶାଖୀରେ ଘର ଭୁଶୁଡ଼ି ମୃତ୍ୟୁବରଣ କରିଥିବା ରବି କିସ୍କୁଙ୍କ ପରିବାରକୁ ସହାୟତା ପାଇଁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଗତ ୧୨ତାରିଖ ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ଟିଲାସାହି ଗ୍ରାମର ରବି କିସ୍କୁଙ୍କ ଅସ୍ଥାୟୀ ଘର କାଳବୈଶାଖୀ ପ୍ରଭାବରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା।ଅସ୍ଥାୟୀ ଛପର ଘରତଳେ ଥିବା କିସ୍କୁଙ୍କ ପରିବାର ଲୋକଙ୍କ ସମେତ ରବି କିସ୍କୁଙ୍କ ଉପରେ ଘରଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ରବିଙ୍କର ଗୋଡ଼, ହାତ, ଛାତି, ମେରୁଦଣ୍ଡରେ ଗଭୀର ଆଘାତ ଲାଗିବା ଯୋଗୁଁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ନୀଳଗିରି, ବାଲେଶ୍ୱର ଏବଂ ପରେ ଗୁରୁତର ହୋଇପଡ଼ିବାରୁ କଟକ ଏସସିବି ବଡ଼ମେଡ଼ିକାଲ ନେଇ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା କରାଯାଉଥିବା ବେଳେ ଗତ ୧୪ତାରିଖ ରାତି ପ୍ରାୟ ୧ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।ସ୍ୱର୍ଗତ ରବିଙ୍କର ବିଧବା ପତ୍ନୀଙ୍କ ସମେତ ତିନୋଟି ସନ୍ତାନ ଥିବା ଜଣାଯାଇଛି।ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥାଭାବ ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ପକ୍କାଘର ନିର୍ମାଣ କରିପାରି ନଥିବାରୁ ଅସହାୟ ପରିବାରବର୍ଗଙ୍କୁ ଥଇଥାନ କରିବା ସହ ଅନ୍ତେଷ୍ଟିକ୍ରିୟା ପାଇଁ ରାଜ୍ୟ ସରକାରଙ୍କ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବାଲେଶ୍ୱର ଜିଲ୍ଲାପାଳ ସମେତ ନୀଳଗିରି ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଚିଠିଲେଖି ଦଶାହକ୍ରିୟା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

## ହରେକୃଷ୍ଣ ଭବନରେ ବିଏନ ମହାନ୍ତି ଆଣ୍ଡ ଆସୋସିଏଟସ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ



**ଯାଜପୁର ରୋଡ଼, ୧୪।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର ଚୋରଦା ଗ୍ରାମ କଲେଜ ରୋଡ଼ ସ୍ଥିତ ହରେକୃଷ୍ଣ ଭବନ ପରିସରରେ ବି.ଏନ.ମହାନ୍ତି. ଆଣ୍ଡ. ଆସୋସିଏଟସ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ବିବେକାନନ୍ଦ ମହାନ୍ତି'ଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠାନର ୩୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛା କୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଯୋଗଦେଇ ଏଭଳି ଏକ ମହତ କାର୍ଯ୍ୟର ଆୟୋଜନ କରିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିର ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ବେଳେ ଆମ ଓଡ଼ିଶା ରକ୍ତଦାନ ଅଭିଯାନ, ସହରର ଅନେକ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ସଂଗଠନର ଯୁବକ ମାନେ ସହଯୋଗ କରିଥିବା ଶ୍ରୀମହାନ୍ତି କହିଥିଲେ। ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ରକ୍ତ ଦାନ ଭଳି ଏକ ମହତ କାର୍ଯ୍ୟର ଆୟୋଜନ କରୁଥିବାରୁ ଅଞ୍ଚଳବାସୀ ଆସୋସିଏଟସର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ରସାନନ୍ଦ ମହାନ୍ତି, ବିଦ୍ୟାଧର ମହାନ୍ତି, ଧନେଶ୍ୱର ବାରିକ, ପ୍ରଫୁଲ୍ଲ ସାହୁ, ସବିତା ରାଉତ, ବିଜୟ ସାହୁ, ହେମନ୍ତ କୁମାର ପଥାଳ, ଅକ୍ଷୟ କୁମାର ଦେଓ, ପ୍ରମୁଖ ଉପସ୍ଥିତ ରହିଥିଲେ।

## କାଳବୈଶାଖୀ ତାଣ୍ଡବ, ବିଭିନ୍ନ ସ୍ଥାନରେ ଜନ ଜୀବନ ଅସ୍ତବ୍ୟସ୍ତ



**ଭବାନୀପାଟଣା,୧୪।୫(ସଂଚାର ବ୍ୟୁରୋ):** କାଳବୈଶାଖୀ ପ୍ରଭାବ ରେ ବୁଧବାର କୋକସରା ବ୍ଲକ ରେ ମଧ୍ୟାହ୍ନ ରେ ଝଡ଼ ତୋଫାନ ବର୍ଷା ସହ ଦିର୍ଘ ୩ ଘଣ୍ଟା ଧରି ଲଗାଣ ବର୍ଷା ଯୋଗୁଁ ବିଭାଗ ଅଞ୍ଚଳ ରେ ବିରାଟକାୟ ଗଛ ଉପୁଡିବା ସହ ଅନେକ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ବ୍ଲକ ର କାଉଡୋଳା ଗ୍ରାମ ର ସମ୍ପଦ ପଣ୍ଡା ଙ୍କ ଗାଈ ଗୁହାଳ ଉପରେ ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିବା ଫଳରେ ଗାଈଗୋରୁ ଅଳ୍ପକେ ମୃତ୍ୟୁ ମୁହଁରୁ ବର୍ତ୍ତି ଯାଇଥିବା ବେଳେ ବରାଡ଼ଙ୍ଗା ଗ୍ରାମରେ ବିରାଟକାୟ ଗଛ ପଡିବାରୁ ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା, ପରେ ଗ୍ରାମବାସୀ ମାନେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ଙ୍କୁ ଖବର ଦେବାପରେ ଓଆଇସି ପ୍ରଶାନ୍ତ ବାଘ ଙ୍କ ନେତୃତ୍ୱରେ କର୍ମଚାରୀ ମାନେ ଉଭୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ସେହିପରି ଆମପାଣି ପଞ୍ଚାୟତ କନ୍ଦାଗଡ ଗ୍ରାମର ଲକ୍ଷ୍ମୀକାନ୍ତ ମାଝୀ ଙ୍କ ଦୁଇଟି ବଳଦ ବଜ୍ରପାତ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ଘର ଘର ବୁଲି ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**ଗଞ୍ଜାମ,୧୪।୫(ସଂଚାର ବ୍ୟୁରୋ):** ବର୍ତ୍ତମାନ ଲୋକଙ୍କ ମେଡିକାଲ ସୁବିଧା ପାଇଁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ହେଲଥ କାର୍ଡ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଅବସରରେ ମଲାଡ଼ ପଞ୍ଚାୟତ ସରପଞ୍ଚ ମମତା ବେହେରା ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ଶୁଭାରମ୍ଭ କରିବା ସହ ବିଭିନ୍ନ ଗାଁକୁ ଯାଇ ଘର ଘର ବୁଲି ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ। ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ବେହେରାଙ୍କ ସମେତ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



## ପାଣି ପାଇଁ ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ଆର୍.ଉଦୟଗିରି,୧୪।୫(ସଂଚାର ବ୍ୟୁରୋ):** ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ ସଦର ମହକୁମାରେ ଲାଗିରହିଛି ପାନୀୟ ଜଳ ସମସ୍ୟା। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ ନିଘୋଡ଼ ନିଦ୍ରାରେ ବ୍ଲକ ଅଧିକାରୀ। ପରିଶେଷରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଗ୍ରାମର ମହିଳା ଓ ପୁରୁଷ ବୁଧବାର ୩୨୬ ଏ ଜାତୀୟ ରାଜପଥ ଅବରୋଧ କରିଥିଲେ। ଯାହାଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହି ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଆର୍ ଉଦୟଗିରି ପୋଲିସ ଓ ବିଡିଓ ଲରିମନ ଖୋସଲା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଅତିଶୀଘ୍ର ପାଣିର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଯାତାୟାତ ସ୍ୱାଭାବିକ ପରିସ୍ଥିତି ହୋଇଛି।

# କେବେ ମିଳିବ ସୋନପୁର କଲେଜକୁ ସରକାରୀ ମାନ୍ୟତା

## ପୂର୍ବତନ ଛାତ୍ରଙ୍କ ମଧ୍ୟରୁ ଦୁଇ ଜଣ ବିଧାୟକ ମଧ୍ୟ ହୋଇଛନ୍ତି

**ସୋନପୁର,୧୪।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସର୍ବ ପୁରାତନ ସୋନପୁର କଲେଜ ୧୯୬୪ ମସିହାରେ ପ୍ରତିଷ୍ଠା ହୋଇଥିଲା କିନ୍ତୁ କଲେଜ କୁ ୬୦ ବର୍ଷ ରେ ପଦାର୍ପଣ ହୋଇଛି କିନ୍ତୁ ଆଜି ପର୍ଯ୍ୟନ୍ତ କଲେଜ କୁ ସରକାରୀ ମାନ୍ୟତା ମିଳି ନାହିଁ କି କଲେଜରେ ପିଜି ସିଟ ଖୋଲି ପାରିଲା ନାହିଁ ନେତା ଙ୍କ ଠୁ ନେଇକି ବୁଦ୍ଧିଜୀବୀ ମାନଙ୍କ ପର୍ଯ୍ୟନ୍ତ କାହାରି ଆନ୍ତରିକତା ନଥିବା ଚର୍ଚ୍ଚା ହୁଏ, ଏମିତି ଜିଲ୍ଲାର କୌଣସି ସଂଘଠନ ମଧ ସୋନପୁର କଲେଜ କୁ ସରକାରୀ ମାନ୍ୟତା ଦିଆଯାଉ ଏବଂ କଲେଜ ରେ ପିଜି ସିଟ ଖୋଲିବା ପାଇଁ ସ୍ୱର ଉତ୍ତୋଳନ କରି ନାହାନ୍ତି, କଲେଜ ପଢ଼ିଥିବା ଅନେକ ଛାତ୍ର ବଡ଼ ବଡ଼ ଅଫିସର ମଧ ହୋଇଛନ୍ତି କିନ୍ତୁ ଶିକ୍ଷା ର ଶିଳ୍ପ ନଗରୀକୁ କାହାର ମନେ ପଡ଼ୁ ନାହିଁ ସବୁଠାରୁ ବେଶୀ ଚର୍ଚ୍ଚା ହୁଏ କଲେଜ ରେ ପଢ଼ିଥିବା ପୂର୍ବତନ ଛାତ୍ର ମାନଙ୍କ ମଧରୁ ଦୁଇ ଜଣ ସୋନପୁର କଲେଜ ର ପୂର୍ବତନ ଛାତ୍ର ବିନୋଦ ପାତ୍ର ଏବଂ ରଘୁନାଥ ଜଗଦଳା ବିଧାୟକ ହୋଇ ସାରିଛନ୍ତି କିନ୍ତୁ ସେମାନଙ୍କ ମଧ ଆନ୍ତରିକତା ନ ଥିବା ଚର୍ଚ୍ଚା ହୁଏ ବିଧାନସଭା ରେ ଗୋଟିଏ ଦିନ ମଧ ଏହି ପ୍ରସଙ୍ଗରେ ଦାବି ଉପସ୍ଥାପନା କରି ନ ଥିବା ବୁଦ୍ଧି ଯିବି ମାନେ ଚର୍ଚ୍ଚା କରନ୍ତି, ସୂଚନାଯୋଗ୍ୟ କଲେଜର ପୂର୍ବତନ ଛାତ୍ର ମାନଙ୍କ ମଧରେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୦୦୪ ମସିହାରୁ ୨୦୦୯ ପର୍ଯ୍ୟନ୍ତ ବିନୋଦ ପାତ୍ର କଂଗ୍ରେସ ଦଳରୁ ବିଧାୟକ ହୋଇଥିଲେ ସେହିପରି ଆଉ ଜଣେ ପୂର୍ବତନ ଛାତ୍ର ହେଲେ ବର୍ତ୍ତମାନ ର ବିରମହାରାଜ ର ବିଧାୟକ ରଘୁନାଥ ଜଗଦଳା ୨୦୨୪ ନିର୍ବାଚନ ରେ ସେ ବିଜେପି ଦଳ ତରଫରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଛନ୍ତି, ସୋନପୁର କଲେଜ ରେ ସେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଛାତ୍ର ଥିଲେ, କିଛି ଦିନ ପୂର୍ବେ ସୋନପୁର କଲେଜ ର ଛାତ୍ର ମାନଙ୍କ ସହିତ ବିରମହାରାଜପୁର ର ବିଧାୟକ ରଘୁନାଥ ଜଗଦଳା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଙ୍କୁ ସୋନପୁର କଲେଜ କୁ ସରକାରୀ ମାନ୍ୟତା ଏବଂ କଲେଜରେ ପିଜି ସିଟ ଖୋଲିବା ପାଇଁ ଦାବି ପତ୍ର ପ୍ରଦାନ କରିଥିଲେ ଯାହା ଜିଲ୍ଲା ବାସି ତାଙ୍କୁ ସାଧୁବାଦ ଜଣେଇ ଥିଲେ ଆଗାମୀ ଦିନରେ ଶୀଘ୍ର ଜିଲ୍ଲାର ହିତ ଦୃଷ୍ଟି ରୁ ଏହି ଦାବି ପୂରଣ କରିବା ପାଇଁ ଜିଲ୍ଲା ବାସି ଅନୁରୋଧ କରିଛନ୍ତି ।




## ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂସ୍ଥା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଲେ

**ସୁବର୍ଣ୍ଣପୁର,୧୪।୫(ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ୪.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ ବ୍ଲକ ଛକ, ସୋନପୁର ଠାରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂସ୍ଥା ର ସଂଯୋଜକ-ପଦ୍ମଲୋଚନ ଭରାସାଗର ଙ୍କ ସହଯୋଗରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଆଞ୍ଚଳିକ ପରିବହନ ଅଧିକାରୀ ସୁବର୍ଣ୍ଣପୁର, ମୋଟର ଯାନ ନୀରିକ୍ଷକ, ସୁବର୍ଣ୍ଣପୁର ଓ ପରିବହନ ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ପୋଲିସ ବିଭାଗ ର ଡେପୁଟି ପୋଲିସ ଅଧିକ୍ଷକ ଚନ୍ଦ୍ରଶେଖର ଶବର, ସହାୟକ ସବ ଇନିସପେକଟର ସୁଶୀଲ ବିଶୀଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଅମାନିଆ ଗାଡି ଚାଳକଙ୍କୁ ଅଟକାଇ କଡାକଡି ଭାବରେ କାଗଜ ପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ବିନା ହେଲମେଟ ଓ ଲାଇସେନ୍ସ ନଥାଇ ଗାଡି ଚଳାଉଥିବା ୧୫ ଜଣଙ୍କ ବିରୋଧରେ ଚାଲାଣ କଟା ଯାଇଥିଲା, ଦୁଇ ଜଣ ମଦ୍ୟପ ଚାଳକ ଙ୍କ ଗାଡି କୁ ଜବତ କରିବା ସଂଗେସଂଗେ ଏକ ନାବାଳକ ଗାଡି ଚାଳକ ର ଗାଡିକୁ ଜୋରିମାନା ମଧ୍ୟ କରା ଯାଇଥିଲା। ଆଗକୁ ଏହି କାର୍ଯ୍ୟକ୍ରମ ବ୍ୟାପକ ଭାବରେ ଯାଞ୍ଚ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୁବର୍ଣ୍ଣପୁର ଅକ୍ଷୟ କୁମାର ଜେନା ଜଣ ସାଧାରଣଙ୍କୁ ଅବଗତ କରାଇଥିଲେ।



## ସାମାନ୍ୟ ବର୍ଷାରେ ବିଦ୍ୟୁତ କାଟ୍: ବଢୁଛି ଅସନ୍ତୋଷ

**ଦାରିଙ୍ଗବାଡି,୧୪।୫ (ସଂଚାର ବ୍ୟୁରୋ):** ହିତାଧିକାରୀଙ୍କୁ ନିୟମିତ ବିଦ୍ୟୁତ ଯୋଗାଇଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ କାଳବୈଶାଖୀ ପୂର୍ବରୁ ବାରମ୍ବାର ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲେ ସୁଦ୍ଧା ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ କାଟ କରାଯାଉଛି। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ବିଭାଗ ଖର୍ଚ୍ଚ କରୁଛି। କିନ୍ତୁ ତାହା କାଳବୈଶାଖୀ ସମୟରେ "ଯଥା ପୂର୍ବଂ ତଥା ପରଂ" ସ୍ଥିତି ହେଉଛି ସାମାନ୍ୟ ପବନ ବର୍ଷାରେ ବିଦ୍ୟୁତ ବିଭ୍ରାଟ ହେବା ସହ ପୂର୍ବରୁ ବିଦ୍ୟୁତ ତାର ଯାଇଥିବା ପାର୍ଶବର୍ତ୍ତୀ ଅଞ୍ଚଳରେ ତାରରେ ଲାଗୁଥିବା ଡାଳ କଟାଯାଉଥିବା କୁହାଯାଉଥିବାବେଳେ କାଳବୈଶାଖୀ ସମୟରେ ପୁଣି ସେ ଗଛ ଡାଳ ଲାଗି ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ହେଉଛି।

## କଥା ଦେଇ କଥା ରଖିଲେ ବିଧାୟକ, ରାସ୍ତା ନିର୍ମାଣର ଶିଳାନ୍ୟାସ କଲେ

**ଯାଜପୁର ରୋଡ଼,୧୪।୫ (ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀର ବିଧାୟକ ଆକାଶ ଦାସନାୟକ ଆଜି କୋରେଇ ବ୍ଲକ୍ ଅନ୍ତର୍ଗତ ଧନେଶ୍ୱର ଗ୍ରାମପଂଚାୟତ କାରଗିଲ୍ ଛକ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା, ପାଣିକୋଇଲି-ଅମୃତିଆ ଆର୍.ଡି. ରାସ୍ତା ଠାରୁ ମହୁଲିଆ, ଆଲଡା, ରଣସରପୁର, କାରଗିଲ୍ ଛକ, ମୃତ୍ୟୁଞ୍ଜୟପୁର, ବାଢ଼ା, ଚାରଦା ଠାରୁ ରଗଡ଼ି-ପାଣିକୋଇଲି ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୩ କୋଟି ୩ ଲକ୍ଷ ରହିଛି। କାରଗିଲ ଛକ ଠାରେ ହଜାର ହଜାର ଜନସାଧାରଣ ଓ ବିଜେପି କର୍ମୀ ମାନେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରେଇ ବିଜେପିର ଟାଣୁଆ ନେତା ଶ୍ରୀ ପ୍ରକାଶ ଧଳ, ଉଦୟ ପରିଡା, ବରୁଣ୍ଡେଇ ସମିତି ସଭ୍ୟ ରଶ୍ମିରଞ୍ଜନ ପରିଡା, ହଳଦୀଗଡ଼ିଆ ସମିତି ସଭ୍ୟ ଉଦୟ ନାୟକ, ଜହ୍ନା ସରପଂଚ ସଂଯୁକ୍ତା ସାହୁ, ପ୍ରମୋଦ ସାହୁ, ଏସ୍.କେ. ଜହର ଅଲ୍ଲୀ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ରାଜେନ୍ଦ୍ର ଗାହାଣଙ୍କ ସମେତ ସମସ୍ତ ବହୁସଂଖ୍ୟାର ବିଜେପି କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ବିପିଏନଏସଆଇ ପକ୍ଷରୁ ଏମଏନସରେ ଦୁଇ ଦିନିଆ କର୍ମଶାଳା

**ଜଗତସିଂହପୁର/ପାରାଦ୍ୱୀପ,୧୪।୫ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଆଜି ୧୪ ଓ କାଲି ୧୫ ଦୁଇ କର୍ମଶାଳା ରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ୍, ପାରାଦୀପ, ଓଡ଼ିଶାର କାର୍ଯ୍ୟରତ ବୃତ୍ତିଗତମାନଙ୍କ ପାଇଁ ଏକ ୨ ଦିନିଆ ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ୍ (୩ପି) ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ସଫଳତାର ସହିତ ଆୟୋଜନ କରିଥିଲା। ଏହି କର୍ମଶାଳାରେ ଖଣିଜ ପ୍ରକ୍ରିୟାକରଣ, ଶକ୍ତି ପରିସ୍ଥିତି, ଏବଂ ବିଆଏସ ଏବଂ ଏଚଏସ କୋଡ୍ ସମେତ ପ୍ରମୁଖ ବିଷୟଗୁଡ଼ିକ ଆଲୋଚନା କରାଯାଇଥିଲା। ବିଶେଷଜ୍ଞ ବକ୍ତାମାନେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ ପ୍ରଦାନ କରିଥିଲେ:- ଡକ୍ଟର ସାନ୍ତନୁ ମଣ୍ଡଳ (ସହାୟକ ପ୍ରଫେସର, ଆଇଆଇଟି ଭୁବନେଶ୍ୱର) ଏବଂ ଶ୍ରୀମତୀ ଶାଶ୍ୱତୀ ମହାନ୍ତି (ଯୁବ ବୃତ୍ତିଗତ, ବିପିଏନ୍ଏସ୍ଆଇ) ଖଣିଜ ପ୍ରକ୍ରିୟାକରଣ ବିଷୟରେ ଆଲୋଚନା କରିଥିଲେ। - ପ୍ରଫେସର ସତ୍ୟପ୍ରିୟ ଶତପଥୀ (ବରିଷ୍ଠ ସହାୟକ ପ୍ରଫେସର, ବିପିଏନ୍ଏସ୍ଆଇ) ଶକ୍ତି ପରିସ୍ଥିତି, ଜଳବାୟୁ ପରିବର୍ତ୍ତନ ଏବଂ ଡିକାର୍ବୋନାଇଜେସନ ଉପରେ ଏକ ଆକର୍ଷଣୀୟ ଅଧିବେଶନର ନେତୃତ୍ୱ ନେଇଥିଲେ। - ବୈଜ୍ଞାନିକ ଦୀପକ କୁମାର ପାତ୍ର (ବିଆଏସ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର) ବିଆଇଏସ ଏବଂ ଏଚଏସ କୋଡ୍ ବିଷୟରେ ଏକ ସାରାଂଶ ପ୍ରଦାନ କରିଥିଲେ।




## ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଏସି ନିୟନ୍ତ୍ରଣଯନ୍ତ୍ର

● ରୋଗୀଙ୍କ ମୃତ୍ୟୁ ଚାହୁଁଛି ସ୍ୱାସ୍ଥ୍ୟ ବିଭାଗ ?

**ନୀଳଗିରି,୧୪।୫ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୫ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତନ୍ମଧ୍ୟରୁ ଅନ୍ୟତମ।ଅନ୍ୟ ୪ଗୋଟି କେନ୍ଦ୍ର ଅପେକ୍ଷା ସଜନାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସଂଖ୍ୟା ଅପେକ୍ଷାକୃତ ଅଧିକ। ଦୈନନ୍ଦିନ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ମାତ୍ର ବର୍ଷର ଅନ୍ୟଦିନ ଅପେକ୍ଷା ଗ୍ରୀଷ୍ମଋତୁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀସେବା ପାଇଁ ଆସୁଥିବା ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗରମରେ ରୋଗୀମାନେ ବାହାରେ ଛିଡା ହୋଇପାରୁନଥିବା ବେଳେ ଭିତର ବୈଠକରେ ପ୍ରବଳ ଗୁଳୁଗୁଳି ଯୋଗୁଁ ସେମାନେ ବିଶ୍ରାମନେବା ପାଇଁ ସେଭଳି ବ୍ୟବସ୍ଥା ନାହିଁ। ଫଳରେ ଅଧିକାଂଶ ବୟସ୍କରୋଗୀ ଗରମରେ ଚେତା ହରାଇବା ଭଳି ଖବରଆସିଛି।ଏପରିକି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ, ଚିକିତ୍ସା ଅଧିକାରୀ କିମ୍ବା କର୍ମଚାରୀଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି)ର ବ୍ୟବସ୍ଥା ନଥିବାରୁ ପ୍ରବଳ ଗରମରେ ସେବା ଯୋଗାଉଥିବା ଦେଖିବାକୁ ମିଳିଛି। ବରହମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଅନ୍ୟ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଲାଗିଥିବା ବେଳେ ସଜନାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଏଭଳି ଅବହେଳା ପାଇଁ କିଏ ଦାୟୀବୋଲି ଅଭିଯୋଗ ଉଠିଛି। ସର୍ବୋପରି ଅନ୍ୟ ସମସ୍ତ ସେଣ୍ଟରରେ ରୋଗୀକଲ୍ୟାଣ ସମିତି ଦ୍ୱାରା ସମସ୍ତ ଉନ୍ନୟନକାର୍ଯ୍ୟ କରାଯାଇଥିବା ବେଳେ ଏଠାରେ ରୋଗୀକଲ୍ୟାଣ ଯୋଜନାରେ ସେପରି କୌଣସି ଉନ୍ନତି ହୋଇଥିବା ପରିଲକ୍ଷିତ ହୋଇନାହିଁ।







# ୧୦ ନବାଗତଙ୍କ ସହ ଫେରୁଛନ୍ତି ଅମୀର

ଅଧିକାଂଶ ସମୟରେ କାହାଣୀ ଓ ଚରିତ୍ରକୁ ନେଇ ପରୀକ୍ଷାନିରୀକ୍ଷା କରିଥାଆନ୍ତି ଅମୀର୍ ଖାନ୍। ସଂପ୍ରତି ନିଜର ନୂଆ ଚଳଚ୍ଚିତ୍ରରେ ୧୦ଜଣ ନବାଗତଙ୍କୁ ପରଦାକୁ ଆଣିବା ନେଇ ଚର୍ଚ୍ଚାରେ ଅଛନ୍ତି ପରଫେକ୍ସନିଷ୍ଟ ଅମୀର୍। ବ୍ୟବସାୟ ଦୃଷ୍ଟିରୁ ନିର୍ଦ୍ଦେଶକମାନେ ନିଜ ଫିଲ୍ମରେ ଷ୍ଟାର୍‌କିଡ୍‌ଙ୍କୁ ସୁଯୋଗ ଦେଉଥିବା ବେଳେ ଅମୀର୍ କିନ୍ତୁ ସିନେଶିଳ୍ପ ସହ ସଂପର୍କ ନଥିବା ୧୦ଜଣ ପ୍ରତିଭାବାନ୍ ଯୁବ କଳାକାରଙ୍କୁ ଲଞ୍ଚ୍ କରୁଛନ୍ତି। ଅମୀର୍‌ଙ୍କ ନୂଆ ଛବି 'ସିତାରେ ଜମିନ୍ ପର୍'ର ନିକଟରେ ଫାଷ୍ଟ ଲୁକ୍ ରିଲିଜ୍ ହେବାପରେ ଏକଥା ସାମ୍ନାକୁ ଆସିଛି। ଏହି ଫିଲ୍ମ ଘୋଷଣା ହେବା ପର ଠାରୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ରହିଛି। 'ସିତାରେ ଜମିନ୍ ପର୍' ଅମୀର୍‌ଙ୍କ ୨୦୦୭ର ସୁପର୍‌ହିଟ୍ ଫିଲ୍ମ 'ତାରେ ଜମିନ୍ ପର୍'ର ସ୍ପିରିଚୁଆଲ୍ ସିକ୍ୱେଲ୍ ବୋଲି ଜଣାପଡ଼ିଛି।

ଫିଲ୍ମଟି ଜୁନ୍ ୨୦ରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ। ପ୍ରଥମ ପୋଷ୍ଟର୍‌ରେ ଅମୀର ଏକ ଚେୟାର୍‌ରେ ବସିଥିବା ବେଳେ ବାକି ୧୦ଜଣ ନବାଗତ ତାଙ୍କ ପଛରେ ଠିଆ ହୋଇଥିବା ଦେଖାଯାଇଛି। ଅମୀର୍‌ଙ୍କ ପ୍ରଯୋଜନା ସଂସ୍ଥା ଆରୁଷ ଦତ୍ତ, ଗୋପୀକୃଷ୍ଣ ବର୍ମା, ସମିତ ଦେଶାଇ, ବେଦାନ୍ତ ଶର୍ମା, ଆୟୁଷ ଭଂସାଲୀ, ଆଶିଷ ପେଣ୍ଡସେ, ଋଷି ସାହାନି, ଋଷଭ ଜୈନ, ନମନ ମିଶ୍ର ଏବଂ ସିମ୍‌ରନ୍ ମଙ୍ଗେସ୍‌କର୍‌ଙ୍କୁ ଲଞ୍ଚ୍ କରିବାକୁ ଯାଉଛି। ଫିଲ୍ମର ପ୍ରଥମ ଝଲକ ବହୁତ ଆକର୍ଷଣୀୟ ହୋଇଥିବାରୁ 'ସିତାରେ ଜମିନ୍ ପର୍'କୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଛି। ଏହି ଚଳଚ୍ଚିତ୍ର ସହ ଅମୀର୍ ଖାନ୍ ବହୁତ ଦିନ ପରେ ବଡ଼ ପରଦାକୁ ଫେରିବେ ଏବଂ ଏଥର ତାଙ୍କ ବିପକ୍ଷରେ ଅଭିନେତ୍ରୀ ଜେନେଲିଆ ଦେଶ୍‌ମୁଖ୍ ନଜର ଆସିବେ। ଫିଲ୍ମର ପୋଷ୍ଟର୍‌ରୁ ସୂଚନା ମିଳୁଛି କି ଏଥର ସଂପୂର୍ଣ୍ଣ ଭିନ୍ନସ୍ୱାଦର କାହାଣୀ ନେଇ ଅମୀର ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଆର.ଏସ୍. ପ୍ରସନ୍ନା। ଏହା ପୂର୍ବରୁ ସେ 'ଶୁଭ ମଙ୍ଗଲ୍ ସାବଧାନ୍' ଭଳି ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି।

# ସନ୍‌ମୀରାଙ୍କୁ ଟଲିଉଡ୍ ଅଫର୍

ଓଲିଉଡ୍ ନାୟିକା ସନ୍‌ମୀରା ଖୁବ୍ ଶୀଘ୍ର ଟଲିଉଡ୍‌ରେ ପାଦ ରଖିବେ। 'ସପନର ପଥେ ପଥେ', 'ଲୈଲା ଓ ଲୈଲା', 'ଲଭ୍ ଏକ୍ସପ୍ରେସ୍', 'ଲୋକାଲ୍ ଟୋକା ଲଭ୍ ଚୋଖା' ଓ 'ଗୁପ୍‌ଚୁପ୍' ଭଳି ସିନେମାରେ ନାୟିକା ଭୂମିକାରେ ଅଭିନୟ କରିଥିବା ସନ୍‌ମୀରାଙ୍କୁ ଏକ ବିଗ୍ ବଜେଟ୍ ବଙ୍ଗଳା ଛବିରେ ନାୟିକା ଭୂମିକା ଲାଗି ପ୍ରସ୍ତାବ ମିଳିଛି। ଏଥିରେ ତାଙ୍କ ବିପକ୍ଷରେ ବଙ୍ଗଳା ସିନେମାର ଜଣେ ଲୋକପ୍ରିୟ ନାୟକ ଅଭିନୟ କରୁଥିବା ଜଣାପଡ଼ିଛି। ଏ ସଂପର୍କରେ ନିଜେ ସନ୍‌ମୀରା ସୂଚନା ଦେଇଛନ୍ତି। ତେବେ ପାଠପଢ଼ା କାରଣରୁ ଏହି ଅଫର୍‌କୁ ସ୍ୱୀକାର କରିବେ କି ନା ସେ ନେଇ ଦ୍ୱନ୍ଦ୍ୱରେ ଥିବା କହିଛନ୍ତି ସନ୍‌ମୀରା। ଏବେ ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗରେ ସ୍ନାତକୋତ୍ତର ଶେଷ ବର୍ଷରେ ପଢୁଛନ୍ତି ସେ। ଏଣେ ତାଙ୍କ ଅଭିନୀତ ଓଡ଼ିଆ ଫିଲ୍ମ 'ଚାରିଧାମ' ଦୀର୍ଘଦିନ ଧରି ଅଟକି ରହିଛି। ସନ୍‌ମୀରା 'ଚାରିଧାମ'ରେ ପ୍ରଥମଥର ଲାଗି ଓଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ତାପସ ସରଘରିଆଙ୍କ ସହ କାମ କରିବାର ସୁଯୋଗ ପାଇଛନ୍ତି। ପୁଣି ଏହି ଫିଲ୍ମରେ ସେ ପ୍ରଥମଥର ଲାଗି ଆଗଧାଡ଼ିର ନାୟକ ଅନୁଭବ ମହାନ୍ତିଙ୍କ ବିପକ୍ଷରେ ମଧ୍ୟ ନଜର ଆସିବେ। 'ଚାରିଧାମ'ରେ ଏମାନଙ୍କ ବ୍ୟତୀତ ମହାଶ୍ୱେତା ରାୟ, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ ଓ ଗୁଲୁଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଅଖିଳ ରାଉତରାୟଙ୍କ କାହାଣୀ ଆଧାରିତ ଏହି ସିନେମାର ଚିତ୍ରନାଟ୍ୟ ରଚନା କରିଛନ୍ତି ସୁରେଶ ପଟ୍ଟନାୟକ। କୁମାର ଶ୍ରୀ ଏହାର ସଂଳାପ ଲେଖକ। ବିଭୂତିଭୂଷଣ ଗଡ଼ନାୟକ ଓ ବୈଦ୍ୟନାଥ ଦାସ ଏଥିରେ ସ୍ୱର ସଂଯୋଜନା କରିଛନ୍ତି।



# ପଞ୍ଚମଥର ମହାଶ୍ୱେତା



ଓଡ଼ିଆ ସିନେଜଗତର ଶୀର୍ଷ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାର ଆଗ୍ରହ ବହୁ ନିର୍ଦ୍ଦେଶକଙ୍କର ରହିଛି। ପ୍ରଶାନ୍ତ ନନ୍ଦ, ଶିଶିର ମିଶ୍ର, ହିମାଂଶୁ ପରିଜା, ସୁଶାନ୍ତ ମଣି ଓ ସୁଧାଂଶୁମୋହନ ସାହୁଙ୍କ ଭଳି ହାତଗଣତି ନିର୍ଦ୍ଦେଶକଙ୍କ ଏକାଧିକ ସିନେମାରେ ମହାଶ୍ୱେତା କାର୍ଯ୍ୟ କରିଛନ୍ତି। ତେବେ ସୁଧାଂଶୁ ସାହୁଙ୍କ ସହ ପୂର୍ବରୁ ୪ଥର କାମ କରିସାରିଥିବା ମହାଶ୍ୱେତା ରାୟ ପଞ୍ଚମଥର ଲାଗି ପୁଣି ତାଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟ କରୁଛନ୍ତି। ସୁଧାଂଶୁଙ୍କ ନୂଆ ସିନେମା



'ନାୟିକା'ରେ ଶୀର୍ଷକ ଚରିତ୍ରରେ ସେ ଦେଖାଦେବେ। ନବେ ଦଶକ ପ୍ରାରମ୍ଭରେ ଥିଏଟର୍‌ରେ ଜନପ୍ରିୟତା ଅର୍ଜନ କରିଥିବା ଜଣେ ମଞ୍ଚ ନାୟିକାଙ୍କ ଜୀବନୀକୁ ଆଧାରକରି ନିର୍ମିତ ହେଉଥିବା 'ନାୟିକା'ରେ ମହାଶ୍ୱେତାଙ୍କୁ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ପାଇବେ ତାଙ୍କ ପ୍ରଶଂସକ। ହିମାଂଶୁ ପରିଜାଙ୍କ ନିର୍ଦ୍ଦେଶିତ ଆକାଶ, ଏଲିନା ଓ ଲିପ୍‌ସାଙ୍କ ଅଭିନୀତ ଚଳଚ୍ଚିତ୍ର 'କେମିତି ଏ ସଂପର୍କ'ର ପ୍ରଯୋଜକ ରୂପେଶ କୁମାର ନାୟକ ଏହି ଓଡ଼ିଆ ଛବି ନିର୍ମାଣ କରୁଥିବା ବେଳେ ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି।

ସୂଚନାଯୋଗ୍ୟ, ସୁଧାଂଶୁମୋହନ ସାହୁ 'ରାଜା ଝିଅ ସାଙ୍ଗେ ହେଇଗଲା ଭାବ'ରେ ମହାଶ୍ୱେତାଙ୍କୁ ପ୍ରଥମଥର ଲାଗି ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଥିଲେ। ଏଥିରେ ନାୟକନାୟିକା ଥିଲେ ଅରିନ୍ଦମ ଓ ଅର୍ଚ୍ଚିତା। ଏହାପରେ ସୁଧାଂଶୁଙ୍କ ନିର୍ଦ୍ଦେଶିତ 'ତୋର ନା ର ମାନେ ହଁ'ରେ ମହାଶ୍ୱେତା ରାୟ ଅଭିନୟ କରିଥିଲେ। ଜୋକର୍ ପ୍ଲସ୍ ଏଣ୍ଟର୍‌ଟେନ୍‌ମେଣ୍ଟ ବ୍ୟାନର୍‌ରେ ନିର୍ମିତ ଏହି ସିନେମାରେ ସମ୍ବିତ୍, ରୀୟା ଓ କାବ୍ୟା ନାୟକ-ନାୟିକା ଭୂମିକାରେ ନଜର ଆସିଥିଲେ। ଗତବର୍ଷ ତପନ କୁମାର ଦାଶଙ୍କ ପ୍ରଯୋଜିତ ତଥା ସୁଧାଂଶୁମୋହନ ସାହୁଙ୍କ ନିର୍ଦ୍ଦେଶିତ 'ଆଶ୍ରମ'ରେ ମହାଶ୍ୱେତା ଅଭିନୟ କରିଥିଲେ। ତେଣେ ଟେଲି ସିନେମା 'ଚୁମ୍‌କି ମାଇଁ ଡାର୍ଲିଙ୍ଗ୍'ରେ ବି ମହାଶ୍ୱେତାଙ୍କୁ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଥିଲେ ସୁଧାଂଶୁ।

# ବାବୁସାନ୍‌ଙ୍କୁ ଟକ୍କର ଦେବେ ଶୁଭମ୍!





ରଜ ଲଢ଼େଇ ପାଇଁ ସଜବାଜ ହେଉଛି 'ଶମ୍ଭୁ'। ତେଣେ ଆଗରୁ ଘୋଷଣା କରାଯାଇ ସାରିଛି ଯେ ବାବୁସାନ୍‌ଙ୍କ ଅଭିନୀତ 'ବୋଉ ବୁଝୁ ଭୂତ' ବି ରଜରେ ରିଲିଜ୍ ହେବ। 'ଶମ୍ଭୁ'ରେ ନାୟକ ଭୂମିକାରେ ଅଛନ୍ତି ଶୁଭମ୍। ପ୍ରକାରାନ୍ତରେ କହିବାକୁ ଗଲେ, ଏଥର ରଜରେ ବାବୁସାନ୍‌ଙ୍କୁ ଟକ୍କର ଦେବେ ଶୁଭମ୍। ଗତବର୍ଷ ରଜ ଅବସରରେ ମୁକ୍ତିଲାଭ କରିଥିବା 'ଟିକେ ଟିକେ ଅଚିହ୍ନା ତୁ'ରେ ସ୍ୱରାଜଙ୍କ ଛଡ଼ା ଶୁଭମ୍ ବି ଅନ୍ୟତମ ନାୟକ ଭୂମିକାରେ ଥିଲେ। ଶୁଭମ୍ ତରଙ୍ଗ ସିନେ ପ୍ରଡକ୍‌ସନ୍‌ର 'ଗପ ହେଲେ ବି ସତ'ରେ ଅନୁଭବଙ୍କ ପିଲାଦିନର ଭୂମିକାରେ ବି ନଜର ଆସିଥିଲେ। ଗତ ରଜରେ ବାବୁସାନ୍‌ଙ୍କ 'ପାବାର' ଆଗରେ ଅବଶ୍ୟ ଶୁଭମ୍‌ଙ୍କ 'ଟିକେ ଟିକେ ଅଚିହ୍ନା ତୁ' ଖାସ୍ କମାଲ କରି ନଥିଲା। ଦେଖିବା କଥା ଏଥର କ'ଣ ହେଉଛି! ତେବେ 'ଶମ୍ଭୁ'କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଶୁଭମ୍। ଏଣେ 'ବୋଉ ବୁଝୁ ଭୂତ'ରେ ଅର୍ଚ୍ଚିତା ନାୟିକା ଭୂମିକାରେ ଥିବା ବେଳେ 'ଶମ୍ଭୁ'ର ନାୟିକା ହେଉଛନ୍ତି ତମନ୍ନା। 'ବୋଉ ବୁଝୁ ଭୂତ' ଏକ ସସ୍‌ପେନ୍ସ ଥ୍ରିଲର୍ ବୋଲି ଚର୍ଚ୍ଚା ହେଉଥିବା ବେଳେ 'ଶମ୍ଭୁ' ଏକ ଆକସନ୍ ପ୍ୟାକ୍‌ଡ୍ ମୁଭି। ଉଭୟ ସିନେମାର ସହ-କଳାକାରଙ୍କ ତାଲିକା ବି ରୋଚକ।

'ବୋଉ ବୁଝୁ ଭୂତ'ରେ ଅପରାଜିତା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, କେ କେ, ରବି ମିଶ୍ର ଓ ଉଦିତ ଗୁରୁ ପ୍ରମୁଖ ଅଭିନୟ କରିଛନ୍ତି। ତେଣେ 'ଶମ୍ଭୁ'ର ଅନ୍ୟ ପ୍ରମୁଖ କଳାକାର ହେଲେ ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ହରିହର ମହାପାତ୍ର, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳ, କେକେ, ଡିସ୍କୋ ରେଡ୍ଡୀ ଓ ବ୍ଲାକରବି। 'ବୋଉ ବୁଝୁ ଭୂତ' ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି ହୋଇଥିବା ବେଳେ ଅଭିଜ୍ଞ ଏସ୍ ଦିଲୀପ ପଣ୍ଡା 'ଶମ୍ଭୁ'ର ନିର୍ଦ୍ଦେଶକ।

## ହାଲ୍‌ଚାଲ୍



● 'ଜହ୍ଲାଦ' ପରେ ପ୍ରସନ୍ନ କୁମାର ଆଉ ଏକ ଓଡ଼ିଆ ସିନେମା ନିର୍ଦ୍ଦେଶନା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏହାର କାହାଣୀ ବାପ-ପୁଅ ସଂପର୍କ ଉପରେ ଆଧାରିତ। ଏହାର ସ୍କ୍ରିପ୍ଟିଂ କାମ ଇତିମଧ୍ୟରେ ଶେଷ ହୋଇଛି। ଖୁବ୍ ଶୀଘ୍ର କଳାକାର ଚୟନ ହୋଇ ଏହା ଫ୍ଲୋର୍‌କୁ ଯିବ।

● ଜଣାଶୁଣା ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀ ସୌରଭ ପାଢ଼ୀଙ୍କ ପ୍ରଯୋଜିତ ତଥା ପିନୁ ନାୟକଙ୍କ ନିର୍ଦ୍ଦେଶିତ



'ଚକ୍ରାନ୍ତ'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଚଳଚ୍ଚିତ୍ରର ସଙ୍ଗୀତକାର ହେଲେ ଅଭିଜିତ ମଜୁମ୍‌ଦାର୍। ଡକ୍ଟର ନିର୍ମଳ ନାୟକ ଓ ଡକ୍ଟର ରଘୁନାଥ ସାହୁ ଏହାର ଗୀତିକାର। ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ସୁଦର୍ଶନ ସେନାପତି।

● 'ଚକ୍ଷୁବନ୍ଧନ', 'ମାୟାବୀ' ଓ 'ଆଶ୍ରମ' ଭଳି ତିନିଟି ଲୋକପ୍ରିୟ ଓଡ଼ିଆ ସିନେମାର ନିର୍ମାତା ତପନ କୁମାର ଦାଶ ଏଯାବତ୍ ତାଙ୍କ ପରବର୍ତ୍ତୀ ଛବି ନେଇ କୌଣସି ଯୋଜନା କରିନାହାନ୍ତି। ପୂର୍ବ ଦୁଇଟି ଛବି ତୁଳନାରେ 'ଆଶ୍ରମ'କୁ ଅଧିକ ବ୍ୟାବସାୟିକ ସଫଳତା ମିଳିଥିବା ନେଇ ସେ ସୂଚନା ଦେଇଛନ୍ତି।



# ସଂଳାପ କାହାଣୀର ମେରୁଦଣ୍ଡ

# ତାକୁ ମନଇଚ୍ଛା ବଦଳାଇବା ଅନୁଚିତ

**ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ସିନେମା ଶିଳ୍ପରେ ଶବ୍ଦର ଇମାରତ୍ ଗଢୁଛନ୍ତି ସେ। ୧୯୮୯ ମସିହାରେ 'ଏଇ ସଂଘର୍ଷ' ଚଳଚ୍ଚିତ୍ରରୁ ଜଣେ ଗୀତିକାର ଭାବେ ତାଙ୍କର ଓଲିଉଡ୍ ଯାତ୍ରା ଆରମ୍ଭ ହୋଇଥିଲା। ପରେ ଗୀତ ସହ ଯୋଡ଼ିହେଲା ସଂଳାପ। ୧୯୯୨ ମସିହାର ଛବି 'ମୋ ଭାଇ ଜଗା'ରେ ସଂଳାପ ଲେଖି ପ୍ରଶଂସିତ ହେଲେ ସେ। ତା'ପରେ କାହାଣୀ, ସଂଳାପ ଓ ଗୀତ ରଚନାରେ ସକ୍ରିୟ ରହି ୧୦୦ରୁ ଅଧିକ ଚଳଚ୍ଚିତ୍ର ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଛନ୍ତି ସେ। ଓଲିଉଡ୍‌ର ଚିହ୍ନା ଚେହେରା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ରଜନୀ ରଞ୍ଜନଙ୍କ ସହ ଅଳ୍ପ ଆଳାପ।**

**୧ ଆପଣ ଏକାଧାରରେ ଗୀତିକାର, ସଂଳାପକାର ଓ କାହାଣୀକାର ମଧ୍ୟ। କେଉଁ କାମ ପାଇଁ ଅଧିକ ପାରିଶ୍ରମିକ ମିଳେ ଏବଂ କେଉଁ କାମରୁ ବେଶୀ ଆନନ୍ଦ ପାଆନ୍ତି?**

ନିଶ୍ଚିତ ଭାବେ ସଂଳାପ ଲେଖିବା ପାଇଁ ଅଧିକ ପାରିଶ୍ରମିକ ମିଳେ। ହେଲେ ଗୀତ ମୋ ଜୀବନ। ମୋତେ ଗୀତ ଲେଖିବାରେ ବେଶି ଆତ୍ମତୃପ୍ତି ମିଳେ। 'ମୋ ଭାଇ ଜଗା' ସିନେମାର ଗୀତ 'ନଈ ଏ ପାରିରେ ମୁଁ, ନଈ ସେପାରିରେ ତୁ' ସେ ସମୟରେ ସୁପର୍‌ଡୁପର୍ ହିଟ୍ ହୋଇଥିଲା। ଗୀତଟି ମୋତେ ଗଭୀର ଆତ୍ମସନ୍ତୋଷ ଦେଇଥିଲା।

**୨ ଆପଣ ବୃତ୍ତିରେ ଅଧ୍ୟାପକ ଥିଲେ। ତେବେ କେବଳ ଜଣେ ସଂଳାପକାର ଭାବେ ଓଡ଼ିଶାରେ ନିଜ କ୍ୟାରିୟର୍ ଗଢ଼ିବା ସମ୍ଭବ କି?**

ହଁ.. ହଁ, ନିଶ୍ଚିତ ସମ୍ଭବ। ଏମିତି ଅନେକ ସଂଳାପକାର ଅଛନ୍ତି। ମୋର ଯିଏ ସହଯୋଗୀ, ତାଙ୍କର ନିଜର ଘର, ଗାଡ଼ି ଅଛି। ଗୀତ ଲେଖି ବି ଲୋକ ଆରାମରେ ଚଳୁଛନ୍ତି। ସଂଳାପ ଲେଖିଲେ ତ ତା'ଠାରୁ ଅଧିକ ରୋଜଗାର ହୋଇଥାଏ। ଜଣେ ଯଦି ଦୃଢ଼ ମନରେ ଗୀତ କିମ୍ବା ସଂଳାପ ଲେଖିବା କାମକୁ ବୃତ୍ତି ଭାବେ ଗ୍ରହଣ କରେ ତ ଅର୍ଥର ଅଭାବ ରହିବ ନାହିଁ।

**୩ ଆପଣ ସଂଳାପ ଲେଖି ସାରିବା ପରେ ସୁଟିଂ ସମୟରେ ଯଦି ଆବଶ୍ୟକ ପଡ଼େ ତେବେ ନିର୍ଦ୍ଦେଶକ ତାହାକୁ ବଦଳାଇ ଦେଇପାରିବେ କି?**

ଏହା ବେନିୟମ। ଜଣେ ସଂଳାପକାରର ସଂଳାପକୁ ଆବଶ୍ୟକ ପଡ଼ିଲେ ସେହି ସଂଳାପକାର ହିଁ ବଦଳାଇବ। ଏମିତି ଅନେକ ପରିସ୍ଥିତି ଆସିଛି। କଳାକାରମାନଙ୍କୁ ସହଜ ଲାଗିବା ପରି ଶବ୍ଦ ବା ବାକ୍ୟ ପୁଣି ଥରେ ଲେଖିବାକୁ ପଡ଼େ। ଅଧିକାଂଶ ସମୟରେ ମୁଁ ନିଜେ ସୁଟିଂ ସେଟ୍‌ରେ ରହି ସେ କାମ କରିଦିଏ। ଆମ ଇଣ୍ଡଷ୍ଟ୍ରିର ଯେଉଁମାନେ ଆଗଧାଡ଼ିର ନିର୍ଦ୍ଦେଶକ ସେମାନେ ସଂଳାପକାରର ଗୁରୁତ୍ୱ ବୁଝନ୍ତି। ତେଣୁ ସଂଳାପ ବଦଳିବା ଆବଶ୍ୟକ ହେଲେ ମୋତେ କଲ୍ କରି ମୋଠାରୁ ପରାମର୍ଶ ନିଅନ୍ତି। ସଂଳାପ ହେଉଛି କାହାଣୀର ମେରୁଦଣ୍ଡ, ତାହାକୁ ମନଇଚ୍ଛା ବଦଳାଇବା ଅନୁଚିତ।

**୪ ଆପଣ ଗୀତ ଲେଖନ୍ତି, ସଂଳାପ ଲେଖନ୍ତି ଓ ଅଭିନୟରେ ବି ସଉକ ରଖନ୍ତି। ହେଲେ କେବେ ଗୀତ ଗାଇବାକୁ ଚେଷ୍ଟା କରିଛନ୍ତି କି?**

ଚେଷ୍ଟା କରିଛି ଆଜ୍ଞା। ଚେଷ୍ଟା କରି ବିଫଳ ବି ହେଇଛି। କଲେଜ୍ ସମୟରେ ଥରେ ଗୀତ ଗାଇବାକୁ ମଞ୍ଚକୁ ଚଢ଼ିଯାଇଥିଲି। ଅଧା ଗୀତ ଗାଇ ଅଟକିଗଲି। ସେଦିନ ଯେଉଁ ଅପଦସ୍ଥ ହୋଇ ତଳକୁ ଫେରିଲି, ତା'ପରଠାରୁ ଆଉ ଗୀତ ଗାଇବାକୁ ଇଚ୍ଛା ହେଇନି କେବେ। ଇଚ୍ଛା କ'ଣ ହେବ, ସାହସ ତ ହୋଇନି ଆଉ।

**୫ ସିନେମାରେ ପ୍ରଥମେ କାହାଣୀ ଓ ସଂଳାପ ଲେଖା ହେବାପରେ କଳାକାର ଚୟନ ହୁଅନ୍ତି ନା କଳାକାର ବଛାଯିବା ପରେ ସେମାନଙ୍କ ବ୍ୟକ୍ତିତ୍ୱ ଅନୁସାରେ ସଂଳାପ ଲେଖାଯାଏ?**

ଦୁଇଟାଯାକ ହୁଏ। ବେଳେ ବେଳେ ସଂଳାପକୁ ଖାପଖାଇବା ପରି ଚେହେରା ଖୋଜାଯାଇଥାଏ। ଆଉ କେବେ କେବେ କଳାକାରମାନଙ୍କୁ ଦେଖି ସଂଳାପ ଲେଖିବାକୁ ହୁଏ। ତେବେ ଦ୍ୱିତୀୟ କାମଟି ବେଶି କଷ୍ଟ। ସେଥିରେ ସଂଳାପକାରର ସ୍ୱାଧୀନତା କ୍ଷୁଣ୍ଣ ହୁଏ। କଳାକାରଙ୍କ ବ୍ୟକ୍ତିତ୍ୱକୁ ଦେଖି ସଂଳାପ ଲେଖିବା ବେଳେ ଇଚ୍ଛାନୁସାରେ ଶବ୍ଦ ବା ଭାଷା ବ୍ୟବହାର କରିହୁଏ ନାହିଁ। ମୋ ମତରେ କାହାଣୀ ବା ସଂଳାପ ଲେଖିବା ବେଳେ ଜଣେ ଲେଖକ ସମ୍ମୁଖରେ କୌଣସି ପ୍ରତିବନ୍ଧକ ନରହିବା ଉଚିତ।

**୬ ଆପଣଙ୍କ ଗୀତ ଶୁଣିବା ପରେ କେହି ବି କହିଦେବ ଆପଣଙ୍କର ପ୍ରେମ ବିବାହ। ପତ୍ନୀଙ୍କ ସହ କିପରି ସାକ୍ଷାତ୍ ହୋଇଥିଲା?**

ପ୍ରେମ ଅସୀମ ଓ ପ୍ରେମ ଶାଶ୍ୱତ। ପ୍ରେମ ବିନା ଏ ଜୀବନ ବ୍ୟର୍ଥ। ମୋ ପତ୍ନୀଙ୍କୁ ପ୍ରଥମେ ମୋ ପରିବାର ଲୋକ ପସନ୍ଦ କଲେ। ପରିବାର ଲୋକ ପସନ୍ଦ କଲା ପରେ ମୁଁ ତାଙ୍କ ସହ ପ୍ରେମରେ ପଡ଼ିଲି ଓ ଆମର ବିବାହ ହେଲା। ମୋଟାମୋଟି ଠିକ୍ ଅନୁମାନ କରିଛନ୍ତି। ବିବାହ ପୂର୍ବରୁ ମୁଁ ମୋ ପତ୍ନୀଙ୍କ ସହ ପ୍ରେମରେ ପଡ଼ିଥିଲି।

**୭ ଏବେ ସୁଦ୍ଧା ଆପଣଙ୍କ ଗୀତକୁ କେଉଁ କଣ୍ଠଶିଳ୍ପୀ ବେଶି ନ୍ୟାୟ ଦେଇପାରିଛନ୍ତି?**

ଆମ ଇଣ୍ଡଷ୍ଟ୍ରିରେ ଅନେକ ଭଲ କଣ୍ଠଶିଳ୍ପୀ ଅଛନ୍ତି। ମୁଁ କାହାକୁ କମ୍ କହିବି ନାହିଁ। ମାତ୍ର ମୋର ଲୋକପ୍ରିୟ ଗୀତ ମଧ୍ୟରୁ 'ସବୁ ପାପର ପ୍ରାୟଶ୍ଚିତ୍ତ ଥାଏ...'କୁ ଗାଇଥିଲେ ସୌରଭ ନାୟକ ଓ 'ଜିଇବାର ନାମ ଯଦି ଜୀବନ ହୁଏ...' ଗୀତକୁ ଗାଇଥିଲେ ବିଭୁକିଶୋର ଦାସ। ଏ ଦୁଇଜଣ ସର୍ବଦା ମୋ ପାଇଁ ସ୍ୱତନ୍ତ୍ର ହୋଇ ରହିବେ। ମୋ ଗୀତକୁ ଏହି ଦୁଇ କଣ୍ଠଶିଳ୍ପୀ ସବୁଠାରୁ ଅଧିକ ନ୍ୟାୟ ଦେଇଛନ୍ତି ବୋଲି ମୁଁ ଭାବେ।



# ବିଧାୟକଙ୍କ ଉପସ୍ଥିତିରେ ଆରମ୍ଭ ହେଲା ରବି ଧାନକିଣା



**ବରଗଡ଼,୧୪।୫(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିର୍ଧାରିତ ତାରିଖ ଅନୁଯାୟୀ ଆଜି ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋରୁ ମାର୍କେଟ ଠାରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରଗଡ଼ ଆରଏମସିର ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ସେହିଭଳି ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନସ୍ଥ ଅତାବିରା ଏବଂ ଗୋଡଭଗା ଧାନ ମଣ୍ଡିରେ ମାନ୍ୟବର ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତାବିରା ଆରଏମସିର ରବି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିବା ବେଳେ ପଦମପୁର ନିୟନ୍ତ୍ରିତ ବଜାର କମିଟି ଅଧିନସ୍ଥ କେଉଁଠିପାଲି ଏବଂ ଆର୍ଡା ଧାନ ମଣ୍ଡିରେ ମାନ୍ୟବର ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଦମପୁର ଆରଏମସିର ରବି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟାଲଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ବରଗଡ଼, ଅତାବିରା ଓ ପଦମପୁର ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମକର୍ତ୍ତା ନିଜ ନିଜ ଆରଏମସି ଅଧିନସ୍ଥ ଧାନ ମଣ୍ଡିରେ ଉପସ୍ଥିତ ଥିଲେ।

# ଛେଳି ବେପାରୀଙ୍କୁ ଲୁଟ୍ ଘଟଣାରେ ୫ ଗିରଫ

**ସୁନ୍ଦରଗଡ଼,୧୪।୫(ସଂଚାର ବ୍ୟୁରୋ):** ବୁଧବାର ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାନ୍ତା ନୂତନ ସାମଦ ଏକ ସାମ୍ବାଦିକ ସମ୍ମିଳନୀ କରି ବଘିଆବେର୍ଣି ଘାଟି ନିକଟରେ ଛେଳି ବେପାରୀଙ୍କୁ ଲୁଟ୍ ଘଟଣାର ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୧୭ ତାରିଖ ସକାଳ ୭ ଟା ପାଖାପାଖି ସମୟରେ ବଘିଆବେର୍ଣି ଘାଟି ନିକଟରେ ଏହି ଅପରାଧିକ କାଣ୍ଡ ଘଟାଇ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ। ଏ ନେଇ ଦିନ ୧:୦୫ ରେ ମହମ୍ମଦ ମୁନ୍ନୁ ନାମକ ଜଣେ ବ୍ୟକ୍ତି ତଳସରା ଥାନାରେ ଲିଖିତ ଅଭିଯୋଗ କରିଥଲେ। ତଳସରା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ତଦନ୍ତ ଚାଲୁ ରଖିଥିଲା। ତିନୋଟି ବାଇକରେ ୭/୮ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ବନ୍ଧୁକ ମୁନରେ ଏହି ବ୍ୟବସାୟୀଙ୍କ ଠାରୁ ୨ ଲକ୍ଷ ୭୧ ହଜାର ନଗଦ ଟଙ୍କା ଓ ସେମାନେ ବ୍ୟବହାର କରୁଥିବା ସମସ୍ତ ମୋବାଇଲ ଫୋନ ଲୁଟି ଫେରାର



ମାରିଥିଲେ। ୪ ଜଣ ବ୍ୟବସାୟୀ ଓ ଡି - ୧୪ ଏସ - ୦୮୯୭ ନମ୍ବର ବିଶିଷ୍ଟ ଏକ ଏର୍ଟିଗା କାରରେ ଛେଳି କିଣିବା ପାଇଁ ବନଡେଗା ଛେଳି ବଜାରକୁ ଯାଉଥିବା ବେଳେ ଏହି ଲୁଟର ଶିକାର ହୋଇଥିଲେ। ତେବେ ଏହି ଘଟଣାରେ ତଳସରା ପୋଲିସ ପୂର୍ବରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ବୁଧବାର ସେହି ମାମଲାରେ ସମ୍ପୃକ୍ତ ଥିବା ଆଉ ୫ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ପାଞ୍ଚ ଅଭିଯୁକ୍ତ ହେଲେ - ଅମିତ ତିୱାରୀର ଘର ରାଜଗାଙ୍ଗପୁର ଥାନା ବଗିଚା ପଡ଼ା ହୋଇଥିବା ବେଳେ ଅକ୍ଷୟ ବେସନ, ବିକାଶ ଜୟପୁରିଆ, ପ୍ରକାଶ ଜୟପୁରିଆ ଓ ଆକାଶ କଉଡ଼ିର ଘର ଧରୁଆଡିହି ଥାନା ଅଞ୍ଚଳ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ତେବେ ପୂର୍ବରୁ ଚାଲାଣ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ - ଓମନାଥ ବାରିକ ଓ ଆଶିଷ ରାଉତ। ଉଭୟ ଅଭିଯୁକ୍ତଙ୍କୁ ପୋଲିସ ରାଜଗାଙ୍ଗପୁର ଥାନା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାରେ ଆହୁରି ତିନି ଚାରି ଜଣ ଅପରାଧୀଙ୍କ ସଂପୃକ୍ତି ଥିବା କଥା ପୋଲିସ ତା ତଦନ୍ତରେ ଜାଣି ପାରିଛି। ତଳସରା ପୋଲିସ ଏହି ଅଭିଯୁକ୍ତ ମାନଙ୍କ ନିକଟରୁ ନଗଦ ୧୦ ହଜାର ଟଙ୍କା, ଦୁଇଟି ବାଇକ, ଗୋଟିଏ ମାଉଜର, ଦୁଇଟି ସିଙ୍ଗଲ ସର୍ଟ ପିସ୍ତଲ ସହ ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ମ୍ୟାଗଜିନ ସହ ଜୀବନ୍ତ ଗୁଳି ଓ ଚାରିଟି ମୋବାଇଲ ଫୋନ ଜବତ କରିଛି। ଏହି ଅଭିଯୁକ୍ତ ମାନଙ୍କୁ ବିଭିନ୍ନ ଦଫାରେ କୋର୍ଟ ଚାଲାଣ କରାଯିବା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରେସମିଟରେ କହିଛନ୍ତି।

# ୨୦୦୩ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ବିଞ୍ଝାରପୁର,୧୪।୫(ସଂଚାର ବ୍ୟୁରୋ):** ବିଂଝାରପୁର ବ୍ଲକ୍ ପଦାସାହି ସ୍ଥିତ ଗୁହଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ୨୦୦୩ମାଟ୍ରିକ ବ୍ୟାଚ୍ ର ବନ୍ଧୁମିଳନ ଓ ଗୁରୁପୁଜନ ପାଳିତ ହେଇଯାଇଛି। ପୁରାତନ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସେ ସମୟ ର ଶିକ୍ଷକ, ଏବେକାର ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଙ୍କୁ ପୁଜାଅର୍ଚ୍ଚନା ଓ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ର ଛାତ୍ରୀ ମାନେ ଅତୀତ ର ବିଦ୍ୟାଳୟ ସହ ସେମାନଙ୍କର ସଂପର୍କ ର ଅତୀତ କୁ ମନେପକାଇ ବଖାଣି ଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର, ନକୁଳ ଚରଣ ନାଥଶର୍ମା, ନିରଞ୍ଜନ ସାହୁ, ସରୋଜିନୀ ଦାସ୍, ରଞ୍ଜିତା ସାହୁ ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଛାତ୍ର ସାଗର ଧଳ ଜୟନ୍ତ କୁମାର ମହାନ୍ତି, ଲୋହିତେନ୍ଦୁ ଧଳ, ଶର୍ମିଷ୍ଠା ସାହୁ, ସୋନିକା ଧଳ ଙ୍କ ସମେତ ୨୦୦୩ ମ୍ୟାଟ୍ରିକ ବର୍ଷ ର ଅନେକ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ

**ବ୍ରହ୍ମପୁର,୧୪।୫(ସଂଚାର ବ୍ୟୁରୋ):** ସୁସ୍ଥ, ସଶକ୍ତ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଏବେବି ଗୁରୁତ୍ୱପୂର୍ଣ୍ଣ ରହିଛି। ଦେବର୍ଷି ନାରଦ ଯେପରି ତିନିପୁରରେ ଖବରର ବାର୍ତ୍ତାବହ ଥିଲେ ଯାହା ସମାଜ ପାଇଁ ଏକ ସକରାତ୍ମକ ପ୍ରଭାବ ଆଣୁଥିଲା ତାହାକୁ ଏବେବି ଅନୁକରଣ କରାଯିବା ଉଚିତ। ଭାରତ ପ୍ରାଚୀନ କାଳରେ ବିଶ୍ୱ ଗୁରୁ ଥିଲା।ପୌରାଣିକ ଯୁଗରୁ ପ୍ରାକ୍ ସ୍ୱାଧୀନତା କାଳ ପର୍ଯ୍ୟନ୍ତ ଗଣମାଧମ ବିଭିନ୍ନ



ରୂପରେ ସମାଜ ପ୍ରତି ତା'ର ଉତ୍ତରଦାୟିତ୍ୱ ନିର୍ବାହ କରି ଆସୁଥିଲା। ଏବେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଅଗ୍ରଗତି ସତ୍ତ୍ୱେ ଖବରର ସତ୍ୟତା ଜାଣିବା ବେଳେ ବେଳେ କଷ୍ଟକର ହୋଇ ପଡୁଛି। ଏହା ସମାଜରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏଣୁ ଏବେବି ସାମ୍ବାଦିକଙ୍କ ଦ୍ୱାରା ସତ୍ୟ, ନିରପେକ୍ଷ ଖବର ପରିବେଷଣ ନାରଦଙ୍କ ଯୁଗ ଭଳି ସମାଜ ଗଠନରେ ଗୁରୁତ୍ୱ ରଖେ। ବିଶ୍ୱ ସମ୍ବାଦ କେନ୍ଦ୍ର ଦ୍ୱାରା ମଙ୍ଗଳବାର ଦେବର୍ଷି ନାରଦ ଜୟନ୍ତୀ ସମାରୋହରେ ଏହା କହିଛନ୍ତି ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଉଭୟ ପୂର୍ବ ଓ ପଶ୍ଚିମ ଉତ୍କଳ ପ୍ରାନ୍ତ ପ୍ରଚାର ପ୍ରମୁଖ (ରାଜ୍ୟ ମିଡିଆ ସେଲ୍ ମୁଖ୍ୟ) ସୃଷ୍ଟିଧର ବିଶ୍ୱାଳ। ଗୋସାଇଁନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଏହି ଅବସରରେ ଉତ୍କର୍ଷ ଓଡ଼ିଶା ଗଠନରେ ସାମ୍ବାଦିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ଡଃ ବନ୍ଦିତା ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ଅଶୋକ ବ୍ରହ୍ମା ମଞ୍ଚାସୀନ ଥିଲେ। ଡଃ ପାଢ଼ୀ ବର୍ତ୍ତମାନ ସମୟରେ ସମାଜ ଗଠନ ଓ ସଂସ୍କାରରେ ଗଣମାଧମର ଭୂମିକା ଉପରେ କହିଥିବା ବେଳେ ଡଃ ପଣ୍ଡା ବୈଷୟିକ କୌଶଳର ଉପଯୋଗ କରି ସତ୍ୟ ଖବର ପରିବେଷଣ ଓ ସମାଜ ଉପରେ ତାହାର ପ୍ରଭାବ ବାବଦରେ କହିଥିଲେ। ପଟ୍ଟନାୟକ ସକରାତ୍ମକ ଖବର ପରିବେଷଣ ସହ ଆଞ୍ଚଳିକ ଖବରକୁ କିଭଳି ବିଶ୍ୱସ୍ତରୀୟ କରିହେବ ତାହା ଦର୍ଶାଇଥିବା ବେଳେ ଶ୍ରୀ ବ୍ରହ୍ମା ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ବାବଦରେ କହିଥିଲେ। ପ୍ରହଲ୍ଲାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଆରଏସଏସ ସହ ଜିଲ୍ଲା ପ୍ରଚାର ପ୍ରମୁଖ ମାଧବ ନାୟକ ପରିଚାଳନା କରିଥିଲେ। ସାମ୍ବାଦିକ ସମୀର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଜିରିଂପଡାରେ ଆରମ୍ଭ ହେଲା ଲକ୍ଷ୍ମୀ ନୃସିଂହନାଥଙ୍କ ଚନ୍ଦନ ଯାତ୍ରା

**ଫୁଲବାଣୀତା,୧୪।୫(ସଂଚାର ବ୍ୟୁରୋ):** ଫୁଲବାଣୀ ସହର ସ୍ଥାନୀୟ ଜିରିଂପଡ। ଲକ୍ଷ୍ମୀ ନୃସିଂହ ନାଥଙ୍କ ମନ୍ଦିରରେ ଠାକୁରଙ୍କ ଚତୁର୍ଦ୍ଦଶୀ ବା ଚନ୍ଦନ ଯାତ୍ରା ଶୁଭାରମ୍ଭ ହୋଇଯାଇଛି।ଆଜି ସ୍ଥାନୀୟ ସାଲୁଙ୍କି ନଦୀରୁ ସକାଳ ୬.୧୫ ମିନିଟ୍ ରେ ବରୁଣ ଦେବତାଙ୍କୁ ସୁମରଣ କରି ତେତିଶି କୋଟି ଦେବାଦେବୀ ଙ୍କ ଅହାନ କରି ଉକ୍ତ ଜଳ କୁ ଶହ ଶହ ମାଁ ମାନେ ମୁଣ୍ଡରେ ବହି ମନ୍ଦିରକୁ ଆଣିଥିଲେ।ଦିବ ୧.୪୦ ମିନିଟ୍ ରେ ନାଭିବ୍ରମ ହମ ଅନୁଷ୍ଠିତ ହେବା ଦିବା ୨ ଘଣ୍ଟିକା ସମୟରେ ଠାକୁରଙ୍କ ଜନ୍ମ ହେବା ଖୁସିରେ ଲକ୍ଷ୍ମୀ ନୃସିଂହ ନାଥ ଯାତ୍ରା ପରିଚଳନ। କମିଟିର କାର୍ଯ୍ୟ କାରୀ ସଦସ୍ୟା ଙ୍କ ଦ୍ୱାରା ଅର୍ଣ୍ଣ ଭୋଗ ସମସ୍ତ ଭକ୍ତ ଙ୍କୁ ଦେବା।ଯୋଜନ। କରିଥିବା ଶୁଣିବାକୁ ମିଳୁଛି। ସଂଧ୍ୟା ୫ ଘଣ୍ଟିକା। ସମୟରେ ଠାକୁରଙ୍କୁ ସହର ପରିକ୍ରମା କରିବାର କାର୍ଯ୍ୟ କ୍ରମ ଓ ଏହି ଯାତ୍ରା ଆଗତ ତା ୨୬/୦୫/୨୦୨୫ ରିଖ ସାବିତ୍ରୀ ଅମାବାସ୍ୟା ଯାଏ ଚାଲିବ



ଏହି ଯାତ୍ରାକୁ ପରିଚାଳିତ କରିବା ପାଇଁ ସଭାପତି ବୈଦ୍ୟନାଥ ନାୟକ, ଉପ ସଭାପତି ଭାବେ ନିରଞ୍ଜନ ନାୟକ, ସାଧାରଣ ସମ୍ପାଦକ ଦାରୁଣ ବେହେରା, କାର୍ଯ୍ୟ କାରି ସଭାପତି ଶିବ ଶଙ୍କର ବେହେରା, ସଂଯୋଜକ କରମ୍ ବେହେରା, ସମ୍ପାଦକଦକ ବୈଦ୍ୟନାଥ ବେହେରା, ଯାତ୍ରା କୁ ଆହୁରି ସୁନ୍ଦର, ସହଜରେ ପରିଚାଳିତ କରିବା ପାଇଁ ଗ୍ରାମର ମହିଳା ବାହିନୀ ଗଠନ କରା ଯାଇଛି। ମହିଳା ବାହିନୀର ସଭାନେତ୍ରୀ ଭାବେ ଶ୍ରୀମତୀ ରେଶ୍ମା ବେହେରା, ସମ୍ପାଦିକା ମାମି ନାୟକ, ସଂଯୋଜକ। ନମିତ। ବେହେରା ଓ କାର୍ଯ୍ୟକାରୀ ସଭାନେତ୍ରୀ ବବିତା ନାୟକ ମନୋନୀତ ହାଇଛନ୍ତି। ଏହି ଯାତ୍ରା ଦୀର୍ଘ ୧୫ ଦିନ ଚାଲିବ ଓ ଭକ୍ତଙ୍କ ମନମୁଗ୍ଧ କରିବା ପାଇଁ ଅନେକ ପ୍ରକାର ଲୋକଗୀତ, ଲୋକ ନୃତ୍ୟ, ମେଲୋଡି, ଡ୍ରାମା, ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟ କ୍ରମ ଥିବାର କମିଟିର କର୍ମ କର୍ତ୍ତା ଗଣ ମାଧମକୁ ଜଣାଇଥିଲେ।

# ପୃଥକ୍ ସ୍ଥାନରେ ଖୋ ଖୋ ତାଲିମ

**ସୁନ୍ଦରଗଡ଼,୧୪।୫ (ସଂଚାର ବ୍ୟୁରୋ):** କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଭୁବନେଶ୍ୱର ତରଫରୁ ଓଡ଼ିଶାର ୧୫ ଟି ଜିଲ୍ଲାରେ ମେ ୧ ତାରିଖରୁ ମେ ୩୦ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର ଚାଲିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଥମ ଥର ବୀରମିତ୍ରପୁର ଜାଗ୍ରୀତି ଉଚ୍ଚ ବିଦ୍ୟାଳୟରେ ମଧ ମେ ୧ ତାରିଖରୁ ଖୋଖୋ ତାଲିମ ଶିବିର ଚାଲିଛି ଓ ତାଲିମ ଶିବିରରେ ୨୪ ଜଣ ବାଳକ ଓ ୨୨ ଜଣ ବାଳିକା ତାଲିମ୍ ନେଉଥିବା ବେଳେ କୋଚ୍ ଦାୟିତ୍ୱରେ କ୍ରୀଡ଼ା ବିଭାଗ ତରଫରୁ ଅନିଲ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ତରଫରୁ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ମଧ ଚିଠି ମାଧମରେ ଜଣାଇ ଦିଆଯାଇଛି। ଲେଫ୍ରିପଡକ୍ଷ ବ୍ଲକ ନୂଆଡିହି ରେ ମେ ୧୨ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଓ ଟଙ୍କଧର ଉଚ୍ଚ ବିଦ୍ୟାଳୟ ନୂଆଡିହିର ମିଳିତ ଆନୁକୁଲ୍ୟରେ ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର ଉଦ୍ଘାଟିତ ହୋଇଯାଇଛି। ୧୪ ତାରିଖ ବୁଧବାର ଦିନ ୮ ଜଣ ଝିଅ ଏବଂ ୯ ଜଣ ପୁଅ ତାଲିମ ନେଉଥିବା ବେଳେ ତାଲିମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ୪ ଜଣ ଖେଳ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଏଠାରେ ଆସନ୍ତା ମାସ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ଚାଲିବ, ଏଥି ପାଇଁ ଟଙ୍କଧର ଉଚ୍ଚ ବିଦ୍ୟାଳୟ ନୂଆଡିହିର ସଲିଲ ପଟେଲ, ସରକାରୀ ଉଚ୍ଚ ବିଦ୍ୟାଳୟ ଗର୍ଜନବାହାଲର ଭବାନୀ ଶଙ୍କର ଛଛକ୍ଷନ, ସରକାରୀ ୟୁଜିଏଚଏସ କୁଲବାର ମାନସ ରଞ୍ଜନ ବେହେରା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଛତାସର୍ଗୀର ରଞ୍ଜନ ପଟେଲଙ୍କୁ ତାଲିମ ପାଇଁ ଦାୟିତ୍ୱ ଦିଆଯାଇଛି।

# ରାମଲୀଳା ମହୋତ୍ସବ ୬୮ ବର୍ଷ ପରେ ବି କଟାପାଲିକୁ ମିଳିନି ସରକାରୀ ଅନୁଦାନ

**ବରଗଡ଼,୧୪।୫ (ସଂଚାର ବ୍ୟୁରୋ):** ଭିନ୍ନ ଏକ ଗାଁ କଟାପାଲି। ଯେଉଁଠି ୧୦ ଦିନ ଧରି ଖୋଲା ମଞ୍ଚରେ କଳାକାରମାନେ ମହାନ ପୌରାଣିକ ରାମାୟଣ



ନିଖୁଣ ଅଭିନୟ କରିଥାନ୍ତି। ଯେଉଁଠି ଗ୍ରାମବାସୀ ସମଗ୍ର ବିଶ୍ୱବାସୀଙ୍କୁ ପ୍ରଭୁ ଶ୍ରୀରାମଙ୍କ ଚରିତ୍ର, ନୀତି, ଆଦର୍ଶ ସହିତ ଆଧ୍ୟାତ୍ମିକ ଭାବନା ଚେତନା ଜାଗ୍ରତ କରିବା ପାଇଁ ନିଆରା ପରମ୍ପରା ବଜାୟ ରଖିଛନ୍ତି। ଅସତ୍ୟ ଉପରେ ସତ୍ୟର ବିଜୟ, ଅଧର୍ମ ଉପରେ ଧର୍ମର ଜୟ, ଭାଇଚାରା ବାର୍ତ୍ତା ନେଇ ଦୀର୍ଘ ୬୮ ବର୍ଷ ଧରି ଗାଁରେ ୧୦ ଦିନ ଧରି ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଭଳିଆ ଖୋଲାମଞ୍ଚରେ ରାମଲୀଳା ଯାତ୍ରା ମହୋତ୍ସବ ଆୟୋଜନ ସମଗ୍ର ବିଶ୍ୱରେ ଏକ ଭିନ୍ନ ଇତିହାସ ସୃଷ୍ଟି କରିଛି। ୧୯୫୭ ମସିହାରେ ବରଗଡ଼ ସହର ନିକଟ କଟାପାଲି ଗ୍ରାମବାସୀ ୫୦ ଟଙ୍କା ଖର୍ଚ୍ଚ କରି ରାମଲୀଳା ମହୋତ୍ସବ ଆରମ୍ଭ କରିଥିଲେ। ଚଳିତ ବର୍ଷ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ବହୁ ବର୍ଷ ଧରି ଏହି ରାମଲୀଳା ମହୋତ୍ସବକୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ଗ୍ରାମବାସୀ ବହୁବାର ପ୍ରଶାସନ ଓ ସରକାରଙ୍କ ପାଖରେ ଗୁହାରି କରି ଆସୁଥିଲେ ବି କେହି ଶୁଣୁନାହାନ୍ତି। ବିଳମ୍ବିତ ରାତି ଯାଏ ହଜାର ହଜାର ଦର୍ଶକ ମନଭରି ରାମଲୀଳା ମହୋତ୍ସବରେ ମହାରାଜା ରାବଣଙ୍କ ଅଟ୍ଟହାସ୍ୟ ଓ ଶ୍ରୀରାମ, ଲକ୍ଷ୍ମଣଙ୍କ ଅଭିନୟକୁ ବେଶ ଉପଭୋଗ କରୁଛନ୍ତି।। ବହୁ ବର୍ଷ ଧରି ଏହି ରାମଲୀଳା ମହୋତ୍ସବକୁ ରାଜ୍ୟ କିମ୍ବା କେନ୍ଦ୍ରରୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ଗ୍ରାମବାସୀ ବହୁବାର ପ୍ରଶାସନ ଓ ସରକାରଙ୍କ ପାଖରେ ଗୁହାରି କରି ଆସୁଛନ୍ତି। ଲିଖିତ ଭାବେ ମଧ୍ୟ ଜଣାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କଟାପାଲି ରାମଲୀଳା ମହୋତ୍ସବକୁ ସରକାର ଟଙ୍କାଟିଏ ସରକାରୀ ଅନୁଦାନ ପ୍ରଦାନ କରିନାହାନ୍ତି।

# ପ୍ରସ୍ତାବିତ ଗୋଳାବାରୁଦ କାରଖାନାକୁ ଗ୍ରାମବାସୀଙ୍କ ବିରୋଧ

**ଭଞ୍ଜନଗର,୧୪।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ କୁତୁଡାଇ ପଞ୍ଚାୟତ ନେତେରେଇ ପାହାଡ଼ ତଳେ ଏକ ଘରୋଇ କମ୍ପାନୀ ପକ୍ଷରୁ ଗୋଳାବାରୁଦ କାରଖାନା ନିର୍ମାଣ ପାଇଁ ଯୋଜନା ଚାଲିଛି। ତେଣୁ ଏହାର ପ୍ରତିବାଦରେ ଏକ ସଭା ନେତେରେଇ ପାହାଡ଼ ତଳେ ବୁଧବାର ହୋଇଥିଲା। ଗୋଳାବାରୁଦ କାରଖାନା ପରି ଏକ ବିଷାକ୍ତ କାରଖାନାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ। ତେଣୁ ସମସ୍ତେ ଦଳମତ ନିର୍ବିଶେଷରେ ଉକ୍ତ ପ୍ରକଳ୍ପ ବିରୋଧରେ ଏକାଠି ହେବାକୁ ସଭାରେ ଯୋଗ ଦେଇଥିବା ନେତାମାନେ ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଚାଷୀ ମୁଲିଆ ସଂଘ, ଓଡ଼ିଶା (ଏଆଇକେଏମ୍‌କେଏସ୍)ର ବ୍ଲକ କମିଟି ସାଥୀ ସଞ୍ଜୟ ନାୟକଙ୍କ ଆହ୍ୱାନରେ ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ କୁମାର ଗୟା, ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ରାଜ୍ୟ ନେତା ନିରାକାର ନାୟକ, ବ୍ଲକ ସମ୍ପାଦକ ଶିବରାମ ନାଇକ, ଲଡ୍ଡୁ ନାଇକ, ବସନ୍ତ କୁମାର ନାଇକ, ଶମ୍ଭୁ ନାୟକ, ଚିତ୍ରସେନ ପଲ୍ଲାଇ,ପୀତବାସ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାରୁଦ କାରଖାନା ବିରୋଧରେ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ, ପାହାଡ଼ ତଳେ ବାରୁଦ କାରଖାନା ନିର୍ମାଣ ହେଲେ ସମ୍ପୃକ୍ତ ଅଞ୍ଚଳର ୨୭ ଖଣ୍ଡ ରାଜସ୍ୱ ଓ ଜଙ୍ଗଲ ଗ୍ରାମବାସୀ ପ୍ରଭାବିତ ହେବେ। ପରିବେଶ ପ୍ରଦୂଷଣ ବଢ଼ିବ। ଦୀର୍ଘ ବର୍ଷ ଧରି ଚାଷ କରି ଆସୁଥିବା ଲୋକେ ଜୀବନ ଜୀବିକା ହରାଇବେ।

# ସିବିଏସ୍‌ଇ ପରୀକ୍ଷାରେ ଅଞ୍ଚଳ ପାଇଁ ଗୌରବ ଆଣିଲେ ଅନନ୍ୟା

**ଦଶରଥପୁର, ୧୪।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ ସିବିଏସସି ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ସମଗ୍ର ଦଶରଥପୁର ବ୍ଲକ ପାଇଁ ସଫଳତା ଆଣିଛନ୍ତି ଅନନ୍ୟା ରାଉଳ। ସୂଚନା ଅନୁସାରେ ମଲ୍ଲୀକାପୁର ସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ରାଉଳ। ଚଳିତ ବର୍ଷ ସେ ୫୦୦ ମାର୍କରୁ ୪୭୬ମାର୍କ ଅର୍ଥାତ ୯୫.୨% ରଖି ବ୍ଲକ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର ଗ୍ରହଣ କରିଛନ୍ତି। ଅନନ୍ୟାଙ୍କ ଘରଦଶରଥପୁର



ବ୍ଲକ ଦତ୍ତପୁର ପଞ୍ଚାୟତସ୍ତ ଅର୍ଦ୍ଧାଉଳିଆ ଗ୍ରାମରେ ହୋଇଥିବାବେଳେ ତାଙ୍କ ମା ଜଣେ ଗୃହିଣୀ ଓ ବାପା ଜଣେ ଡ୍ରେସ ତିଆରି ମିସ୍ତ୍ରୀ ଅଟନ୍ତି। ଅତି ସାଧାରଣ ପରିବାରର ଝିଅ ଅନନ୍ୟାଙ୍କର ଏଭଳି ସଫଳତା ପାଇଁ ତାଙ୍କୁ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, କୋରେଇ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ତଥା ଦଶରଥପୁର ବ୍ଲକର ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଦତ୍ତପୁର ପଞ୍ଚାୟତର ସରପଞ୍ଚ ଶୁଚିସ୍ମିତା ମହାନ୍ତି, ଦତ୍ତପୁର ପଞ୍ଚାୟତର ସମିତି ସଭ୍ୟା ସୁକାନ୍ତି ସାହୁ, ବିଜେପି ଯୁବନେତା ଅଜୟ କୁମାର ରାଉତ, ସମାଜସେବୀ ବିକ୍ରମ କୁମାର ରାଉତ, ଦୁଦୁରାଅନ୍ତା ପଞ୍ଚାୟତର ପୂର୍ବତନ ସରପଞ୍ଚ ହିମାଦ୍ରି ଭୂଷଣ କୁଅଁର, କଣ୍ଟପଡା ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ୟାରୀମୋହନ ରାଉତ, ବିଜେଡି ଯୁବନେତା ତୁଷାର ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଥିବାବେଳେ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।ଅନନ୍ୟା ତାଙ୍କର ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ପରିବାର ବର୍ଗଙ୍କୁ ଦେଇଥିବାବେଳେ ପ୍ରତେକ ଦିନ ୮/୧୦ ଘଣ୍ଟା ପରିଶ୍ରମ କଲେ ଏଭଳି ସଫଳତା ମିଳିପାରିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଆନ୍ଦୋଳନ ପରେ ବି ପୂରଣ ହେଉନି ପଦବୀ: ପୁଣି ଆନ୍ଦୋଳନ ପାଇଁ ସଜବାଜ

**ଦାରିଙ୍ଗବାଡି,୧୪।୫ (ସଂଚାର ବ୍ୟୁରୋ):** କୃଷି କ୍ଷେତ୍ରରେ ବିକାଶ ପାଇଁ ହେଉକି ସାଧାରଣ ବଣ୍ଟନରେ ହେଉ କିମ୍ବା ବିହନ ବଣ୍ଟନ ସହ ମିନି ବ୍ୟାଙ୍କ ଜରିଆରେ ଲୋକଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଦାରିଙ୍ଗବାଡି ବୃହଦାଗାର ବହୁମୁଖୀ ସମବାୟ ସମିତି ଲିମିଟେଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। କିନ୍ତୁ ଏବେ ଏହି




ସମବାୟ ସମିତିରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରୁଛନ୍ତି। ଫଳରେ ସମୟ ଅନୁସାରେ ବୋର୍ଡ ବୈଠକ ହୋଇପାରୁନଥିବା ବେଳେ ସମିତିରେ ରହିଥିବା ଏକାଧିକ ବଣ୍ଟନକେନ୍ଦ୍ରର ସେଲ୍ସମ୍ୟାନ ପଦବୀ ଖାଲି ପଡିଛି। ତାକୁ ପୂରଣ କରିବାକୁ ପୂର୍ବରୁ ଦାବି ହୋଇଆସୁଥିବା ବେଳେ ଗତ ମାର୍ଚ୍ଚ-୨୦ରେ ସମିତିର ବୋର୍ଡ ସଦସ୍ୟମାନେ ଅନଶନରେ ବସିଥିଲେ। ପରଦିନ ବୋର୍ଡ ବୈଠକ ନିୟମିତ କରାଯିବା ସହ ଖାଲି ରହିଥିବା ସେଲ୍ସମ୍ୟାନ ପଦବୀ ପୂରଣ କରାଯିବା ପାଇଁ ପ୍ରତିଶୃତି ମିଳିବା ପରେ ଅନଶନ ଭଙ୍ଗ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ନା ବୋର୍ଡ ବୈଠକ ବସିଛି ନା ଖାଲି ପଦବୀ ପୂରଣ ହୋଇପାରିଛି। ତାକୁ ନେଇ ପୁଣି ଅସନ୍ତୋଷ ତେଜିବା ସହ ବୋର୍ଡ ସଦସ୍ୟମାନେ ପୁଣି ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ବୋର୍ଡ ସଦସ୍ୟ ଚକ୍ରଧର ମଲିକ, ସାଧୁ ନାୟକ, ପଠାଣ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ସେହିପରି ଏନେଇ ସମିତିର ଅଧ୍ୟକ୍ଷ ଲିଲିମା ପ୍ରଧାନ ସମିତିର ପରିଚାଳିକା ବିଷ୍ଣୁପ୍ରିୟା ପ୍ରଧାନଙ୍କୁ ୭ ଦିନ ମଧ୍ୟରେ ଜବାବ ଦେବାକୁ ଚିଠି ଲେଖିଛନ୍ତି।

# ଅଧେ ଅଧେ ନୀତିରେ କାରବାର ବଢ଼ିଚାଲିଛି ଦୁର୍ନୀତି

**ବାଲିଆପାଳ,୧୪।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଜନସାଧାରଣ ବାରମ୍ବାର ଏ ନେଇ ଅଭିଯୋଗ କରୁଥିବା ବେଳେ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ି ଚାଲୁଥିବା ଦେଖା ଯାଉଛି! ଅଧିକାରୀମାନେ ସରକାରୀ ନୀତି ନିୟମକୁ ମୋଡି ମକଚି ମର୍ଜୀରେ କାମ କରୁଛନ୍ତି ସାଧାରଣ ଜନତା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ପଡ଼ିଲେଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବରିଷ୍ଠ ପ୍ରଶାସନିକ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନି। କାର୍ଯ୍ୟାନୁଷ୍ଠାନ ଦୂରର କଥା ଅଭିଯୋଗର ତଦନ୍ତ ମଧ୍ୟ ହେଉନି। ତଳୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ସମ୍ପୃକ୍ତ ରହିଥିବା ଅଭିଯୋଗ ହେଉଛି। ବିଭିନ୍ନ ଯୋଜନାରେ ଆସୁଥିବା ଟଙ୍କାକୁ ଚଞ୍ଚକତା ପୂର୍ବକ ହଡପ କରି ଅଧେ ଅଧେ ନୀତିରେ କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଅନ୍ୟ ପଟେ ସମସ୍ୟା ମଧ୍ୟରେ ସନ୍ତୁଳିତ ହେଉଛନ୍ତି ବାଲିଆପାଳ ବ୍ଲକର ବିଭିନ୍ନ ପଂଚାୟତବାସୀ।ଉଦାହରଣ ସ୍ୱରୂପ ଦୀର୍ଘ ବର୍ଷ ହେବ କାମ ହେଉଛି ପାଣି ଟାଙ୍କି କିନ୍ତୁ ଅର୍ଥ ଖର୍ଚ୍ଚ ହେଉଛି ପ୍ରତିବର୍ଷ ପାଣି ସମସ୍ୟା ଦୂର ହେଉ ନାହିଁ ବାଲିଆପାଳ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କାଗଜପତ୍ରରେ ଚଞ୍ଚକତା କରି ଅର୍ଥ ହଡପ କରାଯାଉଛି। ଲୋକଙ୍କୁ ଭୁଆଁ ବୁଲାଇ ଲୋକ ପ୍ରତିନିଧିଙ୍କୁ ଜାଣତରେ ପ୍ରାୟ ସ୍ଥାନରେ ଏ ସବୁ କାର୍ଯ୍ୟ ଚାଲିଛି। ଅଭିଯୋଗ କରି ଲୋକେ ଥକି ପଡୁଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦୂର କଥା ତଦନ୍ତ ମଧ୍ୟ ହେଉନି। ମାଳ ମାଳ ସମସ୍ୟାରେ ଲୋକେ ଛନ୍ଦି ହେଉଛନ୍ତି। ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନି। କାରଣ ବରିଷ୍ଠ ଅଧିକାରୀଙ୍କ ଛତ୍ର ଛାୟା ତଳେ ରହି ଏଭଳି ବେନିୟମ କାର୍ଯ୍ୟ କରୁଛନ୍ତି। ହଡପ ଅର୍ଥକୁ ଭାଗ ବାଣ୍ଟି ନେଉଛନ୍ତି ବୋଲି ଚର୍ଚ୍ଚା ହେଉଛି।ହେଉଥିବା ବିଭିନ୍ନ ଗଣମାଧ୍ୟମରେ ତଥ୍ୟ ସହ ପ୍ରକାଶ ପାଉଛି। ଯେପରିକି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ଓ ପରିମଳ ବିଭାଗ, ଯୋଗାଣ ବିଭାଗ, ଜଳ ସେଚନ ବିଭାଗ, ମନରେଗା ଆଦିରେ ବ୍ୟାପକ ଦୁର୍ନୀତି ହେଉଛି। ବିଭିନ୍ନ ଯୋଜନାରେ ଆସିଥିବା କୋଟି କୋଟି ଟଙ୍କା ହଡପ କରାଯାଇଛି। କେଉଁଠି ନିମ୍ନମାନର କାମ କରାଯାଉଛି ତ କେଉଁଠି ଆଦୌ କାମ ନକରି ସରକାର ବଦଳିଥିବା ବେଳେ ବାଲିଆପାଳ ବ୍ଲକ ଅଞ୍ଚଳରେ ବଢିଥିବା ଦୁର୍ନୀତିରେ ରୋକ ଲାଗିବ ବୋଲି ଲୋକେ ଆଶା ବାନ୍ଧିଥିଲେ। ମାତ୍ର ଦୁର୍ନୀତି ବଢ଼ୁଥିବା ଦେଖା ଯାଉଛି। ଅଧିକାରୀଙ୍କ ଅର୍ଥଖୋର ମାନସିକତା ପରିବର୍ତ୍ତନ ଆସୁନି କାର୍ଯ୍ୟାନୁଷ୍ଠାନ ଭୟ ନଥିବାରୁ ଦୁର୍ନୀତି ବଢ଼ି ଚାଲିଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବୀ ହୋଇଛି।

**କାର୍ଯ୍ୟାନୁଷ୍ଠାନକି ତଦନ୍ତ ହେଉନି**
**ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି**

# ସ୍ୱତନ୍ତ୍ର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ନିଯୁକ୍ତି ପାଇଁ ନିବେଦନ

**ବ୍ରହ୍ମପୁର,୧୪।୫(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସତ୍ୟପାଠ କରିବା ନିମନ୍ତେ ସ୍ୱତନ୍ତ୍ର ରୂପେ ଜଣେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଙ୍କୁ ନିଯୁକ୍ତ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ଲୋକଙ୍କର କୌଣଷି ପ୍ରକାର ସତ୍ୟପାଠ କରିବା ନିମନ୍ତେ ନୋଟାରୀ କିମ୍ବା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ପାଖକୁ ଯିବାକୁ ପଡେ। ଓଡିଶା ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ପ୍ରକାରେ ବହୁ ଗୁଡିଏ ମୁଖ୍ୟ ସତ୍ୟପାଠ କେବଳ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ନିକଟରେ ହିଁ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ଆମ ବ୍ରହ୍ମପୁର ସହରରେ କେବଳ ଉପଜିଲ୍ଲାପାଳ ଓ ତହସିଲଦାର କାର୍ଯ୍ୟାଳୟରେ ବହୁ କମ ସଂଖ୍ୟକ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ମାନେ ଅଛନ୍ତି। ସେମାନେ ଅପରାହ୍ନରେ କିଛି ସମୟ ବାହାରକରି ସତ୍ୟପାଠ କରୁଛନ୍ତି ଏବଂ ବହୁ ସମୟରେ ଦେଖାଯାଉଛି କି ଅନ୍ୟ କାମ ପଡ଼ିଗଲେ ସେମାନେ କାର୍ଯ୍ୟାଳୟ ଆସିପାରୁ ନାହାନ୍ତି। ଫଳରେ ଓକିଲ ଓ ତାଙ୍କର ମହକିଲ ମାନେ ନାହିଁ ନଥିବାର ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଦୈନିକ ଶହେରୁ ଊର୍ଦ୍ଧ୍ୱ ସତ୍ୟପାଠ ହେବାକୁ ଥିବା ବେଳେ ଜଣକର ଶପଥପାଠ ପାଇଁ ଅତି କମରେ ପନ୍ଦର ମିନଟରୁ କୋଡିଏ ମିନଟ ସମୟ ଲାଗୁଛି। ଯାହାକି ସମୟ ସାପେକ୍ଷ। ଏଭଳି କ୍ଷେତ୍ରରେ ବ୍ରହ୍ମପୁର ମହାନଗରରେ ମହକିଲ ମାନଙ୍କ ହିତ ଦୃଷ୍ଟି ରୁ ସ୍ୱତନ୍ତ୍ର ରୂପେ କେବଳ ସତ୍ୟପାଠ କରିବା ନିମନ୍ତେ ଏକ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ନିଯୁକ୍ତ କରିବାକୁ ସଂଘ ସଭାପତି ନିବେଦନ କରିଛନ୍ତି।